ଲୁହ ଆଉ ଲହୁ

12 OCT 1958

ସ୍ରଷ୍ଟା—ନା. ପୁ. ଜ

ପ୍ରକାଶକ—

ଆସୋସିଏଟେଡ଼୍ ପବ୍ଲିସର୍ସ

କଟକ-୨

ପ୍ରଥମ ସଂସ୍କରଣ

୧୯୫୮

ମୂଲ୍ୟ— ଏକଟଙ୍କା ପଚସ୍ତରୀ ନୟାପଇସା

ଠ ୧ ୪

ତାର ଚରଣ ତଳେ—

ଯାହାର ସ୍ନେହମମତା ଶୈଶବଦିନ ଠାରି ମତେ ଦୁନିଆ ଭିତରେ ମୋହ ମାୟାରେ ବାନ୍ଧି ରଖିଛି, ସାହାଯ୍ୟ ସହାନୁଭୂତି ମୁଣ୍ଡ ଟେକି ଚାଲିବାର ସୁବିଧା ଦେଇଛି, ପ୍ରେରଣା ମୋର ମନୁଷ୍ୟତାକୁ ବିକାଶ କରିବାରେ ସୁଯୋଗ ଦେଇଛି, ଅନାବିଲ ପ୍ରେମ ସତ୍ୟ ଓ ନ୍ୟାୟ ଉପାସନାରେ ନିଷ୍ଠା କରିବାର ଅବକାଶ ଦେଇଛି ଅବିଛେଦ ମତେ ସବୁଦିନ ନିରାଶ୍ରୟ ଓ ନିଃସହାୟ କରି ରଖିଛି ।

—ଲେଖକ—

ଶ୍ରୀ ଉତ୍କଳ ସଂଘ ଲାଇବ୍ରେରୀ
ନଂ. ୬/୧୩
ତା...............
ରାଉରକେଲା

ସେତେବେଳେ ସେଥିଲା ମୋର ମନମୃଗାବକ ବର୍ଣ୍ଣର, ରଙ୍ଗର, ଉଚ୍ଚର ଏବଂ ପାଖାପାଖି ମୋର ବୟସର । ତାର ଅପୁରନ୍ତ ଯୌବନକୁ ଲୁଟି ନେଇ ମାଦକଭରା ଗନ୍ଧକୁ ଉପଭୋଗ କରିବାର ବାସନା ନଥିଲା ମୋର । ଆତ୍ମା ସହିତ ଆତ୍ମାକୁ ମିଶାଇ ଦେଇ ଦହଗଞ୍ଜିଆ ଜୀବନର ଉବଟଙ୍କା କଙ୍କାଳକୁ, ତାର ଦରଫୁଟା ସୁକୋମଳ ଶରୀର ମଧ୍ୟରେ ମିଳେଇ ଦେବା ପାଇଁ ମନର ସରାଗ ଘେନେଇ ଉଠୁଥିଲା । ଠିକ୍ ସେତିକିବେଳେ ହୃଦୟର ନିଭୃତ କୋଣରେ ଭବିଷ୍ୟତ ଆଶାର କ୍ଷୀଣ ଆଲୋକ ମିଞ୍ଜି ମିଞ୍ଜି ହୋଇ ଜଳି ଉଠୁଥିଲା ମୋର ।

ମୁଁ ତାକୁ ଭଲ ପାଏ—ଅତି ଭଲ ପାଏ—ଜୀବନ ଠାରୁ ଅଧିକ ଭଲପାଏ—ସେଇଥିପାଇଁ ମୋର ଅନ୍ତର ଭିତରେ ତାକୁ ଚିରଦିନ ବାନ୍ଧି ରଖିବାକୁ ଚାହେଁ । ଠିକ୍ ଯେମିତି ଆତ୍ମା ସହିତ ଦେହର ଅବିଚ୍ଛେଦ୍ୟ ବନ୍ଧନ କେଉଁ ଆଦିମ ଯୁଗରୁ ରହି ଆସିଛି— ମୁଁ ନିଜକୁ ଭୁଲି ଯାଇଛି ଏବଂ ନିଜ ପାଇଁ କେବେହେଲେ ଚିନ୍ତା କରି ନାହିଁ କେବଳ ତାରି ପାଇଁ—ଅନୁଭବ କରେ ସତେ ଯେମିତି ତାକୁ ଭଲ ପାଇ ତାର ଶୁଭ କାମନା କରିବା ପାଇଁ ମୋର ଜନ୍ମ । ଯଦିଓ ମୁଁ ଚାହୁଁ ନଥିଲି ତାକୁ ବନ୍ଦୀ ହୋଇ ତା ସହିତ ଗୋଟିଏ ସାଂସାରିକ ସମ୍ବନ୍ଧରେ ଅବଦ୍ଧ ରହିବା ପାଇଁ

ତଥାପି ମୋ ଦେହସର ମଧ୍ୟରୁ ବାଦ୍ ଦେବାପାଇଁ, ହୃଦୟରୁ କାଢି ଦେବାପାଇଁ ଏବଂ ମନରୁ ପୋଛି ଦେବା ପାଇଁ ମୁଁ କେବେହେଁ କଳ୍ପନା କରି ନଥିଲି—ତାର ଶାନ୍ତିଭରା ଆଉ ମନହରା ରୂପଟିକୁ ଏ ଲୁହଭରା ଅମାନିଆ ଆଖି ଦୁଇଟିରେ ସବୁଦିନେ ଦେଖି ଦେଖି, ହୃଦୟ ଥରା ଏବଂ ସୁଧାଭରା ନାଆଁ ଟିକୁ ତାର ଶୁଖିଲା ଓଠ ଦୁଇଟିରେ ସବୁବେଳେ ଜପି ଜପି, ତାର ଶୁଭ କାମନାକୁ ହନ୍ତ-ସନ୍ତଆ ଜୀବନର ଷାଗଡ଼ାନ୍ତ ମୁଣ୍ଡ ଭିତରେ ଚିନ୍ତା କରିକରି ଏବଂ ତାର ଦୁଃଖଭରା ଛବିଟିକୁ କୋହଭରା ହୃଦୟରେ ଚିରଦିନ ପାଇଁ ଅଙ୍କି ରଖି ଏ ନଗଣ୍ୟ ଜୀବନକୁ କଟାଇ ଦେବା ପାଇଁ ମନର ବାସନା ମୋର ପ୍ରବଳ ହୋଇ ଉଠୁଥିଲା । ତାର ଛବିକୁ ପୂଜା କରି ଝୁରିମରିବା ପାଇଁ ଭଗବାନ ମତେ ଜନ୍ମଦେଇଛନ୍ତି । ମୁଁ ଜାଣେ ନାହିଁ ଦୁନିଆର ସୁଖ ସ୍ୱାଚ୍ଛନ୍ଦ୍ୟ ଓ ଭୋଗ ବିଳାସର ସଜ୍ଞା କେଉଁଠି ? ଭଗବାନଙ୍କର ଚିହ୍ନବର୍ଣ୍ଣ ମଧ୍ୟ ମତେ ଜଣା ନାହିଁ । ଭଲ ମନ୍ଦ ଆଉ ପାପ ପୁଣ୍ୟ ବିଚାର କରିବାର ଶକ୍ତି ମୋର ନାହିଁ, କି ଶ୍ଳୋକ ଆଉ ମନ୍ତ୍ରକୁ ଆବୃତ୍ତି କରି ଈଶ୍ୱରଙ୍କୁ ପୂଜା କରିବାର ଜ୍ଞାନ ବି ନାହିଁ ।

ତାକୁଇ ଆଖି ଆଗରେ ରଖି ତାର ମଙ୍ଗଳ ପାଇଁ ଚିନ୍ତା କଲେ ସତେ ଯେମିତି ମୋର ଶରୀର ଓ ଆତ୍ମା ମଧ୍ୟରେ ଗୋଟିଏ ନୂତନ ଶକ୍ତି ଚେଇଁ ଉଠେ । ତାକୁଇ ମୋର ଦେହସର ଭିତରେ ରଖି ତାର ନାଁକୁ ଖାଲି ଜପିଲେ ଈଶ୍ୱର ସୃଷ୍ଟି ଭିତରେ ଗୋଟିଏ ଜୀବନ୍ତ ସୃଷ୍ଟି ହିସାବରେ ଯେତେ ପାପ ଓ ଅନ୍ୟାୟ କରିଛି ସେଥିରୁ ମୁକ୍ତି ପାଇଲା ଭଳି ଅନୁଭବ କରେ । ତାକୁ ପୂଜା କରିବା, ତାକୁ ସ୍ନେହ କରିବା, ତାକୁ ଭକ୍ତି କରିବା ଏବଂ ତାକୁ ପ୍ରେମ କରିବାହିଁ ମୋର କର୍ତ୍ତବ୍ୟ—ତାର ପ୍ରେମ ଭିତରେ ପାଏ ମୁଁ ଭଗବାନଙ୍କର

ନିଦର୍ଶନ ଆଉ ଚିହ୍ନ, ତାର ରୂପ ଭିତରେ ପାଏ ମୁଁ ସତ୍ୟ ଆଉ ସୁନ୍ଦର—ତାର କଥା ଭିତରେ ପାଏ ମୁଁ ପ୍ରେରଣା ଆଉ ଜାଗରଣ ।

ହଁ ମୁଁ ଭଲପାଏଁ । ଖୁବ୍ ଭଲପାଏ—ମୋର ଶରୀର ଓ ଆତ୍ମାର ସମସ୍ତ ଶକ୍ତି ତାର ପାଖରେ ସ୍ୱତଃ ନଇଁ ପଡେ—ବେଳେ-ବେଳେ ମୁଁ ସେଥିରେ ଆତ୍ମ ବିଭୋର ହୋଇ କେଉଁ ସ୍ୱପ୍ନ ରାଜ୍ୟରେ ଘୂରି ବୁଲେ ପାଗଳଙ୍କ ପରି ।

ସେ ବି ମତେ ସ୍ନେହ କରେ, ଭକ୍ତିକରେ ଆଉ ଆଦର କରେ ଅବଶ୍ୟ ପ୍ରତିଦାନର ନିଦର୍ଶନରେ ନୁହେଁ—ବଳେ ବଳେ ତାର ହୃଦୟ ଆଉ ମନ ନଇଁ ଆସେ ମୋର ଆଡ଼େ । ମତେ ସେ ଭଲପାଏ ପ୍ରାଣଭରି ମନ ଦେଇ ଆଉ 'ହୃଦୟ ଖୋଲି' । ମୁଁ ଦେଖେ ସେ ନିର୍ବାକ ହୋଇ ନିର୍ବୋଧ ଶିଶୁଙ୍କ ଭଳି ଚାହିଁ ରହି-ଥାଏ ମୋର ଆଡ଼େ ।

ସେ ସ୍ନେହରେ ମୋ ପାଖରେ ବସି କେତେ କଥା କହେ, କେତେ କଥା ବୁଝାଏ, କେତେ କଥା ଶିଖାଏ ଠିକ୍ ଗୋଟିଏ ଅବୁଝିଆ ଶିଶୁକୁ ମାଆ ବାରକଥା କହି ତାର ମନକୁ ଭୁଲାଇଲା ପରି । ପୁଣି ସେ ମୋର ଶ୍ୱଭ ମନାସୀ ଠାକୁରଙ୍କୁ ଡାକେ, ଉଇଁ ସମ୍ଭଲେ ସଞ୍ଜ ଦିଏ, ଦେବତା ପାଖରେ ଘଣ୍ଟି ବଜାଏ, ମୁଣ୍ଡିଆ ମାରେ, ମାନସା ସହେ, ଦାଣ୍ଡର ଗ୍ରୁଠ ଭିକାରୀଙ୍କୁ ଭିକ ଦିଏ ଆଉ କୁଆ ଚିମ୍ପୁଡିଙ୍କୁ ଆଧାର ଦିଏ ।

ମୋର ଫେରିବା ବାଟକୁ ସେ ଚାହିଁ ରହିଥାଏ । ମୁଁ ଆସେ—ମୋର ପାଖରେ ବସି କେତେ ଗପ କରେ କେତେ ଗେଲ୍ହ କରେ କେତେ କଥା ଝିଙ୍ଗାସେ, କେତେ ଅଭି-ମାନ କରେ, କେତେ ଆଉ ଲୁହ ଦିଏ, କେତେ ଶପଥ କରେ, ଆଉ ମତେ କେତେ ତାଗିଦ କରେ । ମୋର ମନରେ କେତେ

ସେ ଉନ୍ମାଦନା ଦିଏ ପ୍ରେରଣା ବି ଦିଏ ସେ । ପୁଣି ନଈବନ୍ଧ ଉପରେ ଛିଡ଼ା ହୋଇ ମୋର ଫେରିବା ବାଟକୁ ଅପଲକ ନୟନରେ ଚାହିଁ ରହେ । ଆଖିରୁ ଲୁହ ଗଡ଼ାଏ—କେତେ କଥା ଭାବେ, କେତେ ମନରେ ଖୁସି ହୁଏ; ହସେ ଆଉ କେତେ କଳ୍ପନା କରେ ସେ ମନେ ମନେ ।

ମୋର ଭଲ ପାଇଁ, ମୋର ମଙ୍ଗଳ ପାଇଁ ଚିନ୍ତା କରିବା ଆଉ କାମ କରିବା ଯେମିତି ଥିଲା ତାର ଦୁନିଆରେ ଏକମାତ୍ର କର୍ତ୍ତବ୍ୟ । ମନରେ ମୋର ଟିକିଏ ଦୁଃଖ ଦେଖିଲେ ସେ ବ୍ୟଥିତ ହୋଇ-ପଡ଼େ, ସେ ଚାହେଁ ସବୁବେଳେ ମୋର ହସ ଆଉ ଖୁସି—ରଜା ଘର କାହାଣୀ ଠାରୁ ଆରମ୍ଭ କରି ଇତିହାସର ଗୌରବମୟ ଘଟଣା ଆଉ ପୁରାଣର ଧର୍ମାବଳୀ ପର୍ଯ୍ୟନ୍ତ ଗୋଟିଗୋଟିକରି ବାଛିବା ଦେଇ ମୋର ପାଖରେ କହୁ ବସେ—ମିଛ ସତ ଘଟଣାର ସୁଖ ଦୁଃଖ ମଧ୍ୟ ମୋର ପାଖରେ ବାଢ଼ିବସେ କେବଳ ମୋର ମନରେ ପରିବର୍ତ୍ତନ ଆଣି ମୁହଁରେ ହସ ଫୁଟାଇବ ବୋଲି ।

ଏମିତି କେତେଦିନ, କେତେ ରାତି, କେତେ ସକାଳ କେତେ ସନ୍ଧ୍ୟା କଟି ଯାଇଛି ମୋର, ତାର ପାଖରେ ବସି ତାର ସାଙ୍ଗରେ ହସିଖୁସି, ତାରଠାରୁ ଦରମଲା ଜୀବନର କେତେ ଦରଫଟା କାହାଣୀ ଶୁଣି—ଭୁଲି ଯାଇଥିଲି ମୁଁ ଅତୀତ ଜୀବନର ଦୁଃଖର ଦିନଗୁଡ଼ାକୁ—ଦୂରେଇ ଦେଇଥିଲି ମୁଁ ସେଇ ଅଭୁଲା ସ୍ମୃତି ଗୁଡ଼ିକୁ—ଆଡ଼େଇ ଦେଇଥିଲି ଜୀବନର ନିଆଁ ଲଗା ମୁହୂର୍ତ୍ତ ଗୁଡ଼ାକୁ କେବଳ ତାର ସାଥିରେ ସାଥି ହୋଇ ସାଙ୍ଗ ହୋଇ ଏବଂ ତାର ପ୍ରେମରେ ଅନ୍ଧ ହୋଇ—

ଥରେ ଏମିତି ଗୋଟିଏ ସନ୍ଧ୍ୟା । ଡାଆଣୀ ଆଲୁଅ କମେ ନଇଁ ଆସୁଥାଏ ଠିକ୍ ଯେମିତି ଦୁଃଖ ଆଉ ଜଞ୍ଜାଳ ଭରା ଗୋଟିଏ

ବୃଦ୍ଧା ଜୀବନର ସରସତା ନାହିଁ ଆସେ, ଅବିକଳ ଗୋଟିଏ ସଦ୍ୟ ପ୍ରସ୍ଫୁଟିତ ସରୋଜିନୀର କୋମଳତା ଧୀରେ ଧୀରେ ଝାଉଁଳି ଗଲା ପରି ।

ଅତୀତର ଇତିହାସକୁ ଅଭିଶପ୍ତ ଓଡ଼ିଆର ଶିଥିଳ ହୃଦୟରେ ଶିହରଣ ଖେଳାଉଥିବା ସେଇ ଅଡଙ୍ଗା ଆଉ ଅତୁଠା ପଥର ବନ୍ଧର କୋହଳତା କ୍ରମେ ଅପସରି ଯାଉଥାଏ—ଘାଟଯୋଡ଼ର ଆରପାରି ପାହାଡ଼ ଉପରୁ ହାଲିଆ ହୋଇ ବସାକୁ ଧାଇଁ ଆସୁଥିବା ପକ୍ଷୀଙ୍କ ସହିତ ସମାନ୍ତରାଳ କରି ଉଚ୍ଛୁଳା ନଈର ଭଉଁରି କାଟୁଛି ଅବିକଳ ଗୋଟିଏ ପ୍ରେମିକାର ବିଚ୍ଛେଦରେ ବିରହୀ ପ୍ରେମିକର ହୃଦୟରେ ଅତୀତର ଅଭୁଲା ସ୍ମୃତି ଗୁଡ଼ିକ ଘୂରିବୁଲିଲା ପରି ।

ସେତିକି ବେଳେ ସେ ଥିଲା ଆଗରେ—ମୁଁ ଥିଲି ପଛରେ ସ୍ନୋ ପାଉଡର ବୋଳା ଅଲ୍‌ରିଆ ବାଳଗୁଡ଼ାକ ଫୁରୁଫୁରୁ ହୋଇ ପିଠି ଉପରକୁ ଉଡ଼ି ପଡ଼ୁଥିଲା ତାର । ଠିକ୍ ପଛରେ ଚେଲି ନ ବାନ୍ଧି ନୁର୍ଚ୍ଚୁରି ଚାଲି କେଶର କହରି ମାରିଯାଉଥିଲା ମୋର । ବର୍ତ୍ତୁଳ ଆଉ ସୁକୋମଳ ଶରୀରକୁ ନୀଳମେଘୀ ସିଲ୍‌କର ଶାଢ଼ୀଟା ବେଶ୍ ସାଜୁଥିଲା ସେତେବେଳେ ତାକୁ—ଭୋକିଲା ଚକୋର ଉପରେ କପାସିଆ ସାଉଁସିଆ କନା ଖଣ୍ଡିକ ବେଶ୍ ମାନୁଥିଲା ମତେ । ଗୋଟିଏ ଚଳନ୍ତି ପ୍ରତିମା ପରି ଚାଲୁଥାଏ ଧୀରେ ଧୀରେ ! ଅଧୀର ଲହରି ମୋର ଗତି ଚାଲୁଥାଏ ଧାରା ଶ୍ରାବଣର ଅବିଶ୍ରାନ୍ତ ଧାରାପରି । ମନର ଉଦ୍‌ବେଗତା ଧାଇଁ ଯାଉଥିଲା ଅତୀତର ଦୁଃଖଭରା କାହାଣୀ ପାଖକୁ । ସେ ସେତେବେଳେ କହି ଚାଲିଥିଲା ମୋର କାହାଣୀ— ଗୋଟିଏ ଛୋଟିଆ ଆଉ ଗରିବ ପରିବାରର ଦୁଃଖପସରା ।

ରାଜା ମହାରାଜାଙ୍କ କାହାଣୀ, ବୀର ଯୋଦ୍ଧାଙ୍କ କୀର୍ତ୍ତି, ମୁନି-ଋଷିଙ୍କ ଯଶ, କଳାକାରଙ୍କ ନିପୁଣତା; ବୈଜ୍ଞାନିକମାନଙ୍କର

ଚମକତା ଏବଂ ନେତାମାନଙ୍କର ତ୍ୟାଗ ସିନା ପୁରାଣ ଶାସ୍ତ୍ର ଅଉ ଇତିହାସରେ ବର୍ଣ୍ଣନା କରାଯାଏ । ଲୋକେ ପଢନ୍ତି, ଖୁସି ହୁଅନ୍ତି, ଆଶ୍ଚର୍ଯ୍ୟ ହୁଅନ୍ତି, କେତେ କଥା ଶିଖନ୍ତି ବି । ଗରିବର ମର୍ମ-ଭେଦୀ ଦୁଃଖଭରା କାହାଣୀକୁ କିଏ ଶୁଣେ ବା ପଢେ ? ଦୁଃଖୀର ଦୁଃଖ ଲୋକଙ୍କୁ ଆଶ୍ଚର୍ଯ୍ୟ କରେ ନାହିଁ କିମ୍ବା ହୃଦୟରେ ଚମକତା ଦିଏ ନାହିଁ—ବଡ଼ ଲୋକଙ୍କୁ ରକ୍ତ ଦେଇ ତାଙ୍କର ଛିଡ଼ା ଅଙ୍ଗ ଠାରେ ଦରମଲା କଙ୍କାଳର ଭୋକିଲା ନିଆଁକୁ ଶାନ୍ତ କରିବା ପାଇଁ ହାତ ପତେଇ ମରେ ଅତି ବିକଳରେ ସିନା ? ତଥାପି ପୁରେ ନାହିଁ ପେଟ ଲିଭେନାହିଁ ତା'ର ହାଡ଼ ଦିହସା କଙ୍କାଳ । ଦହିଗଲା ଖରା, ହାଡଭଙ୍ଗା ବରଷା ଅଉ ଥଣ୍ଡଫଟା ଶୀତରେ ଖଟି ଖଟି ମରିବା ପରା ତାର ଧର୍ମ—ସେ ଲୋଡ଼ିନାହିଁ କେବେଁ ରହିବା ପାଇଁ ଶୀତତାପ ଖଞ୍ଜା ପ୍ରାସାଦ, ପିନ୍ଧିବା ପାଇଁ ଚକଚକିଆ ଅଖି ଝଲକା ପୋଷାକ କିମ୍ବା ଖାଇବା ପାଇଁ ମାଂସ ପଲାଉ । ସେ ଚାହେଁ ପେଟପୁରା ଗଣ୍ଡେ ଭାତ, ଦିହ ଢଙ୍କା ଖଣ୍ଡେ କନା, ଅଉ ଜୀବନ ବଞ୍ଚା ଖଣ୍ଡେ କୁଡିଆ—ସେତିକି ତାର ଲୋଡା, ସେତିକି ସେ ପାଇବାର ହକଦାର୍ । ସେଇଥି ପାଇଁ ସେ କରେ ହାଡ଼ଭଙ୍ଗା ପରିଶ୍ରମ । ନିୟତି ସହିତ ଯୁଦ୍ଧ ଏବଂ ପ୍ରକୃତି ଉପରେ ଚଢ଼ାଉ । ବଡଲୋକେ ସୁଖରେ ରହନ୍ତୁ । ଶାନ୍ତିରେ ଦିନ କାଟନ୍ତୁ, ସେମାନେ ଧନୀକ ହୁଅନ୍ତୁ, ଶାସକ ହୁଅନ୍ତୁ ବା ଶୋଷକ ହୁଅନ୍ତୁ ସେ ସେଥିରେ ହିଂସା କରେ ନାହିଁ କି ଦୁଃଖୀ କରେ ନାହିଁ । ପେଟପୁରା ଗଣ୍ଡେ ଖାଇବାକୁ ନ ମିଳିଲେ ସେ ସିନା କରେ ବିଦ୍ରୋହ—ସେତିକ ତାର ହୋଇଗଲେ ସେ ସବୁଦିନ ବଡଲୋକଙ୍କ ହାତଟେକା ହୋଇ ରହିବାକୁ ଚାହେ । ସେଇଥି ପାଇଁ ପରା ଶୋଷକ ଶ୍ରେଣୀଙ୍କୁ କହନ୍ତି—ଏଗୁଡାକ ରାଜଦ୍ରୋହୀ, ଦେଶ ଦ୍ରୋହୀ ଏମିତି କେତେ କ'ଣ ।

୬-ଲହୁ ଅଉ ଲହୁ

ମୁଁ ଥିଲି ଗୋଟିଏ ଗରିବ ଘରର ପିଲା । ଅତି ଗରିବ ଘର । ପିଲାଦିନୁ ବାପାଙ୍କୁ ହରାଇ କେବଳ ମାଆର ସ୍ନେହରେ ମଣିଷ ହୋଇ ଥିଲି । ଠିକ୍ ମୋର ମନେନାହିଁ ତଥାପି ଭାସି ଅଲ୍ପଅରେ ଝାପ୍‌ସା ଦେଖାଗଲା ପରି ଅତୀତର କେତେଗୁଡ଼ିଏ ଘଟଣା ମୋର ଆଜି ମନ ଭିତରେ ଚେଇଁ ଉଠୁଛି । ଯେଉଁଦିନ ରଜାଘର ଟୋପି ପିନ୍ଧା ସିପାହୀ ଲୋକ ଆସି ତାଙ୍କୁ ଧରି ନେଇ ଗଲେ ବୋଉ ମୁଣ୍ଡ ବାଡେଇ ଧାଇଁ ଯାଉଥାଏ ତାଙ୍କର ପଛେ ପଛେ ବାପାଙ୍କର ଜୀବନ ଭିକ୍ଷା ଆଶାରେ—ମୁଁ ସେତେବେଳେ ଥିଲି ଛୋଟିଆ ପିଲା । ଯଦିଓ ଜାଣି ପାରୁ ନ ଥିଲି କ'ଣ ଘଟି ଯାଉଛି ତଥାପି ବାପାଙ୍କୁ ଧରି ନେଉଛନ୍ତି, ବାନ୍ଧି ନେଉଛନ୍ତି । ଏତିକି ଥିଲା ମୋର ଦୁଃଖ ଆଉ ବୋଉର ମୁଣ୍ଡକୋଡ଼ି ହେବା ଦେଖି ମୁଁ ମଧ୍ୟ କାନ୍ଦୁଥାଏ ଭେଁ ଭେଁ ରଡିଛାଡ଼ି । ଖାଲି ଶୁଣି-ବାକୁ ପାଉଥାଏ ସେଇ ନାଲି ପଗଡ଼ି ପିନ୍ଧା ରଜାଘର ସିପାହୀଙ୍କ ଠାରୁ ଏଇ ହେଉଛି ନେତା, ରାଜଦ୍ରୋହୀ, ବଦମାସ୍ । ଏହାରି ଶିକ୍ଷାରେ ଏହାରି ମନ୍ତ୍ରଣାରେ ଖଜଣା ବନ୍ଦ କରିଛନ୍ତି ପ୍ରଜାଏ—ଫେଣ୍ଟ ବାନ୍ଧିଛନ୍ତି ଲୋକେ—

ତା ପରେ କ'ଣ ହେଲା ମୁଁ ଜାଣିନାହିଁ କି ଦେଖି ନାହିଁ—ତାଙ୍କର ଚିତା ଜଳି ଉଠିଲା ଧୂ ଧୂ ହୋଇ ନଈକୂଳ ମଶାଣୀ ଭୂଇଁରେ ଯେଉଁଠି ଏମିତି କେତେ ନିରୀହ ଲୋକଙ୍କର ଶୁଖିଲା ଅସ୍ଥି କଙ୍କାଳ ଟେଳି ପଡ଼ିଛି ସେଇ ରକତ ଶୋଷା ରଜାଙ୍କର ଅମାନୁଷିକ ଅତ୍ୟାଚାରରେ—ବୋଉ ମୁଣ୍ଡ ବାଡେଇ ହେଉଥାଏ ମଶାଣୀ ଭୂଇଁରେ ସେଇ ରକତ ଲଗା ନାଲିଆ ମାଟି ଉପରେ—ସାନ ଭଉଣୀଟା ତାର ଏ ଢଙ୍ଗ ଦେଖି ଚିହ୍ନସ ଛୁଡ଼ି ଉଠୁଥାଏ । ଆଉ ମୁଁ ମୂକଙ୍କ ପରି ଚାହିଁ ରହିଥିଲି ଚିତାର ଶେଷ ଭାଗକୁ ।

୭-ଲକ୍ଷ ଆଉ ଲକ୍ଷ

ଧୂଆଁ ଉଠୁଥାଏ ଆକାଶରେ ମିଳେଇ ଯାଉଥାଏ । ପୋଡା ସରିଗଲା—ନିଆଁ ଲିଭିଗଲା—ପଡ଼ି ରହିଲା କେଇଖଣ୍ଡ ହାଡ ଆଉ ମୁଣ୍ଡର ଖୋଲପା—

ସେ କହି ଚାଲିଥାଏ ଆମର କଥା—ଆମେ ଥିଲୁ ଗରିବ ଆଉ ଦୁଃଖୀ ଖାଇବାକୁ ନ ପାଇ କେତେକ ଉପାସରେ ଦିନ କଟାଉ ଥିଲୁ । କେତେ ଅଖାଦ୍ୟ ଖାଇ ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଛୁ ତଥାପି ପାରିନାହୁଁ ଏବଂ କେତେ କୁଆ କୁକୁରଙ୍କ ପାଟିରୁ ଅଧାର ଛଡାଇବାକୁ ତାଙ୍କ ସହିତ ଲଢ଼େଇ କରିଛୁ । ସେତିକି ବେଳେ ଅତୀତର ଆଉ ଗୋଟିଏ ଘଟଣା ମନେ ପଡ଼ିଗଲା ମୋର । ଆଖିରୁ ଲୁହ ଜକେଇ ଆସିଲା । ହୃଦୟ ମୋର ଦୁଃଖରେ ଭରିଗଲା । ଏବେବି ସେ ଘଟଣା ମନେ ପଡ଼ିଲେ ଦୁଃଖରେ ନଇଁ ଆସେ ଭାଙ୍ଗି ପଡେ ମୁଁ—

କେବଳ ଦୁଇ ତିନି ଏକର ଜମିଛଡା ଆମର ରୋଜଗାର ଅନ୍ୟ ଉପାୟ କିଛି ନଥିଲା । ଏକେତ ଧୋଇସ୍ନା ମୂଲକ ସେଥିରେ ପୁଣି ଏତେ କମ ଜମି । ଭଗ-ଚାଷ ଦେଇ ବୋଲି ଯାହା ଯେମିତ ଅଦାୟ କରେ ସେତିକ ନେଇ ବର୍ଷସାରା ତିନୋଟି ପ୍ରାଣୀକୁ ଚଳିବାକୁ ପଡେ—ତା ପରେ ପୁଣି ବୋଉର ବାର ଓଷା ବ୍ରତ ବରଷ ସାରା ଲାଗି ରହିଥାଏ । ବାପାଙ୍କର ପରେ ପରେ ସେ ପୁଣି ଅହୁରି ଓଷାର ପରିମାଣଟାକୁ ବଢାଇ ଦେଇଛି । ଠାକୁରଙ୍କୁ କେତେ ପୂଜାକରେ ତାଙ୍କ ପାଖରେ କେତେ ମୁଣ୍ଡିଆ ମାରେ । ଭଅଁର ଫୁଲରୁ ମଧୁ ଶୋଷିଲା ବେଳେ ଗୁଣୁ ଗୁଣୁ ହୋଇ ଏ ଫୁଲରୁ ସେ ଫୁଲକୁ ଉଡ଼ିଲା ପରି ସେ ନିତି ଗାଧୋଇ ସାରି ଠାକୁର ମନ୍ଦିରରୁ ମଙ୍ଗଳା ଖୁଣ୍ଟ ପୁଣି କେଉଁ ଅଶ୍ୱତ୍ଥ ଗଛ-ମୂଳ ଏମିତ କେତେ ଯାଗା ଗୁଣୁ ଗୁଣୁ ହୋଇ ଠାକୁରଙ୍କୁ ଡାକି

ତାଙ୍କର ଉଦ୍ଦେଶ୍ୟରେ ପାଣି ଢାଳିବାରେ ବ୍ୟସ୍ତ ଥାଏ । ତାଙ୍କର ଉପରେ ଫୁଲ ଚଢାଇବାରେ ଅବହେଳା ନଥାଏ । ଜଡ଼ା ପିମ୍ପୁଡ଼ିଙ୍କ ଲାଗି ଚିନି ସବୁ ଯାଗା ଯାଗା କରି ଥୋଇବାରେ ମଧ୍ୟ ଠିକ୍ ଏ ହେଲେ ଭୁଲ ନଥାଏ । ଏସବୁ କରେ କେବଳ ଆମର ସୁଖ ଆଉ ଉଜ୍ଜଳ ଭବିଷ୍ୟତ ପାଇଁ । ତଥାପି ବି ପେଟ ପୁରେ ନାହିଁ । ଆମର । ଯେ ଗରିବ ସେ ଚିରଦିନ ପାଇଁ ଗରିବ ।

ଦିନକର ଘଟଣା—ସେଦିନ ଆମ ଘରେ ଖାଇବାକୁ ନଥାଏ । ସକାଳୁ ଉଠି ସାନଭଉଣୀଟା ଅଝଟ ଲଗାଇ ଥାଏ କ'ଣ ଖାଇବି-ବୋଲି । କୋଉ ତାକୁ ଯେତେ ବୁଝାଉଥାଏ ସେ ବୁଝୁ ନଥାଏ । ପିଲା ସେ ଦୁନିଆର ଦୁଃଖ ଜଞ୍ଜାଳ ଅଭ ଭଲମନ୍ଦ କ'ଣ ସେ ବୁଝେ ନାହିଁ । ଅଭାବ ଅସୁବିଧା ମଧ୍ୟ ସେ ଜାଣେ ନାହିଁ-ଜାଣେ ସେ କେବଳ ତାର ବାପ ମାଆଙ୍କୁ । ଖାଇବାକୁ ମାଗୁଥାଏ-କାନ୍ଦୁଥାଏ ରଡ଼ିଗଡ଼ୁଥାଏ--ମୁଁ ବି ସ୍କୁଲ୍‌କୁ ଯିବି ବୋଲି ଖାଇବାକୁ ମାଗିଲି-ତାର ବୁଦ୍ଧି ହଜିଗଲା-ସେ ଥକା ହୋଇ ବସି ପଡ଼ିଲା ନଥି କରି । ଆଖିରୁ ତାର ଲୁହ ଗଡ଼ି ପଡୁଥାଏ । ଆମ ଦୁହିଁଙ୍କୁ ପାଖରେ ବସାଇ ମୁଣ୍ଡ ଆଉଁସୁଥାଏ । ମନ ଭୁଲାଉଥାଏ ଏବଂ ବୋଧ କରୁଥାଏ କେତେ କଥା କହି । ମୁଁ ତାର କଥାରେ ପ୍ରତିବାଦ କରୁନଥାଏ ଯଦି ଓ କିନ୍ତୁ ମନଟା ମୋର ବୁଝୁନଥାଏ ଭୋକରେ । ସାନ ଭଉଣୀ ସେ ସେସବୁ କିଛି ବୁଝୁ ନଥାଏ-ତୁମୁଳ ପ୍ରତିବାଦ କରୁଥାଏ-ତାର ଏକ ଜିଦ୍‌ଥିଲା କିଛି ଖାଇବ ତେବେ କଲା ପେଟକୁ ତାର ଶାନ୍ତ କରିବ । ମା ସେ ଧୈର୍ଯ୍ୟ ଧରି ପାରୁ ନଥାଏ—ତାର ଆଗରେ ସେ ବଞ୍ଚି ଥାଉଁ ଥାଉଁ ତାର ଛୁଆଙ୍କୁ ଭୋକ ଉପାସରେ କଲବଲ ହେବାର ଦେଖିବ ? ସହ୍ୟ କରି ପାରୁ ନଥାଏ—ମୁଣ୍ଡରେ ହାତ ଦେଇ ନିରୁତ୍ସାହ ହୋଇ

ଏ-ଲୁହ ଅଉ ଲହୁ-

ଚୂହିଁ ରହୁଥାଏ ଆକାଶକୁ । ଦୁଇହାତରେ ଆମ ଦୁଇଜଣଙ୍କ ମୁଣ୍ଡକୁ ଆଉଁସୁଥାଏ ଧୀରେ ଧୀରେ । ଛଳଛଳେଇ ହେଉଥାଏ କେତେ କଣ । ଭଗବାନ ! ଯଦି ପିମ୍ପୁଡ଼ିଙ୍କୁ ଆଧାର ଦେଉଛ ଆମେ ମଣିଷ ହୋଇ କ'ଣ ଏତେ ହୀନ ? ସେଇମାନେ ବଞ୍ଚି ରହୁଛନ୍ତି, ଆମର କଣ ବଞ୍ଚି ରହିବାର ଅଧିକାର ନାହିଁ । ମୋର ଛୁଆ କ'ଣ ଏମିତି ଭୋକ ଉପାସରେ ମରିବେ ? ସେମାନେ କ'ଣ ତୋର ସନ୍ତାନ ନୁହନ୍ତି ? ତୁଇ ତାଙ୍କ ଉପରେ କାହିଁକି ଏତେ ଦାଉ ସାଧୁଛୁ ?

ଠିକ୍ ଏତିକିବେଳକୁ ଗୋଟାଏ କାଉ ଧଟେ ରୁଟି ଥଣ୍ଟରେ କାମୁଡ଼ି ଉଡ଼ି ଆସିଲା ଆମର ଚୂଲ ଉପରକୁ । ସେତେବେଳେ ଆମେ ତିନିହେଁ ଚୂହିଁ ରହିଥିଲୁ ଫାଙ୍କା ପେଟରେ, ଫାଙ୍କା ଆଖିରେ ସେଇ ଫାଙ୍କା ଆକାଶର ଶୂନ୍ୟତା ଭିତରକୁ ।

କାଉଟା ଚୂଲ ଉପରେ ବସି ଶୁଖିଲା ରୁଟିଟାକୁ ଥଣ୍ଟରେ ଝୁମ୍ପିବାରେ ବ୍ୟସ୍ତ ଥାଏ । ବୋଉ ଆମ ଦୁଇଜଣଙ୍କୁ ବସେଇ ଦେଇ ଉଠିଗଲା ଅଗଣା ଭିତରକୁ । ଚୂଲକୁ ଡେଗ ହୋଇଥିବା ଅଙ୍କୁଶୀଟାକୁ ଧରି ଜୋର କରି ହଲେଇ ଦେଲା । କୁଆଟା ଜୀବନ ବିକଳେ ଉଡ଼ିଗଲା । ପାଖ ବରଗଛ ଡାଳ ଉପରକୁ ଉପସ୍ଥିତ ବିପଦରୁ ରକ୍ଷା ପାଇବାର ଆଶାରେ ; କିନ୍ତୁ ହରେଇ ବସିଲା ତାର ଦିନକର ଖାଦ୍ୟ ସେଇ ଅଇଁଠା ଶୁଖିଲା ରୁଟି ଖଣ୍ଡକୁ । ରୁଟିଟା ପଡ଼ିଗଲା ତଳେ—ବୋଉ ସେ କୁଆ ଅଇଁଠା ଛଡ଼ା ବାସି ରୁଟିଟିକୁ ଧରି ଧାଇଁ ଆସିଲା ଆମର ପାଖକୁ ଗଜ ଜିଣିଲା ପରି । ଦୁଇଜଣଙ୍କ ହାତରେ ଫାଳେ ଲେଖାଏଁ ବଣ୍ଟାଇ ଦେଇ ଚୂହିଁ ରହିଲା ଆମର ମୁହଁକୁ ବିକଳ ନୟନରେ । ତାର ଫିକାଳିଆ ମୁହଁ ଉପରେ ଖେଳି ଯାଉଥିଲା ଗୋଟିଏ ଆଶ୍ୱସ୍ତିର ହସ । ଦୁଃଖ

ଓ ନୈରାଶ୍ୟ ସେଇ କ୍ଷଣକପାଇଁ କଢ଼େଇ ଯାଇଥିଲା । ସେ ଠାକୁରଙ୍କୁ କେତେ ସହାନୁଭୂତି ଆଉ କେତେ କୃତଜ୍ଞତା ଜଣାଇ ଯାଉଥିଲି କୁଆ ପାଟିରୁ ପଡ଼େ ଅଇଁଠା ଆଉ ଶୁଖିଲା ରୁଟି ଛଡ଼ାଇ ନେଇ ।

କଥା ଧାରେ ଶୁନ ଦେଲାପରେ ମନ ମୋର ଅଧିକ ଦୁଃଖରେ ବୁଡ଼ିଗଲା—ସେଠି ଫାଳକୁ ଧରି ଫୋପାଡ଼ି ଦେଲି ମନ୍ଦିର ଅଗଣା ଭିତରକୁ କିନ୍ତୁ ଭୋକ ଅଗ୍ନିରୀ ଉଜଣିଟା ମୋର ଆର ଫାଳକ ଧରି ତାର ଭୋକିଲା ପେଟର ଦାଉଅ ନିଆଁକୁ ଶାନ୍ତ କଲା । ମୁଁ ଫୋପାଡ଼ି ଦେଲାକ୍ଷଣି ବାର ବୁଲା କୁକୁରଟାଏ ଧାଇଁଆସି ତାଙ୍କୁ ନେଇଗଲା ଦେଲାକ୍ଷଣି ବୋଉ ଉଠିଗଲା ତା ସହିତ ତୁମୁଳ ଯୁଦ୍ଧ କରିବା ପାଇଁ । କିନ୍ତୁ ପାରିଲା ନାହିଁ—ଫେରି ଆସିଲା ମନ ଦୁଃଖରେ—

ମୁଣ୍ଡ ମୋର ଦୁଃଖରେ ନଇଁ ଆସିଲା । ମନଟା ବି ବିଦ୍ରୋହ ହୋଇ ଉଠିଲା । କିଏ ରହିବାର ଆଶା ମରିଗଲା ଦୁନିଆ ଭିତରୁ । ମଣିଷ ହୋଇ ଯଦି ବଳେଇ କୁକୁରଙ୍କ ଠାରୁ ଛଡ଼େଇ ଖାଇ ବଞ୍ଚି ରହିବାକୁ ଚେଷ୍ଟା କରେ ତାହା ହେଲେ ତା' ପକ୍ଷରେ ଦୁନିଆ ଭିତରେ ଜୀଇ ରହିବାର ଅଧିକାର ନାହିଁ । ଏମିତି କେତେ ଭାବନା ମୁଣ୍ଡ ଭିତରେ ଖେଳି ଯାଉଥିଲା ବେଳେ ମନେ ପଡ଼ିଗଲା ସେତିକିବେଳେ ବୋଉ କହୁଥିଲା, ଭଗବାନଙ୍କୁ ଡାକିଲେ ସେ ନିଶ୍ଚୟ ଦୁଃଖ ଦୂର କରିବେ ଏବଂ ସତ୍ୟ ଓ ନ୍ୟାୟର ବାଟରେ ଗଲେ ମଣିଷ ଚିରଦିନ ସୁଖୀ ହୋଇ ପାରିବ । ବାର ବୁଲା ମନଟା ବୁଝିଲା ନାହିଁ । କେତେ କଥା ତାର କବୁଲିରେ ଉଠିଲା ମୋର ମନରେ । ତାହିଁ ଏତେ କାମ କରି ଚିରଦିନ ଦୁଃଖ କଷ୍ଟ ସହି ହୃଦୟ ଖୋଲି ଭଗବାନଙ୍କୁ ଡାକିଲେ ବି ତ ଗଣ୍ଡେ ଖାଇବାକୁ ମିଳେନାହିଁ ? ଘଣ୍ଟା ଘଣ୍ଟା

ଧରି, ଧୂପଚନ୍ଦନ ଦେଇ,କେତେ ଭୋଗଭାଲା ଥୋଇ ମନ ପ୍ରାଣ ଢାଳି ପୂଜା କରନ୍ତି ଚିରଦିନ ଦୁଃଖ କଷ୍ଟ ସହିବା ପାଇଁ ପରର ଲାଞ୍ଛନା ଭୋଗିବା ପାଇଁ ଏବଂ ବଡ ଲୋକର ନାକ ଚେକା ହୋଇ ରହିବା ପାଇଁ ?

ନାଁ ! ତା'ତ ନୁହେଁ ? ସେ କହୁଥିଲା ନିର୍ମଳ ହୃଦୟର ପୂର୍ଣ୍ଣ ଆସ୍ଥାରଖି ଈଶ୍ୱରଙ୍କୁ ଡାକିଲେ—ସେ ନିଶ୍ଚୟ ଶୁଣନ୍ତି । ଚାରି ବର୍ଷର ବାଳକ ପିଲା ଧ୍ରୁବର ଚପଳମତି ଡାକରେ ଭଗବାନ ଦେଖା ଦେଇଥିଲେ ଘୋର ଜଙ୍ଗଲ ଭିତରେ—ଏକଥା ସେଇ ଜାତିର ପୁରାଣରେ ବର୍ଣ୍ଣିତ ହୋଇ ରହିଛି—ଗଜପରି ନିର୍ବୋଧ ପ୍ରାଣୀକୁ ମଧ୍ୟ ସାହାଯ୍ୟ କରି ଥିଲେ ତାର ହୃଦୟ ଥରା ଆଉ ମନ ଖୋଲା କରୁଣ ଡାକରେ—ତା ହେଲେ ମଣିଷର ଡାକ ସେ କାହିଁକି ନଶୁଣିବେ ?

ଫେର ବି ଅବୁଝା ମନଟା ମୋର ବେମାନଅହୋଇ ଉଠିଲା । ଦୁନିଆରେ ତ ଏତେ ଦୁଃଖୀ ରଙ୍କି ଅଛନ୍ତି, ଖାଇବାକୁ ନପାଇ ଦିନ ଦିନ ଧରି ଭୋକ ଉପାସରେ ଦିନ କାଟନ୍ତି ଏବଂ ରାସ୍ତାର ମଉଗା କୁକୁର ସହିତ ସମାନ ହୋଇ ଅଇଁଠା ପତର ଗୋଟି ଦିନ କଟାନ୍ତି, ଆଉ ଖରା ବର୍ଷା ସହି ଦୁଃଖ କଷ୍ଟରେ ପଡି ରୁହନ୍ତି ଖୋଲା ପଡିଆରେ ଗଛ ମୂଳରେ, ନର୍ଦ୍ଦମା ମୁହଁରେ ଏବଂ ବଡ ଲୋକଙ୍କ ମଠର ଚଉଡ଼ା ରାସ୍ତା କଡରେ । ସେଇମାନେ କ'ଣ ଦିନେ ହେଲେ ହୃଦୟ ଖୋଲି, ମନଭରି ଏବଂ ପ୍ରାଣ ଦେଇ ଈଶ୍ୱରଙ୍କୁ ଡାକନ୍ତି ନାହିଁ—କାହିଁ ଦିନେ ହେଲେ ତ ସେମାନେ ପେଟ ପୂରା ଗଣ୍ଡେ ଖାଇବାକୁ ପାଆନ୍ତି ନାହିଁ ବରଂ ଧପାଚାଙ୍ଗା କରି ପରଙ୍କୁ ଠକି ଯେଉଁ ଲୋକ ଦରମଲା ଗରିବର ଶୁଖିଲା ଲୋହୁ ଓ ପାଣି ଫଟା ଲହୁଦେଇ ଗଢେ ମନୋରମ ପ୍ରାସାଦ ଭଗବାନ

ତାର ଜୀବନରେ ଅନନ୍ତ ସୁଖ, ତାର ମନରେ ଅନନ୍ତ ଆନନ୍ଦ ଏବଂ ତାରି ମୁହଁରେ ଖେଳାନ୍ତି ଅନ୍ତର ଖୋଲା ହସ ।

ପୁଣି ବିବେକ ରାଜୁତି କରି ବସିଲା ମନ ଉପରେ—ମନୁଷ୍ୟ ତାର କର୍ମଫଳ ଉପରେ ସୁଖ ଦୁଃଖ ଭୋଗକରେ । ସତ୍ୟ ଓ ନ୍ୟାୟ ଉପାୟରେ ଯାଇ ସୁଖୀ ହୁଏ । ଅନ୍ୟାୟ ଓ ଅସତ୍ୟର ରାସ୍ତାରେ ଯାଇ ଦୁଃଖ ପାଏ । ବଡ ବଡ ବଡ଼ ମନୀଷି ସତ୍ୟ ଓ ନ୍ୟାୟର ସନ୍ଧାନରେ ନିଜନିଜ ଜୀବନକୁ ଉତ୍ସର୍ଗ କରି ଦେଇଛନ୍ତି । ରାଜପୁତ୍ର ବୁଦ୍ଧ ମଧ୍ୟ ତାଙ୍କର ହର୍ମ୍ୟମୟ ସିଂହାସନକୁ ତୁଚ୍ଛ କରି ଦେଇଥିଲେ ଦିନେ ।

ଏମିତି ଭାବନା ଗୁଡ଼ାକ କେଜାଣି କେତେ ମୁଣ୍ଡଭିତରେ ଓଳିଅ ଗାଈଙ୍କ ପରି ଏପଟ ସେପଟ ହେଉଥାନ୍ତି । ବୋଉ ମୋର ମୁଣ୍ଡକୁ ଧୀରେ ଧୀରେ ଆଉଁସି ଆଉଁସି ଚୁପ ଚୁପ କରି କହି ଯାଉ-ଥାଏ କେତେ ପୁରାଣର ଯୁଗର କଥା, ଆମର ଜୀବନ ସହିତ ଉଦାହରଣ ଦେଇ । ମୁଁ ଅନ୍ୟ ମନସ୍କ ଭାବେ କେତେ କଥା ଭାବି ଯାଉଥାଏ ଏବଂ କେତେ ଯୁକ୍ତି ମନେ ମନେ ବାଢ଼ି ବସୁଥାଏ । ତଥାପି ଅମାନିଅଁ ମନଟା ଯୋର ବୁଝୁଁ ନଥାଏ—ନିସ୍ତେଜ ହୋଇ ଯାଉଥାଏ ଏବଂ ଅବଶଃ ହୋଇ ପଡ଼ୁଥାଏ ଦୁଃଖରେ ଚିନ୍ତାରେ ।

ମଝିରେ ବୋଉର ସ୍ନେହଭରା ଡାକରେ ଚମକି ଉଠିଲି । ସେ ମତେ ଟାଣିନେଲା ତାର ଦୁଃଖହସ କୋଳ ଉପରକୁ । ବୁକୁରେ ଚାପିଧରି ଦୁଃଖକୁ ତାର ଲାଘବ କରିବା ପାଇଁ । କିନ୍ତୁ ମନ ମୋର ଅସ୍ଥିର ହୋଇ ଉଠିଲା । ହୃଦୟ ଦୁଃଖରେ ଅଧୀର ବଢ଼ି ଚାଲିଲା ଜୋରରେ ଠିକ୍ ଯେମିତି ଟାଇଫଏଡ଼ ରୋଗର ଉତ୍ତାପ ବଢିଚାଲେ ଡିଗ୍ରୀ ପରେ ଡିଗ୍ରୀ ଡେଇଁ, ବନ୍ଧଭଙ୍ଗା ବଢ଼ି ହୁ ହୁ ହୋଇ ମାଡ଼ିଗଲା ପରି । ସେ ଧାଉଁଥାଏ ବସି ମୋର

ଝଙ୍କାଳିଆ ବାଳଗୁଡ଼ାକୁ ଏବଂ ପାଗଳୀଙ୍କ ପରି ବରବର ହୋଇ କେତେ ବୋଧ କରୁଥାଏ ମତେ । ଭଗବାନ ଦୁଃଖ ଦେଇଛନ୍ତି ପୁଣି ସୁଖ ଦେବେ—ଆଜି ଯେ ଲୋକ ଉପାସରେ ସନ୍ତୁଷ୍ଟ କାଲି ସେ ପୁରି ମାଲପୁଆରେ ଭାସୁଥିଲା ପୁଣି ଆସନ୍ତା କାଲିକୁ ତାର ଏ ଦୁଃଖ ରହି ନ ପାରେ । ଆଜି ଯାହା ଘରେ ଦାସଦାସୀ ଖଟୁଛନ୍ତି ସେ ହୁଏତ ଦିନେ କାହା ଘରେ ମୂଲ ଲାଗି ପେଟ ପୋଷୁଥିଲା ପୁଣି ଆଜି ଯିଏ ରାସ୍ତାରେ ଭିକାରି ହୋଇ ବାଟଗଲା ଲୋକଙ୍କୁ ଦାନ୍ତ ନିକୁଟେଇ ହାତ ପତେଇ ଗୋଟାଏ ପଇସା ମାଗୁଛି ଦିନ ଆସିବ ସେଇ ହୁଏତ ଟେକି ବସିବ ଗଣ୍ଡାଏ ଦରଶପୁଡ଼ା ପଖାଳ ଭାତ ଏଇ ମାଗିଖିଆ ପିଲଙ୍କୁ । ଦୁଃଖ ପଛେ ପଛେ ସୁଖ ଏବଂ ତା ପରେ ପରେ ଦୁଃଖ ଏମିତି କେତେ ମଣିଷ ଜୀବନରେ ଆସେ । ତୁ ବାପ ଏମିତି କାହିଁକି ହେଉଛୁ ? ଧୈର୍ଯ୍ୟ ଧର । ଛାତିକୁ ପଥର କରି ମଣିଷ ହୋଇ ଦୁନିଆଁ ଆଗରେ ଛିଡ଼ା ହ । ଦେଖିବୁ ଏଇ ମଣିଷ ମୁଣ୍ଡ ଉପରେ ସୁଖ ଦୁଃଖର କେତେ ଝଡ଼ ବୋହିଗଲେ ଦିନକୁ ଦିନ ନୂଆ ନୂଆ ହୋଇ ।

ମୁଁ ତାର କୋଳ ଭିତରୁ ମୁହଁ ଉଠାଇ ଦେଖିଲି ସେ ଏ କଥା କହି ଯାଉଥିଲା ବେଳେ ତାର ଓଠ ଦୁଇଟା ଥରି ଯାଉଯାଉଥାଏ ମୁଣ୍ଡ ତାର ନଇଁ ଆସୁଥାଏ ଅସ୍ତେ ଅସ୍ତେ । ତାକୁଇ ଜାବୁଡ଼ି ଧରି ଦୋଷ ଦେଇ କହି ଉଠିଲି ତୁ ଭୁଲ କହୁଛୁ—ଭଗବାନ କେବେଁ ଗରିବର ଦୁଃଖ ଦୂର କରନ୍ତି ନାହିଁ କିମ୍ବା ତାର ଡାକ ସେ ଶୁଣନ୍ତି ନାହିଁ । ସେ ଗରିବର ନୁହନ୍ତି । ବଡ଼ ଲୋକର । ଗରିବ ଚିରଦିନ ଅଭିଶପ୍ତ ଏବଂ ସାରା ଜୀବନ ଭରି ସେ ଦୁଃଖ କଷ୍ଟ ଭୋଗ କରେ । ଦୁନିଆରେ ଯାହା ତାର କେହି ନୁହେଁ—ଦୁଃଖ କଷ୍ଟ ହେଉଛି ତାର ଚିର ସାଥୀ । କାନ୍ଦକୁ କାନ୍ଦ

ମିଳାଇ କାୟା ସହିତ ଛାୟା ଦେଇ ଗରିବ ସହିତ ନେସିହୋଇ ଗଲେ ସେ । ଏଇ ହେଉଛି ଦୁନିଆରେ ଚିର ସତ୍ୟ ବୋଲି । ସେ ଅନ୍ତର ବ୍ୟଥିତ ହୋଇ ପଡିଲା । ଆଖିରୁ ତାର ଦୁଇଟୋପା ଛତଲା ଲୁହ ଝରି ପଡିଲା ମୋର ମୁଣ୍ଡ ଉପରେ । ମୁହଁ ତାର ବିବର୍ଣ୍ଣ ହୋଇଗଲା । ନାଲିଆ ମୁହଁ ଆଉ ଅଠାଳିଆ ପାଟି ଭିତରୁ ପୁଣି କେତେ ପୁରାଣ ଯୁଗର କଥା ମୋର ଆଗରେ କହି ବସିଲା କେବଳ ମୋର ମନକୁ ପରିବର୍ତ୍ତନ କରିବା ପାଇଁ । ଏମିତି ସେ କେତେ ଅସଂଖ୍ୟ ଦାଇକା ଦେଇ କହି ଯାଉଥାଏ । ମୁଁ ଆଉ ତାର କଥାରେ ପ୍ରତିବାଦ କରୁ ନ ଥାଏ ତାର ମନରେ ଦୁଃଖ କଷ୍ଟ ହେବ ବୋଲି । ତାର କଥାକୁ ଧ୍ୟାନ ଦେଇ ଶୁଣୁଥାଏ । କେତେ ସମୟ ପରେ ଦେଖିଲି ଝାଳଟୋ ମୋର ଥକ୍କା ହୋଇ ଢୋଳେଇ ପଡ଼ିଥିଲା ବୋଉର କୋଳ ଉପରକୁ ।

ସେତେବେଳେ ସନ୍ଧ୍ୟାର ନୁଆଣିଆଁ ସୁନେଲି କିରଣ ଗୁଡାକ ବିଚ୍ଛେଦ ହୋଇ ପଡୁଥିଲା ତାର ପାଜଉର ବୋଲା ବାଲୁସ ବାଳ ଉପରେ । ମନେ ହେଉଥିଲା ସତେ ଯେମିତି ଗୋଟାଏ ତରଙ୍ଗାୟିତ ସ୍ୱର୍ଣ୍ଣ ସ୍ରୋତ ଭୂପୃଷ୍ଠକୁ ବୋହି ଆଣୁଛି କେଉଁ ଏକ ଅଜଣା ଶକ୍ତିର ନିର୍ଦ୍ଦେଶରେ—ଏ ଦୁଃଖୀ ଆଉ ଦଦାସ ଜୀବନର ଦୁଃଖଭରା କାହାଣୀକୁ ଶୁଣିବା ପାଇଁ ମଝିରେ ମଝିରେ ପଛେଇ ଯାଉଥାଏ

ଯେମିତି, ପ୍ରକୃତିକୁ ଅବମାନନା କରୁଥିବା ତାର ଏଇ ସୌନ୍ଦର୍ଯ୍ୟକୁ ଆଖିପୁରାଇ ଦୃଶ୍ୟ ଉପଭୋଗ କରିବା ପାଇଁ ବେଳେ ବେଳେ ଅଟକି ଯାଉଥାଏ ସେମିତି ।

ସେ କହୁଥିଲା—'ମୁଁ ସେତେବେଳେ ପଢୁଥିଲି ଗାଁ ଗୁଠ-ଶାଳରେ'—ସେଇଠି ଥିଲା ବଡଲୋକ ପିଲାଙ୍କର ଶିକ୍ଷା ପାଇ ବାର କେନ୍ଦ୍ର ସ୍ଥଳୀ । ଗରିବଙ୍କ ପାଇଁ ସେ ସବୁ ସୁବିଧା କିଛି ନଥିଲା । ଗୁରୁ ଅଡ ଦରଜା ଥିଲା ତାଙ୍କ ପାଇଁ ବନ୍ଦ । ଏକେତ ଅର୍ଥାଭାବ ଯୋଗୁଁ ସେମାନେ ଶିକ୍ଷା ପାଇ ପାରୁ ନଥିଲେ, ପୁଣି ସବୁ ପ୍ରକାର ସୁବିଧାରୁ ମଧ୍ୟ ତାଙ୍କୁ ବଞ୍ଚିତ କରା ଯାଉଥିଲା । କାଳେ ସେମାନେ ଶିକ୍ଷିତ ହେବେ, ବାର କଥା ଜାଣିବେ ଶୁଣିବେ ଏବଂ ତାଙ୍କର କବଳରୁ ରକ୍ଷା ପାଇବା ପାଇଁ ବିଦ୍ରୋହ କରିବେ । ଏଇଥିଲା ତାଙ୍କର ଭୟ । ତେଣୁ ସେମାନଙ୍କୁ ସବୁ ପ୍ରକାର ସୁଯୋଗରୁ ବଞ୍ଚିତ କରା ଯାଉଥିଲା । ସେଇମାନେ ସବୁଦିନ ଅଶିକ୍ଷିତ ଆଉ ଅସଭ୍ୟ ହୋଇ ରହନ୍ତୁ—ଦୁନିଆ ଠାରୁ ଦୂରରେ ରହନ୍ତୁ ଏହାହିଁ ଥିଲା ଧନୀକ ଶ୍ରେଣୀର ଉଦ୍ଦେଶ୍ୟ ଆଉ ସାଧନା ମଧ୍ୟ ।

ଗାଁ ସ୍କୁଲ୍ । ନାନା ଜାତିର, ନାନା ରଙ୍ଗର, ନାନା ବାସର ଫୁଲ୍ ଭରା ରମଣୀୟ ବଗିଚାଟି ଘେରି ରହିଥିଲା ତାକୁ । ପୋଖରୀ ଆଉ ଖେଳ ପଡ଼ିଆ ଦୁଇପାଖକୁ ଲାଗି ରହିଥିଲା । ଏସବୁ ଥିଲା ସେଇ ବଡଲୋକଙ୍କ ପିଲାଙ୍କ ଆମୋଦ ପ୍ରମୋଦ ପାଇଁ । ଆଉ ସ୍କୁଲ୍ ଭିତରେ ସେମାନଙ୍କ ବସିବା ପାଇଁ ଥିଲା ସୁନ୍ଦର ସୁନ୍ଦର ଗାଲିଚ ଏବଂ ପଢ଼ିବା ପାଇଁ ଥିଲା ଛୋଟ ଛୋଟ ମେଜ । ଭଲ ଭଲ କାହାଣୀ ଭରା—ଦେଶ ବିଦେଶର ନା ଜାତିର ଇତିହାସ ଗଳ୍ପ ପୂର୍ଣ୍ଣ ବହିସବୁ ପୁରି ରହିଥିଲା ଗୋଟିଏ ଆଲମାରୀରେ କେବଳ ତାଙ୍କର ମାନଙ୍କ ପାଇଁ । ଅଳ୍ପ କେଇଜଣ ଅଙ୍ଗୁଳି

ଗଣନ୍ତା ହୋଇ, ସେଇ ସ୍କୁଲରେ ଆମେ ଥିଲୁ ଗରିବ ଛାତ୍ର । ଆମକୁ ସେ ସବୁ ସୁବିଧାରୁ ବଞ୍ଚିତ କରା ଯାଉଥିଲା । ଆମେ ଥିଲୁ ଘୃଣ୍ୟ ଆଉ ହେୟ । ଛିଣ୍ଡା ନେକଡ଼ା ଗୁଡା ଖେଇଖଣ୍ଡ କୋଡରେ ବହିକୁ ଧରି ଆମେ ବସୁ ପଛରେ । ଶିକ୍ଷକଙ୍କ ନଜର ଆମ ଉପରେ ପଡ଼େ ନାହିଁ । ଯେତେବେଳେ ନଜର ବା ପଡ଼େ ସେତେବେଳେ ତେଲ ସୁନ୍ଦର ଦିଆ ପାଚିଲା ବେତର ସଦ୍‌ବ୍ୟବହାର ହୁଏ ଆମରି ଉପରେ । ଆମରି ଠାରୁ ତ ଦୁଇ ପଇସା ପାଇବାର ନଥାଏ ବରଂ ତାଙ୍କର ସମୟ ଆଉ ଜ୍ଞାନକୁ ନଷ୍ଟ କରନ୍ତି ବୃଥାରେ ଆମରି ଠାରେ । ତେଣୁ ତାଙ୍କର ନଜର ଆମ ଉପରୁ ଚାଲି ଯାଏ ଛାଏଁ ଛାଏଁ ।

ସେଇ ଦୁଃଖ କଷ୍ଟ, ଅଭାବ ଅସୁବିଧା ଏବଂ ଲାଞ୍ଛନା ଓ ଅବମାନନା ଭିତରେ ମୁଁ ସମସ୍ତଙ୍କ ଠାରୁ ଭଲ ପଢୁଥାଏ । ସେଇ ବର୍ଷ ଶ୍ରେଣୀ ଉତ୍ତୀର୍ଣ୍ଣ ପରୀକ୍ଷାରେ ପ୍ରଥମ ହୋଇଥିଲି ମୁଁ । ତାଙ୍କ-ଭଳି ତ ଆଉ ଆମେ ବଡ଼ଲୋକ ନୋହୁଁ ଯେ ଆମ ଘରେ ଆସି ଶିକ୍ଷକ ଅଧିକା ଦରମା ନେଇ ପଢ଼େଇ ଦେଇ ଯିବେ ? ସେଇ ଶିକ୍ଷକଙ୍କ ଅନୁଗ୍ରହରୁ ଯାହା କିଛି ପାଠଶାଳାରୁ ଶିଖିଥିଲି ସେଥିକି ନିଜର ଅଧ୍ୟବସାୟ ଆଉ ସାଧନା ଦ୍ୱାରା କେବଳ ପାଇ ପାରିଥିଲି ଶ୍ରେଣୀରେ ପ୍ରଥମ ସ୍ଥାନ ଏବଂ ସେଇଥିଯୋଗୁଁ ମୁଁ ଅନ୍ୟମାନଙ୍କର ହୋଇଥିଲି ଚକ୍ଷୁଶୂଳ । ସେଇ ହେଲା ମୋର କାଳ । ଫଳରେ ତାଙ୍କରି ଚକ୍ରାନ୍ତରେ ମୋର ଶିକ୍ଷାଲାଭର ଆଶା ଓ ଆକାଂକ୍ଷା ଲୋପ ପାଇଥିଲା ଚିର ଦିନ ପାଇଁ ।

ଘରେ ରହି କେତେବେଳେ ବୋଉକୁ ତା କାମରେ ସାହାଯ୍ୟ କରେ ପୁଣି କେତେବେଳେ ଟିକି ଭଉଣୀଟାକୁ ନେଇ ଦାଣ୍ଡରେ ଖେଳାଏ ତା ସହିତ ଗପ କରେ । ଆଉ କେତେବେଳେ ଅବା

ମଝିରେ ମଝିରେ କିଛି ପଇସା ସଞ୍ଚୟ କରୁଥାଏ । ତାକୁ ନେଇ ଗାଁ ହାଟରୁ ଖଣ୍ଡିଏ ଖଣ୍ଡିଏ ବହି କିଣି ଆଣି ତାକୁ ବସି ପଢ଼େ । ଯିଶୁ, ମହମ୍ମଦ, ବୁଦ୍ଧ ଆଉ ଗାନ୍ଧି ପ୍ରଭୃତି ମହାତ୍ମା ମାନଙ୍କର ଜୀବନୀକୁ ପଢିବା ପାଇଁ ଆଗ୍ରହ ଲାଗୁଥିଲା ମୋର । ସେଇମାନେ ସତ୍ୟ, ଅହିଂସା ଆଉ ପ୍ରେମକୁ ଖୋଜି ଖୋଜି ତାଙ୍କର ସାରା ଜୀବନ ବିତାଇ ଦେଇଥିଲେ ପରର ଉପକାର ଆଉ ମାନବ ଜାତିର କଲ୍ୟାଣ ପାଇଁ । ପ୍ରକୃତରେ ହିଁ ତାଙ୍କର ଏଇ ଦାନ ଏବଂ ସାଧନା ଜଗତରେ ଅମର ହୋଇ ରହିଥିବ ଯେତେ ଦିନ ପର୍ଯ୍ୟନ୍ତ ଏ ମାନବ ସମାଜ ଜୀଇଁ ରହିଥିବ ଏହି ମର ଜଗତରେ । ଭାଗବତ, ରାମାୟଣ ଓ ମହାଭାରତ ପରି ଧର୍ମ ଗ୍ରନ୍ଥ ଆଡ଼କୁ ମନ ମଧ୍ୟ ଢଳି ପଡୁଥିଲା । କିରଞ୍ଜି ତେଲର ଦିବ୍‌ଦିବିଆ ଦୀପଜାଳି ରାତିରେ ରାମାୟଣ, ମହାଭାରତ ଓ ଭାଗବତ ଆଦି ବହି ବସି ପଢ଼େ । ବୋଉ ତାକୁ କାନଦେଇ ଶୁଣେ । ଭାରତୀୟ ଦର୍ଶନର ଶ୍ରେଷ୍ଠ ପରାକାଷ୍ଠାରୂପେ ଏହି ତିନୋଟି ଗ୍ରନ୍ଥ ଅକ୍ଷୁଣ୍ଣ ହୋଇ ରହିଛି ଯୁଗ ଯୁଗ ଧରି । ଭକ୍ତି, ପ୍ରେମ, ସ୍ନେହ, ଶ୍ରଦ୍ଧା ସତ୍ୟ ଓ ଅହିଂସା ଉପରେ ଗଢି ଉଠିଛି ଏଇ ଗ୍ରନ୍ଥ ଗୁଡ଼ିକ ଖାଲି ଏତିକି ନୁହେଁ ମହାଭାରତ ପରି ଧର୍ମ ଗ୍ରନ୍ଥରେ ବିଜ୍ଞାନ ଏମିତି ଭାବରେ ସନ୍ନିବେଶିତ ହୋଇଛି ଯେ ଅନ୍ୟ କେଉଁ ଜାତିର ଶାସ୍ତ୍ରରେ ଏମିତି ମିଳେ ନାହିଁ । ଏହାହିଁ ଭାରତୀୟ ଦର୍ଶନର ବିଶେଷତ୍ୱ ଓ ପରମ୍ପରା ଅଟେ ।

ଆଉ ଦେଶ ବିଦେଶର ଭ୍ରମଣ କାହାଣୀ ଗୁଡିକ ମଧ୍ୟ ବେଳେ ବେଳେ ହଜାଇ ଦିଏ ମତେ କେଉଁ ଭାବନା ରାଜ୍ୟରେ—ସେ ଦେଶର ଚାଲିଚଳଣି, ଢଙ୍ଗରଙ୍ଗ, ପିଲାଛିଆ, ଖେଳକସରତ, ଜୀବଜନ୍ତୁ, ବଣ ପାହାଡ଼, ପାଣିପବନ, ଶିକ୍ଷାଦୀକ୍ଷା, ଆଦି ବିଷୟ

ଗୁଡ଼ିକୁ ଛିନଭିନ୍ନ କରି ଜାଣିବା ପାଇଁ ମନ ଉଦ୍‌ବେଗ ହୋଇ ଉଠୁଥିଲା । ବେଳେ ବେଳେ ଖବର କାଗଜ ଖଣ୍ଡିଏ ଲେଖାଏଁ କିଣି ଆଣି ତାକୁ ବସି ପଢେ । ଏବେ ବି ମୋର ମନେ ପଡ଼ୁଛି ଥରେ ଗୋଟିଏ ଖବର କାଗଜରେ କେତେଗୁଡ଼ିଏ ତଥ୍ୟ ମୂଳକ ଲେଖା ବାହାରିଥିଲା । ଗାନ୍ଧିବାଦକୁ କେହି ଉଚ୍ଚରେ ଥୋଇଥିଲେ ପୁଣି କେତେକ ଲେଖକ ସାମ୍ୟବାଦ ଉପରେ ବହୁତ ତର୍ଜମା କରିଥିଲେ । ଆଉ ବା କେହି କେହି ଦୁଇଟିର ମୌଳିକ ନୀତି ଏକ ବୋଲି ଯୁକ୍ତି ବାଢ଼ିଥିଲେ—ସେଦିନ ଏଇ ଲେଖାକୁ ପଢ଼ିଲା ବେଳେ ମୋର ନିଜସ୍ୱକୁ ହରାଇ ବସିଥିଲି । ରାତିଟା ପାହି ଯାଇଥିଲା ସେଇ ଚିନ୍ତା କରି କରି । ଠିକ୍ କୁଆ 'କା'କା' କହିଲା ବେଳକୁ ଅଉଜ୍ଜା ପଡ଼ିଥିଲି ଅମର ମଞ୍ଚିମଙ୍ଗଳା ଝୁଣ୍ଟି ଉପରକୁ ନିଦ ଘୋରରେ । ସକାଳୁ ଓଦାଉ ଶରୀର ହୋଇ ଉଠିଲି । ସେଇ ଦିନ ଠାରୁ ମୁଁ ତା ଆଖିରେ ହେଲି ଗୋଟାଏ ପାଗଳ ।

ସେଇବର୍ଷ—ପଡ଼ିଲା ମରୁଡ଼ି । ଆସିଲା କାଳ । ବାରବୁଲା ଫଟା କପାଳିଆ, ହତଭାଗା, ମାଗି ଖିଆଙ୍କ ଉପରେ ପ୍ରକୃତି ସାଧି ବସିଲା ହଠ ଆଉ ଦାଉ । ଯିଏ ଶୀତତାପ ଖଞ୍ଜା ହର୍ମ୍ୟମୟ ପ୍ରାସାଦ ଉପରେ ଫେନ ଦୁଗ୍ଧ ଶଯ୍ୟାରେ ପଡ଼ି ଟାଣୁଛି ହୁକା ତା' ସହିତ ଲଢେଇ କରିବାର କ୍ଷମତା ପ୍ରକୃତିର ନାହିଁ ? ଅଛି କେବଳ ତାଙ୍କର ଅଇଁଠା ଚଟା ଆଉ ଛଟଲିଆ ଧସା ଦରମଲା ଭେକିଲା କଙ୍କାଳ ଉପରେ ଦାଉ ସାଧିବାକୁ । ସେଠି ପ୍ରକୃତିର ବଳ ବଡ ଜୋର, ଅଭ ଟାଣ । ଲୋକେ ଖାଇବାକୁ ପାଇଲେ ନାହିଁ, ମଶା ମାଛି ପରି ମରିବାକୁ ଲାଗିଲେ । ତେନ୍ତୁଳି ପତ୍ର କଇଁବେଣ୍ଟୁଳାକୁ ସିଝାଇ ଖାଇ ଜୀବନ ବଞ୍ଚାଇବାକୁ ଚେଷ୍ଟା କଲେ ସତ କିନ୍ତୁ ଫଳ ହେଲା ଓଲଟା । ହଇଜା, ଝାଡା ବାନ୍ତି, ପେଟ

ବସନ୍ତ ପ୍ରଭୃତି ନାନା ପ୍ରକାର ରୋଗରେ ପଡ଼ି ମଲେ ଲୋକ ମାଳ ମାଳ ।

ଦୁର୍ଭିକ୍ଷ—ଘୋର ଦୁର୍ଭିକ୍ଷ । ବର୍ଷା ହେଲା ନାହିଁ । ପାଣି ଅଭାବରୁ ଧାନତ ମରିଗଲା ତାଛଡ଼ା ଅନ୍ୟାନ୍ୟ ଫସଲ ମଧ୍ୟ ଜଳି ପୋଡ଼ିଗଲା ଖରାରେ । ଟୋପାଏ ପାଣି ପିଇବା ପାଇଁ ମଧ୍ୟ ଲୋକେ ବାର ଜାଗା ଘୂରି ବୁଲିଲେ, ପାଇଲେ ନାହିଁ । ଗାଁର ପୁରୁଖା ଆଉ ମୁଖିଆ ଲୋକେ କହିଲେ ଗଲା, ଶହେ ବର୍ଷ ଭିତରେ ଏମିତି ନାହିଁ ନଥିବା କାଳ କେବେହେଁ ଦେଖା ନଥିଲୁ । ଯେଉଁ ମାନେ ଆଜି ଅଚଳ ମେରୁ ପରି ଦାଣ୍ଡ ପିଣ୍ଡାରେ ତିନି ମୁଣ୍ଡିଆ ହୋଇ ବସି ରହିଛନ୍ତି ସେଇମାନେ ଦିନେଥିଲେ ଗାଁର ମୁଖିଆ । ତାଙ୍କର କଥାରେ ଲୋକେ ଚାଲୁଥିଲେ ନ୍ୟାୟ ନିଶାପକୁ ଆଉ ଦଙ୍ଗା ହଙ୍ଗାମ ଭାଙ୍ଗିବାକୁ ସେଇମାନେ ଆଗୁଆ ହୋଇ ବାହାରି ପଡୁଥିଲେ । ଆଜି ସେଇ ମାନଙ୍କୁ କେହି ପଚାରନ୍ତି ନାହିଁ । କେହି ଡାକନ୍ତି ନାହିଁ । ଏମିତି କେତେ ମରୁଡ଼ି କେତେ କାଳ ସେଇମାନେ ସମାଳି ଆସିଛନ୍ତି, ଦେଖି ଆସିଛନ୍ତି ଏବଂ ଅଙ୍ଗେ ନିଭେଇ ଆସିଛନ୍ତି । ତାଙ୍କର ଭିତରୁ କେତେକ ଚାଲି ଗଲେଣି ଆଉ ପାରିକୁ ବାକି । ଯେଉତକ ରହିଛନ୍ତି ସେଇମାନେ ଏ ମରୁଡ଼ି ଦେଖି ଦବି ଯାଉଛନ୍ତି ଓ ଚମକି ପଡୁଛନ୍ତି । ତାଙ୍କର ଅମଳର ବଡ଼କାଳ ନଅ ଅଙ୍କ ଦୁର୍ଭିକ୍ଷର କରୁଣ ବୁକୁଫଟା କାହାଣୀ ଏବେବି ମଣିଷ ମନରେ ଆତଙ୍କ ସୃଷ୍ଟି କରଏ । ତଥାପି ସେ ସମୟରେ ଟଙ୍କାରେ ଛଅ ସେର ଚାଉଳ ଥିଲା, ଏବଂ ଆଜିକାଲି ପରି ସେତେବେଳେ ଏତେ ଯାନ ବାହାନର ଦେଶ ବିଦେଶକୁ ଯିବା ଆସିବାର ସୁବିଧା ନଥିଲା ।

ସେଇମାନେ କହନ୍ତି ଆଜି କାଲିକାର ଟୋକାଗୁଡ଼ା ଖାଲି

ଫେରିକାଟି, ମାଙ୍ଗ ଭୁଙ୍ଗି, ଲୁଗା ଟିକ୍ସ, ପାନ ବଟା କାଖରେ ଯାକି, ଲମ୍ବା ପଣତ ପକାଇ, ନଭେଲ ବହି ଧରି ବାହାରି ପଡ଼ନ୍ତି ଗାଁ ଗ୍ରନ୍ଥାଗାରକୁ, ପାଠାଗାରକୁ, ଅଖଡା ଘରକୁ, କ୍ଲବ ଘରକୁ । ହିଅ ପିଲାଙ୍କ ସାନାଧ ଟିକଏ ପାଇବା ପାଇଁ କେତେ ଓଲଜାଲ ହେଉ ଥାନ୍ତି ଦାଣ୍ଡ ମଝିରେ ରାସ୍ତା କଡ଼ରେ—କେତେ ନାଚନ୍ତି କେତେ ଗୀତ ଗାଆନ୍ତି ବେହିଆଙ୍କ ପରି—ଏଇଥି ପାଇଁ, ଏଇ ଅତ୍ୟାଚାରରେ; ଏଇ ପାପରେ ପୃଥିବୀ ସହୁନାହିଁ ପ୍ରକୃତି ପାଳୁ ନାହିଁ ଏଇମାନଙ୍କୁ—ବର୍ଷା ହେଉ ନାହିଁ । କାଳ ପଡୁଛି । ମରୁଡ଼ି ହେଉଛି—ରୋଗ ବାଧକା ଘଟୁଛି—ଲୋକେ ମରୁଛନ୍ତି ଅଳ୍ପାୟୁ ହୋଇ । ତାଙ୍କ ସମୟରେ ଏତେ ଡାକ୍ତର ଖାନା ନଥିଲା କି ଏତେ କିସମର ରୋଗ ବ୍ୟାଧି ମଧ୍ୟ ନଥିଲା । ଲୋକେ ଖଟୁଥିଲେ ଖାଉ ଥିଲେ ଦେହକୁ ତାଜା ରଖୁଥିଲେ ।

ଏମିତି ଚେହାଡା ଭାବରେ ଦିନ କାଟିବାକୁ ତାଙ୍କୁ ଭଲ ଲାଗୁ ନଥିଲା । ତାଙ୍କର ମୁରବୀମାନେ ମଧ୍ୟ ଏକଥା କରିବାକୁ ପ୍ରଶ୍ରୟ ଦେଉ ନଥିଲେ । ଗାଁ ଗ୍ରନ୍ଥାଳୀରେ— ଅ ଆ, କ ଖ, ପଣିକିଆ, ପାହ୍ପଣିକିଆ, ଯୋଗ, ହରଣ, ଗୁଣନ, ମିଶାଣି ଫେଡାଣ ସାରି ଦେଇ, ରାସକ୍ରୀଡା, ଭାଗବତ ସାରିଦେଲେ ତାଙ୍କର ପଢା ଶେଷ ହୋଇ ଯାଉଥିଲା । ତା ପରେ ସେମାନେ ଘର-ଧନ୍ଦା, ବିଲବାଡି, ମହାଜନ ଖାତକ ଆଦି ବୁଝନ୍ତି ଏବଂ କୁଟୁମ୍ବର ସମସ୍ତ ଦାୟିତ୍ୱ ମୁଣ୍ଡକୁ ନିଅନ୍ତି । ରଜ ସଂକ୍ରାନ୍ତିହେଲେ ଡୁ ଡୁ ବୋହୁଚୋରି ଆଦି ଖେଳ ଖେଳନ୍ତି ଏବଂ ତାଙ୍କର ମୁରବି ମାନେ ତାଙ୍କୁ ପୁରସ୍କାର ଦିଅନ୍ତି । ଏମିତିକା ସରଳ ଜୀବନ ସେମାନେ ଯାପନ କରୁଥିଲେ ।

କିନ୍ତୁ ଆଜିକାଲି ମଣିଷ ଯେତେ ସଭ୍ୟ ଆଡକୁ ଯାଉଛି ତାର

ଜୀବନ ଯେତେ ଜଟିଳ ହୋଇ ପଡୁଛି, ସେ ସେତେ ଅଭାବ ଅସୁବିଧା ଭୋଗ କରୁଛି । ଦୁଃଖ କଷ୍ଟ ସହୁଛି ଏବଂ ସେତିକି ବିପଦର ସମ୍ମୁଖୀନ ହେଉଛି ମଧ୍ୟ । ସରଳତା ଆଉ ଭଗବାନଙ୍କ ସତ୍ତା ଠାରୁ ଦୂରେଇ ଯାଉଛି ନୈତିକ ବାସ୍ତବତାକୁ ଭୁଲି ଯାଇ ଅବାସ୍ତବତା ଉପରେ ଭିତ୍ତିକରି ଜୀବନ ସଂଗ୍ରାମ ଚଳାଇ ବାରେ ବ୍ୟସ୍ତ ରହୁଛି ସେତିକି ।

ପିଲା ଦିନର ଏମିତି କେତେ ଅଭୁଲା ସ୍ମୃତି ଗୁଡ଼ିକ ଉଙ୍କି ମାରୁଥିଲା ମୋର ମୁଣ୍ଡ ଭିତରେ । ଅତୀତର ସେଇ ଅପାହୋଇ ଦୁଃଖର କାହାଣୀ ଗୁଡ଼ାକ ମନେ ପଡ଼ି ଯାଉଥାଏ ଗୁଡ଼ୁଁ ଗୁଡ଼ୁଁ କରି । ସେତେବେଳେ ସନ୍ଧ୍ୟା କ୍ରମେ ନଇଁ ଆସୁଥାଏ । ମୁଁ ଟିକେ ନେସି ହୋଇ ଲାଗି ଯାଉଥାଏ ତାର ପାଖକୁ ମୋର ଜୀବନର ଅନୁଭୂତି ଗୁଡାକ ତାର ମୁହଁରୁ ଶୁଣିବା ପାଇଁ । ସେ କହୁ ଥିଲା ଆଏ ମନ ଖୋଲି, ହୃଦୟ ଖୋଲି, ସବୁ କଥା ଗୁଡାକୁ ଖିନ୍-ଭିନ୍ କରି ।

ସେଇ କାଳରେ—ଆମର ଅବସ୍ଥା ଅତ୍ଯନ୍ତ ଖରାପ ହୋଇ ଥିଲା । ଘରର ଯେତେକ ଅସ୍ତ୍ର ଅଳଙ୍କାର ବାସନ କୁସନ ଆଉ ପେଡ଼ି ପେଟେରା ଥିଲା ବୋଉ ସେ ସବୁକୁ ନେଇ ଗାଁ ଠାକୁରର ଘରେ ନକଡା ଛକଡାରେ ବନ୍ଧା କରି ଆମର ମୁହଁରେ ଦେଇ

ଟୋପାଏ ଲେଖାଏଁ ଦେଉ ଥାଏ । ସେତକ ଯେତେବେଳେ ସରି ଯାଉଥିଲା ସେ ଆଉ କିଛି ଉପାୟ ନପାଇ ନିଜେ ଅଣ୍ଟାଭିଡ଼ି ବାହାରି ପଡ଼ିଥିଲା ଦାଣ୍ଡ ମଝିକୁ, ପର ଘରେ ମୂଲ ଲାଗି, କାମ ଧନ୍ଦା କରି ଆମକୁ ବଞ୍ଚାଇ ରଖିବ ସେଇ କାଳରେ । ବୋଉର ଏ ଢଙ୍ଗ ଦେଖି କେତେ ଅଦେଖା ଲୋକେ ଥଟ୍ଟା କରି ଥିଲେ । ମୁରୁକି ହସା ଦେଇଥିଲେ, ବିଦ୍ରୂପ କରି କହିଥିଲେ ମଧ୍ୟ । କିନ୍ତୁ ସେ ସବୁକୁ ଖାତିର ନକରି ସହି ଯାଉଥିଲା ମୁଣ୍ଡପାତି କେବଳ ଆମରି ପାଇଁ ଆମରି ମୁହଁକୁ ଚାହିଁ । ତଥାପି ଆମର ଦୁଃଖ ଯାଇ ନଥିଲା କି ପେଟ ପୁରି ନଥିଲା । ବାର ଅଖାଦ୍ୟ ଖାଇ ପ୍ରକୃତି ସହିତ ଲଢେଇ କରି ଜୀବନ ବଞ୍ଚାଇବାକୁ ଚେଷ୍ଟା କଲା ବେଳକୁ ସେ ଆମ ଉପରେ ଅଭୁରି ହିଂସା କରି ବସିଲା ।

ଦିନେ ବେଳ ଦିପହର ହେବ । ବୋଉ ମାସ ସାରା ପର ଦୁଆରେ ଦେହ ମେହନ୍ତ ଦେଇ ଖଟିଖଟି ପାଇଥିଲା ଦୁଇଟଙ୍କା ମୂଲ । ସେତକ ଧରି ଯାଉଥିଲା ଗାଁ ଶେଷ ମୁଣ୍ଡ ମହାଜନ ଘରକୁ ଧାନ ପାଇଁ । ନାଗରା ଦେଇ ମହାଜନ ଘର ଲୋକ ଦାଣ୍ଡ ମଝିରେ ଗାଁ ଗାଁରେ ବୁଲି କହି ଯାଇଥିଲା ଯେ ତାରି ଖମାର ପାଖରେ ଧାନ ବିକ୍ରୀ ହେବ । ଲୋକେ କଂସାବାସନ, ସୁନାରୁପା, ଆଉ ଅଳଙ୍କାର, ପେଡ଼ି ପେଟରା ଧରି ଚାଲିଥାନ୍ତି ପିମ୍ପୁଡ଼ି ଭେଳା ପରି । ଦୁନିଆରେ ନିଜେ ବଞ୍ଚି ରହିବେ—ତାଙ୍କରି ଝୁଅଙ୍କୁ ମଣିଷ କରାଇବେ ଏଇତ ଥିଲା ତାଙ୍କରି ଉଦ୍ଦେଶ୍ୟ ?

ଚକ ଘୁରେ—ତଳ ମୁଣ୍ଡ ଉପରକୁ ଯାଏ । ପୁଣି କେତେ-ବେଳେ ଉପର ମୁଣ୍ଡ ତଳକୁ ଆସେ । କେତେବେଳେ "ନାଆ ଉପରେ ଗାଡ଼ି ତ ଆଉ କେତେବେଳେ ଗାଡ଼ି ଉପରେ ନାଆ". ଯେଉଁ ଗରିବ ଚାଷୀ ମୂଲିଆ ଦେହ ମେହନ୍ତ ଦେଇ, ଲହୁଲହୁ

ଦେଇ, ମୁଣ୍ଡ ଝାଳ ତୁଣ୍ଡରେ ମାରି, ଖରା ବର୍ଷା ସହି ଫସଲ ଅମଳ କରିଥିଲା ସେଇ ଅଜ୍ଞ ଗଣ୍ଡାଏ ଧାନ ପାଇଁ ଅଖା ବାଡଗି ଧରି, ସାତ ସାଇତା ଧନକୁ ଗଣ୍ଠି ପକାଇ ଧାଇଁ ଯାଉଛନ୍ତି ପର ଦୁଆରକୁ, ମହାଜନ ଗୋଡ଼ ତଳକୁ—କେଡେ ହତଭାଗା ସେ—କେତେ ହୀନ କପାଳିଆ ସେ ? ଆଉ କେଡେ ନିର୍ବୁଦ୍ଧିଆ ସେ ନୁହେଁ ?

ମହାଜନ ଘର ଟିଣ ଛାତ ଦିଆ କଚେରୀ ଘର ସାମନାରେ ହଜାର ହଜାର ଲୋକ, ଝିପିଲା ଜୀବନ ବକଲରେ ଚାହିଁ ରହିଛନ୍ତି ତାଙ୍କରି ପରିଶ୍ରମର ଫଳ ତାଙ୍କରି ଲହୁରେ ଉତ୍ପନ୍ନ ଗଣ୍ଡାଏ ଧାନ ପାଇଁ । କେବଳ ନିଆଁ ଲଗା ଜୀବନ ଉପରେ ମୋହ ମାୟା ରଖି ।

ଅନ୍ତଇପେଟିଆ ସାହୁକାର ଝୁଲି ଝୁଲି ଆସି ପହଞ୍ଚିଲେ ଛାଇ-ନେଉଟା ବେଳକୁ । ଲୋକେ ଚାତକ ପରି ଚାହିଁଥାନ୍ତି ତାଙ୍କର ଆସିବାକୁ । ମହାଜନ ଆସିଲେ ବୋଲି ଚାରିଆଡ଼େ ଚହଳ ପଡିଗଲା । ଯିଏ ଯେଉଁଠି ଥିଲା କୋଳାହଳ ହୋଇ ଠେଲାଠେଲି ହୋଇ ମାଡ଼ି ମକଚି ହେଇ ଧାଇଁଗଲେ ଆଗକୁ । ସେଇ ଚହଳ ଅଉ କୋଳାହଳ ଭିତରେ ମହାଜନ ନିଜେ ଶୁଣାଇ ଦେଲେ ଯେ ଯେଉଁମାନେ ସୁନା ରୁପା, ଥାଳିକଂସା, ଅନ୍ୟ ଅଳଙ୍କାର ଧରି ଆସିଛନ୍ତି ସେଇମାନଙ୍କୁ ଧାନ ମିଳିବ । ଯେଉଁମାନେ ଟଙ୍କା ପଇସା ଧରି ଆସିଥିବେ ତାଙ୍କୁ ମିଳିବ ନାହିଁ । ଠିକ୍ ଏଇକଥା ସାହୁ-କାରଙ୍କ ପାଟିରୁ ନିସରୁଣୁ ସେଇ ଦରମଲା କାଙ୍ଗାଳ ଦହଲଙ୍କ ଝେଭ୍ରିକଲା ବୁକୁ ଭିତରେ ଖେଳିଗଲା ଗୋଟାଏ ଅଜଣା ଭୟର ଶିହରଣ । ବଞ୍ଚି ରହିବାର କେତେ ଆଶା ଯାଗି ଉଠିଥିଲା ତାଙ୍କର ମନ ଭିତରେ । ସବୁ ମରିଗଲା ଛାଏଁ ଛାଏଁ । ଧୁସୁରିଆ ମୁହଁସବୁ ନାଲି ପଡିଗଲା । ମୁଣ୍ଡର ବାଳ ଗୁଡାକ ଠାକୁସି ଉଠିଲା—ବୁଢ଼ା

ମାନେ ମୁଣ୍ଡରେ ହାତ ଦେଇ ବସି ପଡ଼ିଲେ—ଛୋଟ ଛୁଆଗୁଡ଼ାକ କାନ୍ଦି ଉଠିଲେ ସେଭକ୍ଳ ଦେଖିଲେ । ଗୋଡ ଚଳିଲା ନାହିଁ ତାଙ୍କର, ଢୋଲି ମାରି ପଡିଗଲେ ସେଇଠି ।

ଠିକ୍ ତାର ପଛ ପାଖରେ ଗୋଟିଏ ଷାଠିଏ ସତୁରୀ ବୟସର ବୁଢ଼ା ଦିନ ଦିନ ଧରି ଉପାସ ରହି ଧାଇଁ ଆସିଥିଲା ଠେଙ୍ଗାଟିଏ ଧରି । ଦେହର ଚମଡ଼ାର ଲୋଚ୍ଚ କୋଚ୍ଚ ହୋଇ ଯାଇଥିଲା । ଆଖି କୋଟର ଗତ । ବିନା ବାଡ଼ି ସାହାଯ୍ୟରେ ସେ ଦଣ୍ଡେ ହେଲେ ଛିଡ଼ା ହୋଇ ପାରୁନଥିଲା । ଏଣେ ପୁଣି ଭୋକ ଉପାସରେ ଦେହ ତାର ଅବଶ ହୋଇ ପଡ଼ିଥିଲା । ବୁଢା ବାଡ଼ିଖଣ୍ଡ ଠୁକୁ ଠୁକୁ କରି ବାରବର୍ଷର ନାତୁଣୀ କାନ୍ଧ ଉପରେ ହାତ ଦେଇ ଚାଲି ଆସିଥିଲା ଅଧମାଇଲିଏ ସରକି ବାଟ କେବଳ ଜି' ରହିବାର ହୋସରେ । ଯେତେବେଳେ ସେ ଆଣା ତାର ପାଣି ଫୁଟିକା ଫୁଟିଲାପରି ଉଭେଇ ଗଲା ସେଇଠି ସେ ପଡ଼ିଗଲା ମୁର୍ଚ୍ଛା ହୋଇ । ଅଠାଳିଆ ପାଟିରୁ ବାହାରି ପଡ଼ିଲା ଫେମଞାଏ ଗରଳ । ଭୋକ ଆତୁର ଜୀବନର ଦୀପଟି ଲିଭିଗଲା ତାର ସେଇ ସାହୁକାର ଦୁଆର ଟିଣ ଛାତ ତଳେ । ଏମିତି କେତେ ଲୋକ ଠେଲି ପଡ଼ିଲେ । କେତେ ଫେରି ଆସିଲେ କପାଳରେ ହାତ ମାରି, ଭାଗ୍ୟ ସହିତ ଅଭିମାନ କରି ।

ଦୁଇଟଙ୍କିଆ ନୋଟ ଖଣ୍ଡିକୁ ମୋଡ଼ି ମାଡ଼ି ଅଣ୍ଟିରେ ଖୋସି ଅଖାଖଣ୍ଡିକ କାଖରେ ଜାକି ଫେରି ଆସିଲି ଘରକୁ ମନଦୁଃଖରେ । ବେଳ ଦିପହର । ଘରେ ଖୁଦ କଣିକାଏ ବି ନଥିଲା । ଭୋକ ଉପାସରେ ଦୁଇଦିନ କଟି ଯାଇଛି—ଗୋଡ ମୋର ଚଳୁ ନଥାଏ ଆଗକୁ । ଭାବୁଥାଏ ସେଇ ଅଟ୍ଟିଆ ଭଉଣୀଟା ପାଇଁ । ସେତ ଅଭାବ ଅସୁବିଧା ବୁଝିବ ନାହିଁ ? ତାର କାନ୍ଦ ତାର ଝୁଙ୍କ ମୋର ଆଖି ଆଗରେ ନାଚି ଯାଉଥାଏ । ବୋଉ ପାଖକୁ ଧାଇଁ-

ଗଲି—ସେ ଘରେ ନଥିଲି ପଡ଼ଶା ଘରକୁ ଯାଇଥିଲି ତାର କାମରେ ଘର ଶୁନ୍ ଶାନ । ଭୟରେ ଅଥୟ ହୋଇ ଉଠିଲା ମୋର ମନଟା ।

ବାଡ଼ିଆଡ ବାଉଁଶ ବୁଦା ମୂଳେ ଗୋଟିଏ ଦଶଦନ ମାଲ ଅଟିକା ଭଙ୍ଗା ହୋଇ ପଡ଼ିଥିଲା । ସେଇ ଚୈଲୁଅରେ ଗଣ୍ଡେ ଶୁଖିଲା ଭାତ କେଉଁ ଦିନରୁ ଲାଗିଥିଲା । ତାର ପାଇଁ ଗୋଟେଏ ପାଖରେ ଚମହୀନ ରୋଗଣା କୁକୁରଟାଏ ଏବଂ ଅଉ ଗୋଟିଏ ପାଖରେ ମୋର ସେଇ ଆଦରର ଭଉଣୀ—ଦୁଇଜଣ ଲାଗିଥାନ୍ତି ଟଣା ଓଟରା ସେଇ ଶୁଖିଲା ମାଲ ଅଟିକା ଛଡ଼ା ଗଣ୍ଡାଏ ଭାତ ପାଇଁ । ଚୈଲୁଅ ଭିତରୁ ଗୋଟି ଗୋଟି କରି ଖୁଣ୍ଟି ଖାଇ ତାର ଜୀବନ ବଞ୍ଚାଇବାକୁ ଚେଷ୍ଟା କରୁଛି ପୁଣି କୁକୁର ସାଙ୍ଗରେ ଲଢ଼ାଇ କରୁଛି କେବଳ ବଞ୍ଚି ରହିବା ପାଇଁ ।

ଅମାନିଆ ଆଖିର ଲୁହ ମୋର ସମ୍ଭଳା ପଡ଼ୁନଥିଲା । ମନବ୍ୟସ୍ତ ହୋଇ ଉଠିଥିଲା । ବୁଦ୍ଧି ହଜିଗଲା ସେତେବେଳେ । ଧାଇଁଗଲି ତାର ପାଖକୁ । ତାକୁ ବାଧା ଦେବାପାଇଁ—ମନ ଦବିଗଲା । ଭାବିଲି ଦୁନିଆ ଭିତରେ ବଞ୍ଚି ରହିବାକୁ ହେବ ଯେ କୌଣସି ପ୍ରକାରେ । ନା, ସେ ଖାଉ । ତାକୁଇ ଖାଇ ବଞ୍ଚୁ—ତାକୁ ମରିବାକୁ ଦେବି ନାହିଁ । କୁକୁର ସହିତ ଯୁଦ୍ଧ କରୁ ତାରଠାରୁ ଦାନା ଛଡ଼ାଇ ଖାଇ ମଣିଷ ବଞ୍ଚିରହୁ ଶ୍ରେଷ୍ଠ ଜୀବ ହୋଇ ଦୁନିଆ ଭିତରେ । ବାଡେଇ ତଡ଼ି ଦେଲି ସେଇ ରୋଗିଣୀ କୁକୁରଟାକୁ । ସେ ନିର୍ଭୟରେ ଟାଣିନେଲା ସେଇ ଚୈଲୁଅଟାକୁ ଏବଂ ଅଣନିଶ୍ୱାସୀ ହୋଇ ଉଦରସ୍ଥ କଲା ଶୁଖିଲା ଭାତ ଗଣ୍ଡାକୁ ।

ମୁଁ ଚାହିଁ ରହିଥିଲି ତାର ଆଡେ ଅପଲକ ଚାହାଣୀ ଦେଇ । ଦେଖୁଥିଲି ତାକୁ—ଭାବୁଥିଲି—ଭଗବାନଙ୍କ ଆଶୀର୍ବାଦରେ ମଣିଷ ଜନ୍ମ ମିଳେ ସେ ହେଉଛି ଜୀବ ଜଗତରେ ଶ୍ରେଷ୍ଠ ଅଉ ବୁଦ୍ଧିମାନ

ଏଇ କ'ଣ ତାର ନିଦର୍ଶନ ? ମୋର ବକ୍ଷ ସ୍ଥଳରୁ ଶିହରଣ ଖେଳାଇ ବାହାରି ଆସିଲା ଗୋଟାଏ ହୁଙ୍କାର ଶବ୍ଦ, ନା ! ସେଇ ଶବ୍ଦ ଶୁଣି ଡରରେ ଅଇଠା ଛେଳିଅଙ୍କୁ ଫୋପାଡ଼ି ଦେଇ ଆଉଜି ପଡ଼ିଥିଲା ମୋର କୋଳ ଉପରକୁ ତାର ନୁଖୁରା ବାଳ ଗୁଡ଼ାକୁ ଛାତି ଉପରେ ଚାଙ୍କି ରଖି ।

ଠିକ୍ ତାର ଦୁଇ ଗୁରୁଦିନ ପରେ ତାକୁ ହେଲା ଜ୍ୱର ଓ ଝାଡ଼ା ବାନ୍ତି । ତେନ୍ତୁଳି ପତ୍ର ଆଉ ବାର ଅଖାଦ୍ୟ ଖାଇ ଏଇ ରୋଗରେ ଲୋକ ମରୁଥାନ୍ତି ମାଲ ମାଲ । କେତେ ଛୁଆ ଝୋଲି ପଡୁଛନ୍ତି ମା କୋଳରୁ, କେତେ ବାପ ମା ଗ୍ଲଲି ଯାଉଛନ୍ତି ଆର-ପାରିକୁ ତାଙ୍କର କୋଳ ଶିଶୁକୁ ସ୍ୱସ୍ତ୍ରାରେ ଗଡାଇ ଦେଇ ଆଉ କେତେ ପୁରୁଷ ମଧ୍ୟ ଯୁବତୀ ସ୍ତ୍ରୀର ମୁଣ୍ଡରୁ ସିନ୍ଦୂର ଆଉ ହାତରୁ ଶଙ୍ଖା କାଟି ଦେଇ ଯାଉଛନ୍ତି କେଉଁ ଅଜଣା ରାଇଜକୁ କେବଳ ପ୍ରକୃତିର କୁଠାର ଚକ୍ରାନ୍ତରେ ପଡ଼ି ।

ଘରେ କାଣି କଉଡ଼ିଟାଏ ସୁଦ୍ଧା ନଥିଲା ତାକୁ ପଥ୍ୟଦେବାପାଇଁ—ଔଷଧ କଣିବା ପାଇଁ ଡାକ୍ତର ବଇଦ ଦେଖାଇବା ପାଇଁ ପଇସା ବା କେଉଁଠାରୁ ପାଇବୁଁ । ଘରେ ଜିନିଷ ପତ୍ର ଅସ୍ତ୍ର ଅଳଙ୍କାର ଯାହାଥିଲା ତାକୁ ତ ଆଗରୁ ବୋଉ ବିକି ଭାଙ୍ଗି ଆମରି ମୁହଁରେ ପେଜ ଟୋପାଏ ଲେଖାଏଁ ପକାଇ ବଞ୍ଚାଇ ଆଣିଥିଲା ଏତେ ଦିନ ପର୍ଯ୍ୟନ୍ତ । ଭଗବାନ ଏଇଠି ପୁଣି ଆମରି ସାଙ୍ଗରେ ଗରବ ସାଥିରେ ବାଦ କରି ବସିଲେ । ବୋଉର ବୁଦ୍ଧି ହଜିଗଲା । ସେ ନିରୁପାୟ ହୋଇ ସ୍ତବ୍ଧ ହୋଇ ବସିଲା ତାର କୋଡରା ବିଛଣା ପାଖରେ । ଦେହର ତାପ ବଢି ଗ୍ଲଲିଛି—ହାତ ଦେଇ ହେଉ ନାହିଁ । ମୁଣ୍ଡରେ ଥଣ୍ଡା ପାଣିର କନା ପଟି ପଡ଼ିଥିଲା । ବୋଉ ତାର ବିଛଣା ପାଖରେ ବସି କେତେ ଠାକୁରଙ୍କୁ ଡାକୁଥାଏ ।

ଜ୍ୱର ହେଉଥାଏ । ମୁଣ୍ଡ ବାଉଳେଇ ହେଉଥାଏ । ତା'ର ମୁଣ୍ଡରେ ଦିଅଁଙ୍କର ପାହୁକା ମାରୁଥାଏ । ତଥାପି ଆଶାର ଗୃହ ହୃଦୟର ଭୟ ମେଘୁଆ ଆକାଶରେ ଉଦୟର ସୂଚନା ନେଇ ନଥିଲା ବରଂ ବିପଦର ଝଡ ବେଳେ ବେଳେ ଉଙ୍କି ମାରୁଥିଲା ଭୟ ବାଦଲ ଢେଉ ସେଇ ହୃଦୟ ଆକାଶରେ । ବୋଉ ବିଷର୍ଣ୍ଣେ ହୋଇ ଯାଉଥାଏ, ଭାଙ୍ଗି ପଡୁଥାଏ ଗୋଟିଏ ଅଜଣା ଭୟ ଆଉ ବିପଦର ଆଶଙ୍କାରେ—ଉପାୟ ଶୂନ୍ୟ ହୋଇ ଚି'ରା ଛାଡ଼ି, ପାଗଳଙ୍କ ପରି ବକ୍କ ବକ୍କ ଧାଇଁ ଗଲା ଗାଁ ମୁଣ୍ଡ ହୋମିଓପାଥି ଡାକ୍ତର ପାଖକୁ । ସେତେବେଳେ ଡାକ୍ତର ମହାଶୟଙ୍କର ଥିଲା କଟେବାର—କେତେ ଲୋକଙ୍କ ମଥାମଣି, କେତେ ଲୋକଙ୍କ ଗଳାହାର, ଆଉ କେତେ ଲୋକଙ୍କ ଗୋଡ଼ର ପାଉଜ, ସାୟୁଣାତି, ଝୋଟାଗରା, ଆଲମାରି ଚୌକୀ, ଆଉ ଭାତରନ୍ଧା ହାଣ୍ଡି ପର୍ଯ୍ୟନ୍ତ ତାଙ୍କର ଘର ବାକ୍ସ ଅଳଙ୍କୃତ କରୁଥିଲା !

ଲୋକେ ସେ ସବୁକୁ ଭ୍ରୁକ୍ଷେପ ନକରି, ନିଜର ଭାଇ କୁଟୁମ୍ବ ଆଉ ସ୍ତ୍ରୀପୁତ୍ରଙ୍କର ଜୀବନ ଭିକ୍ଷା ପାଇଁ ନେଇ ଅଜାଡ଼ି ଦେଉଥିଲେ ତାଙ୍କର ପାଖରେ ମନ୍ଦିରରେ ଦେବା ଦେବୀଙ୍କର ପାଦ ତଳେ ମନାସିବା ଫୁଲ ଅଜାଡ଼ିଲା ପରି । ସେ ଡାକ୍ତର ମହାଶୟଙ୍କର ଯୋଗ୍ୟତା ଥିଲା କେବଳ ଏକତ୍ରାମ ପୂର୍ଣ୍ଣ ତରଳି ଶିଶିଆ ହୋମିଓପାଥି ବାକ୍ସ ଆଉ ପାରିବାରିକ ଚିକିତ୍ସା ବୋଲି ଖଣ୍ଡିଏ ବହି ଉପରେ—ରୋଗୀ ଆସିଲେ ଆଗେ ଫିସ୍‌ଟା ଆଦାୟ ନେଇ କେତେବେଳେ ବେଲାଡୋନା ଦିଅନ୍ତି ତ କେତେବେଳେ ନକ୍ସ, କେତେବେଳେ ପଲସଟିଲା ତ କେତେବେଳେ ଆର୍ନିକା । ଯେତେବେଳେ ରୋଗିକୁ ଯେଉଁ ଔଷଧଟା ଲାଗେ ସେତେବେଳେ ସେଇ ଔଷଧଟା ଦିଅନ୍ତି । କେତେବେଳେ ଅବା ରୋଗୀକୁ ଠିକ୍ ଔଷଧ

ଧରୁ ଧରୁ ସେ ତାର ରାସ୍ତା ସଫାକରି ଗ୍ରୁଲ୍ ଯାଇ ଥାଏ ଆଉ, ପାରନ୍ତି । କେତେବେଳେ ଅବା କେହି ଆରୋଗ୍ୟ ଲାଭ କରନ୍ତି ।

ଉଲମାଲ ଅଞ୍ଚଳରେ ପାଖ ଆଖରେ ତ ଆଉ କେହି ବୈଦ୍ୟ କି କବିରାଜ ନଥିଲେ ? ସେଇ ଡାକ୍ତର ମହାଶୟ ଥିଲେ ସେ ଅଞ୍ଚଳର ଜଣେ ଜଣାଶୁଣା । ଅପାଳକ ରାଜ୍ୟକୁ ବଳୁଥିବା ପରି ତାଙ୍କର ଆସନ ଥିଲା ବହୁତ ଉଚ୍ଚରେ । ବିଶେଷତଃ ଏଇ ମଶା ମାଛିଠାରୁ ହୀନ କାଙ୍ଗାଳ ମହଲରେ—

ମହାଶୟ ବାହାର ଅଗଣାରେ ବସି ଗୋଟିଏ ଗରିବ ମାଗି-ଖିଆର ବିପଦ ମନାସୀ ନଳଲଗା ହୁକା ଟାଣୁଥାନ୍ତି ଗୁଡ୍ରୁ ଗୁଡ୍ରୁ କରି । ଅଣାର ଜାଲ ମେଲେଇ ଦେବତା ପାଖରେ ପାଖରେ ମୁଣ୍ଡିଆ ମାରି ଗୃହି ବସିଥାନ୍ତି ଗରାଖଟିଏ ଉଦ୍ଦେଶ୍ୟରେ । ବୋଉ ପାଗିଲି ହୋଇ ଧାଇଁ ଯାଇଥାଏ ସେଇ ମହାଶୟଙ୍କ ଗୋଡତଳକୁ ପାନେ ଔଷଧ ପାଇଁ । ତାର ରକତ ଦିଅ ଜନମ କଲା ଛୁଆକୁ କୋଳରୁ ଅଲଗା ନ କରିବା ପାଇଁ ମାଗିଥିଲା କେତେ କାକୁତି ହୋଇ, କେତେ ମିନତି କରି । କିନ୍ତୁ ଡାକ୍ତର ମହାଶୟ ଆଗ ହାତ ବଢାଇ ଥିଲେ ତାଙ୍କର ପାଉଣା ପାଇଁ—ତା' ପାଖରେ ନଥିଲା ଧନ ଦଉଲତ ଅଜାଡି ଦେବ ତାଙ୍କର ପାଦ ତଳେ ନିଜ ଛୁଆର ଜୀବନ ପାଇଁ । ଗରିବର ଅନ୍ତଶସ୍ତ୍ର ସାତ ସାଇତା ହୃଦୟ ଫଟା ବୁକୁଥରା ଅଖିର ଲୁହଥିଲା ତାରି ପାଖରେ ବହୁ ପରି-ମାଣରେ । ସେତକ ସେ ଅଜାଡ଼ି ଦେଇଥିଲା ତାଙ୍କରି ପାଖରେ ତାଙ୍କର ପାଦ ତଳେ । ତାଙ୍କର ଦୟାକୁ ଅପେକ୍ଷା କରି ତାଙ୍କର ଗୋଡଧରି ଗୃହିଁ ରହିଥିଲା । ପଇସା ନିଶାରେ ଜଳଉଠିଥିଲା ତାଙ୍କର ଦେହ । ସେ ଠେଲି ଦେଇ ଥିଲେ ବୋଉକୁ ତାଙ୍କର କଣ୍ଠଲଗା

ଗୋଡରେ । ସେ ଜଗୁଡ଼ି ହେଇ ପଡିଲା ଯାଇଁ ଖଣ୍ଡେ ଦୂରରେ– ଗରୀବ ସେ, ମଳ ମୁଣ୍ଡିଆ ସେ, ନୁଖୁରା ସେ—ଏଇଥି ପାଇଁ ଏତେ ସ୍ଥାନମାନ ଦହଗଞ୍ଜ ହନ୍ତସନ୍ତ ।

ଉପାୟ ନପାଇ ଧାଇଁ ଆସିଲା ରାସ୍ତାରେ ରଡି ଛାଡି ପୁଣି ଥରେ ତା'ର ଝୁଅକୁ ଆଖି ପୁରାଇ ଦେଖିବ ବୋଲି ।

ସେତେବେଳେ ନଜର ପଡିଲା ମୋର କେଇଖଣ୍ଡ ଦାମିକା ବହି ରାମାୟଣ, ମହାଭାରତ, ଗୀତା ଆଉ ଭାଗବତ ଉପରେ—ନୂଆ କରି କିଣି ସୁନ୍ଦର ଭାବେ ବାନ୍ଧି ସଜାଇ ରଖିଥିଲି ଗାଦି ଉପରେ । ତାକୁଇ କିଣିଥିଲି ଜୀବନର ଆଲୋକ ପାଇବା ଆଶାରେ ଏବଂ ତାକୁଇ ଦେଇ ବଞ୍ଚାଇ ରଖିବି ମୋର ଆଦରର ଗେହ୍ଲା ଭଉଣୀ-ଟିକୁ । ସେଇ ବହି କେଇ ଖଣ୍ଡକୁ ଧରି ଚାଲିଲା ବେଳକୁ ସେଇ ଛତରା ଲଗା ରୋଗିଣୀ ପାଟିରୁ ବାହାରି ପଡିଲା ଭାଇ ! ଦୌଡି ଗଲି ତା'ର ପାଖକୁ ତାକୁ କୋଳ କରିବାକୁ—ସ୍ନେହ କରିବାକୁ, ଗେଲ କରିବାକୁ । କିନ୍ତୁ ସେ ଛଡାଇନେଲା ମୋଠାରୁ ଭାଗବତ ଗୀତା ଖଣ୍ଡକୁ । 'ଏ ମୋ ବହି ଯାକୁ ମୁଁ ଛଡେ ଦେବି ନାହିଁ' ବିକଳରେ କହିଉଠି ବହି ଖଣ୍ଡକୁ କୋଳରେ ଚାପି ରଖି ଭେଦା ଆଖିରେ ଚାହିଁ ରହିଲା ମୋର ଆଡେ । ଏତେ ବେମାରରେ ପଡି ମଧ୍ୟ ତା'ର ସ୍ୱଭାବ ସୁଲଭ ଚପଳତାକୁ ଦେଖାଇବା ପାଇଁ ଭୁଲି ନଥିଲା । କିନ୍ତୁ ଉପାୟ ନଦେଖି ବାଧ୍ୟ ହେଲି ଟାଣିନେଇ ଧାଇଁ ଯିବାକୁ । ସେ କାନ୍ଦି ଉଠିଲା ସ୍ୱ ଧରି । ବୋଉ ତାକୁ କୋଳକୁ ଆଉଜାଇ ନେଇ ଚାହିଁ ରହିଲା ମୋର ଚାଲା ବାଟକୁ ।

ଡାକ୍ତର ମହାଶୟଙ୍କ ଘର । ଖାଲି ଅମଡ଼ ଗାଁ । କାହିଁକି ପାଖଆଖ ଅଞ୍ଚଳର ସମସ୍ତଙ୍କ ସାତ ପୁରୁଷି ମୌରସୀ ଧନ ଦଉଲତ ଅୟୁ ଅଳଙ୍କାର ଆସବାସ ପତ୍ର ସବୁ ତାଙ୍କର ଘରକୁ ବେଶ୍

ଶୋଭା ମଣ୍ଡନ କରୁଥିଲା । କେବଳ ତାଙ୍କର ଶୋଇଲା ଘରର ଠଣାଟି ଫାଙ୍କା ପଡ଼ିଥିଲା ଆମର ଏଇ କେଇଖଣ୍ଡ ବହିର ପୂରଣ ଉଦ୍ଦେଶ୍ୟରେ । ମୁଁ ତାଙ୍କର ପାଦ ତଳେ ନେଇ ଅଜାଡ଼ି ଦେଇ ମାଗିଥିଲି ତାରି ବଦଳରେ ମୋରି ସାନ ଭଉଣୀର ଜୀବନ ଭିକ୍ଷା କେଇପାନ ହୋମିଓପାଥି ଔଷଧରେ । ଡାକ୍ତର ମହାଶୟ ବହି କେଇଖଣ୍ଡକୁ ଉତ୍ତମ ରୂପେ ଖୋଲାଇ ଦେଖି ସଜାଇ ରଖିଥିଲେ ତାଙ୍କରି ଥାକରେ କେତେ ଖୁସି ହୋଇ କେତେ ନିଜର ଭଲ କରି ବଛାଇ ଦେଇଥିଲେ ଆଠଟି ପୁଡ଼ିଆ ଔଷଧ । ତାକିଦ୍ କରି ମଧ୍ୟ କହିଦେଲେ ପ୍ରତି ଘଣ୍ଟାରେ ଗୋଟିଏ ଲେଖାଏଁ ପୁଡ଼ିଆ ଖାଇବାକୁ ପଡିବ ଏବଂ ପରଦିନ ସକାଳୁ ଯାଇଁ ତାଙ୍କୁ ଫଳାଫଳ ଖବର ଦେବାକୁ ହେବ । କେତେ ଦରଦ ଲଗାଇ ସତେ ଯେମିତି ଆମର ହୋଇ କହୁ ଯାଉଥାନ୍ତି ନରମ ନରମ କଥା ଗୁଡାକ ।

ସେଇ ପୁଡିଆ ଗୁଡ଼ିକୁ ହାତ ମୁଠାରେ ଚୁପିଧରି ଖୁବ୍ ଜୋରରେ ଦୌଡ଼ିଲି ଆମରି ଘରକୁ । ମୋରି ହାତରେ ଅଛି ତାରି ଜୀବନ ତାକୁ ବଞ୍ଚେଇବାକୁ ହେବ । ସେତେବେଳକୁ ସଞ୍ଜ ହୋଇ ଯାଇଥିଲା । ପଶ୍ଚିମ ଆକାଶରେ ସୂର୍ଯ୍ୟ ଦେବତା ଲୁଚିଯାଉଥିଲେ ମା କୋଳରେ । କାଳ ରାତିର ଘୋର ଅନ୍ଧକାର କ୍ରମେ ଘୋଟି ଆସୁଥିଲା । ନିର୍ମଳ ଆକାଶର ତାରା ଗୁଡିକ ବଚ୍ଛେଇ ହୋଇ ପଡିଥିଲେ ଚୁରି ଅତେଡ । ଠିକ୍ ଏତିକି ବେଳେ କଳା ମିଚ ମିଚିଆ ମେଘ ଘୋଟି ଆସି ଢାଙ୍କି ରଖିଥିଲା ଆକାଶକୁ । ଅନ୍ଧକାର ଆହୁରି ଘନେଇ ଉଠିଥିଲା । ପଥହରା ପଥିକକୁ ବେଳେ ବେଳେ ବିଜୁଳି ଆଲୁଅ ବାଟ କଢେଇ ନେଉଥାଏ ।

ବାହାରର ଅନ୍ଧାର ସହିତ ସମାନ କରି ମନଭିତରେ ଯେଉଁ ଦୁଃଖ ଅନ୍ଧାରର ଛାୟା ଘୋଟି ଯାଇଥିଲା ତାକୁଇ ଆଲୋକିତ

କରିବା ପାଇଁ ପାଇଥିଲି କେଇ ପାନ ଔଷଧ । ସେଇଥିରୁ ଗୋଟିଏ ପାନ ତାର ପାଟିରେ ଗୁଞ୍ଜି ଦେଇ ଭିଜା ଆଖିରେ ଚୁହିଁ ରହିଥିଲୁ ଆମେ ମା ପୁଅ ଦୁଇଜଣ । ଅମାରାତର ନିର୍ଜନତା ମାଡି ଆସୁଥାଏ ଠିକ୍ ଆମର ମନର ଭୟ ଆଉ ଦୁଃଖ ସହିତ ସମାନ କରି । ଅନାଇ ରହିଥିଲୁ ତାଙ୍କ କର୍ମ ଫଳ ଉପରେ ଆଶା ରଖି । ଭଗବାନଙ୍କ ଦୟା ଉପରେ ନିର୍ଭର କରି ସୁପ୍ରଭାତର ନାଳିଆ ଆକାଶରେ ସୂର୍ଯ୍ୟ ଦେବତାଙ୍କର ଉଦୟ ସାଗ ଆଖି ପୁରାଇ ଦେଖିବା ପାଇଁ । ସ୍ୱାସ୍ଥ୍ୟର ପରିବର୍ତ୍ତନ ତ ହେଲା ନାହିଁ ବରଂ ଉତ୍ତାପ ଆହୁରି ଜୋରରେ ଉଠିଲା ଉପରକୁ । ବୋଉ ତାର ମୁଣ୍ଡକୁ କୋଳ ଉପରେ ରଖି ଆଉଁସି ଦେଉଥିଲା ନୁଚୁରା ଜଟାଳିଆ ଚାଲିଗୁଡ଼ାକୁ । ଆଖିର ଲୁହ ତାର ଝରି ପଡୁଥିଲା ଠେପର ଠେପର ହୋଇ ଆଷାଢର ପ୍ରଥମ ଅସରା ମେଘ ବରଷିଲା ପରି । ସେଇ ନିସ୍ତନ ରାତି ମଧ୍ୟରେ ବେଳେ ବେଳେ ସମଦୁଃଖୀ ପଡ଼ୋଶୀଙ୍କ ଘରୁ କରୁଣ କ୍ରନ୍ଦନର ରୋଳ ଆହୁରି ଭୟାତୁର ଓ ଦୁଃଖାତୁର କରି ପକାଉଥିଲା ଆମକୁ । ମୁଁ ବିଷର୍ଣ୍ଣ ଆଉ ମଳିନ ହୋଇ ନଇଁ ଯାଇଥିଲି ନିରାଶରେ । ଦୁଇ ହାତକୁ ଗୋଡର ଦୁଇପଟେ ଛନ୍ଦ ଦେଇ ଦୁଃଖଭରା ମୁଣ୍ଡଟିକୁ ଲଦି ଦେଇଥିଲି ଆଣ୍ଠୁର ଉପରେ । ଭାବୁଥିଲି କେତେ କଥା । କସ୍ତକବେଳେ କଉସିଲଗା ଭଉଣୀଟାର ଜୀବନର ଦୀପ ଲିଭି ଆସୁଥିଲା ଧୀରେ ଧୀରେ । ଠିକ୍ ତାର ପାଖରେ କଳା ମିଚିମିଚିଆ ଅନ୍ଧାର ରାତିର ଆମରି ପରି ଗରିବଙ୍କ ଉଦଅ ଗୃହ ସେଇ କରଞ୍ଜ ଦୀପଟା ମିଞ୍ଜି ମିଞ୍ଜି ହୋଇ, ଲିଭି ଆସିଲା ପରି । ରାତିର ଶେଷ ପହର ବେଳକୁ ବିଳିବିଳେଇ ହୋଇ ଚେଇଁ ଉଠିଲା ସେ । ବୋଉ ତାକୁ କୋଳ ଭିତରେ ଜାକି ଧରି ବୋଧ କଲା, ସାନ୍ତ୍ୱନା ଦେଲା । ମା' ସେ ବଞ୍ଚ ଓ

ଜୀବନ ଦେଇ ଗଢ଼େ ଝୁଅଙ୍କୁ । ସେ କେବଳ ବୁଝେ ଫୁଲର ଦୁଃଖ ଆଉ କଷ୍ଟ । ତାର ଅନ୍ତର ନଇଁପଡେ ତାର ଜନମ କଲା ଝୁଅର ଦୁଃଖ ଦେଖିଲେ । ସେଇ ନିଜେ ନଖାଇ ସାତଗଣ୍ଡି କରି ଝୁଅ ପାଇଁ ପଣତ କାନିରେ ତାଙ୍କି ରଖିଥାଏ· ଖାଇବା ଜିନିଷ ଆଉ ଚୁହିଁ ବସିଥାଏ ଚିରଦିନ ଭିଜା ଆଖିରେ ଦରଦୀ ହୃଦୟ ଧରି ଛାଡି ଯାଇଥିବା ସନ୍ତାନର ଅଣ ନେଉଠା ବାଟକୁ । ଅନ୍ତର ତାର ଫାଟି ପଡୁଥିଲା । ବୁକୁ ତାର ଚିର ହୋଇ ଯାଉଥିଲା । ମନ ବି ବିଦୀର୍ଣ୍ଣ ହୋଇ ଯାଉଥିଲା । ତାର ଝୁଅର ଏଇ ଦୁଃଖ ଏଇ କଷ୍ଟ ଆଖି ଆଗରେ ଦେଖି ଭାଙ୍ଗି ପଡୁଥିଲା ସେ ।

ପାଖରେ ଥିଲା ମାଟି ଠେକି ପୂର୍ଣ୍ଣ ଗଙ୍ଗାଜଳ । ଖଣ୍ଡିଏ ଭଙ୍ଗା ସାମୁକା ପଡ଼ିଥିଲା ତାରି ଭିତରେ । ସେଇଥିରୁ ଦୁଇ ସାମୁକା ଗଳାଇ ଦେଲା ସେଇ ରୋଗିଣୀର ଶୁଖିଲା ଆଉ ନିବୁଜ ପାଟି ଭିତରେ ।

ଲୋଗ୍ରୁ କୋଗ୍ରୁ ମୁହଁଟା ମୋର ଠେକି ହୋଇଥିଲା ଉପରକୁ— ହାଲ ଗୁଡାକ ଜକେଇ ଉଠିଥିଲା ଶୁଖିଲା ମୁହଁରେ ଠିକ୍ ଗରମ ପାଣି ଭରା ଗୋଟିଏ ଗରାର ଉପରି ଭାଗରେ ଜଳବିନ୍ଦୁ ଜକେଇଲା ପରି । ହାତକୁ ଧୀରେ ଧୀରେ ନେଇ ତାର କପାଳ ଉପରେ ରଖି ଆଉଁସିବାକୁ ଲାଗିଲି । ତାରି ଧୂସରିଆ ମୁହଁକୁ ଚୁହିଁ ରହିଥିଲି କେତେ ଆଶଙ୍କା କରି—କେତେ ଭଗବାନଙ୍କୁ ଡାକି । ବୋଉ ପାଖରେ ବସି ମୁଣ୍ଡ ବାଡେଇ ହେଉଥାଏ-କାନ୍ଦୁଥାଏ କେତେ । ଲିଭି ଯାଉଥିବା ଦୀପ ଚେଇଁ ଉଠିଲା ପରି ରୋଗିଣୀଟା କେତେକ କଥା କହି ପକାଇଲା । ବୋଉ ତୁ କାହିଁକି ଏମିତି ହେଉଛୁ ? ଭାଇ କ'ଣ ହେଲାଣି ଦେଖିଲୁ ? ସେ ଅତୁରି ବ୍ୟଥିତ ହୋଇ ଉଠି ତାକୁ ଜାକି ଧରି କହି ଉଠିଲା

ବାପୁ୍ଣୀ ! ସତେ କ'ଣ ଭଗବାନ ମତେ ସାହା ହେବେ ? ସତେ କ'ଣ ନୀଳାଚଳ ପ୍ରଭୁ ଗରିବର ଡାକ ଶୁଣିବେ ? ସତେ କ'ଣ ଦୁଃଖ ଭଞ୍ଜନକାରୀ ମୋ ଭଳି ଗରିବର ଦୁଃଖ ହରିବେ ?

ପୁଣି ସେ ବୈରାଗିଣୀ କହି ଉଠିଲା—ତୁ ଭୁଲ କହୁଛୁ ବୋଉ ।

ସେତେବେଳକୁ ଘଣ୍ଟି ତାର ପଡ଼ି ଆସିଲାଣି । ପାଟି ଖାଲି ମାରି ନେଇ ଯାଉଥାଏ । ଏଣେ ମିଞ୍ଜିମିଞ୍ଜିଆ କରଞ୍ଜ ଦୀପଟା ଟିକେ ତେଜି ଉଠିଥିଲା । ବାହାରେ କାଲ ରାତିର ଅନ୍ଧାର ଅପସରି ଯାଉଥାଏ ଧୀରେ ଧୀରେ । ଠିକ୍ ସେତିକବେଳକୁ ଥରିଲା କଣ୍ଠରେ ଅସ୍ପଷ୍ଟ ସ୍ୱରରେ ବାହାରି ପଡ଼ୁଥିଲା ଅନ୍ତର କେଇପଦ ତାର କଣ୍ଠରୁ—

"ଆମେ ଗରିବ, ଆମେ ଅଭିଶପ୍ତ, ଆମେ ଛୋଟ, ଆମେ ହୀନକପାଳିଆ । ଆମ ପାଖରେ ଟଙ୍କା ନାହିଁ, ଆମ ପାଖରେ ଧନ ଦଉଲତ ନାହିଁ, ଆମ ପାଖରେ ସୁନା ରୁପା ନାହିଁ, ଆମ ପାଖରେ ବଡ଼ ବଡ଼ କୋଠା ବାଡ଼ି ନାହିଁ । ଆମେ ତାଙ୍କୁ ସନ୍ତୁଷ୍ଟ କରି ପାରିବା ନାହିଁ, ଆମେ ତାଙ୍କୁ ଭୁଲାଇ ପାରିବା ନାହିଁ, ଆମେ ତାଙ୍କୁ ଧରି ରଖି ପାରିବା ନାହିଁ କି ଆମେ ତାଙ୍କୁ ନିଜର କରି ପାରିବା ନାହିଁ । ଆମ ପାଇଁ ସେ ସାହା ହେବେ ନାହିଁ କି ଆମ ପାଇଁ ଦେହ ଦେଖାଇବେ ନାହିଁ । ଆମ କଥା ବିଚାର କରିବେ ନାହିଁ କି ଆମ କଥା ଶୁଣିବେ ନାହିଁ । ସେ ଆମର ନୁହନ୍ତି ବୋଉ । ଦୁଃଖୀର ସାଥି ନୁହନ୍ତି । ସେ ବଡ଼ ଲୋକଙ୍କର ସୁଖର ସାଥି । ଆମର ସାହା କେବଳ ଆମର ଦେହର ଲହୁ ଆଉ ଆମର ଆଖିର ଲୁହ ।"

ଏତିକି କହୁ ସାରିଲା ବେଳକୁ ଘଣ୍ଟି ଭିତରୁ ତାର ଗୋଟାଏ

ଝୁଙ୍କା ବାହାରି ଆସିଥିଲା । ଧକଧକିଆ ଦୀପଟା ଲିଭି ଯାଇଥିଲା ଦପ୍‌କରି । ଏଣେ ଘରର ଅନ୍ଧାର ଫର୍ଚ୍ଛା ହୋଇ ଯାଇଥିଲା ଆଉ ସେ ରୋଗିଣୀ ଭଉଣୀଟା ଚାଲି ଯାଇଥିଲା ଆମକୁ କନ୍ଦାଇ ଦେଇ । ଦୁଃଖ ସାଗରରେ ଭସାଇ ଦେଇ । ଜଞ୍ଜାଳ ଭରା ଦୁନିଆର ବହୁ ଦୂରକୁ ଯେଉଁଠି କି ଆମରି କାନ୍ଦ, ଆମରି ରୋଳ ଆମରି ଦୁଃଖ ତାରି କାନରେ ପଡ଼ ନଥିଲା ଶରଧନ ପାଇଁ—

ସେ କହି ଯାଉଥିଲାବେଳେ ମୋର କଥା, ମୋରି କାହାଣୀ, ଅତୀତର ଏଇ ହୃଦୟସ୍ଥ ଚିର ସ୍ମୃତିଗୁଡ଼ିକ ମୁଣ୍ଡ ଭିତରେ ଚେଇଁ ଉଠୁଥିଲା ଖୁବ୍ ଜୋରରେ । ମନ ଅସ୍ଥିର ହୋଇ ଉଠୁଥିଲା ସେତିକିବେଳେ । ସେ ହଠାତ୍ ବୁଲି ପଡ଼ି ଚାହିଁ ଦେଲା ମୋରି ଆଡ଼େ । ଆଖିର ଲୁହ ମୋର ଅବଶ୍ରାନ୍ତ ଭାବରେ ଗଡ଼ି ଚାଲୁଥାଏ । ଲିପଷ୍ଟିକ୍ ଦିଆ ନାଲିଆ ଓଠ ତାର ଥରି ଉଠିଥିଲା । ସରଳ ଆଉ ଶାନ୍ତ ଆଖି ଦୁଇଟି ତାର ଓଦା ହୋଇ ଉଠିଥିଲା । ପାଖେଇ ଆସିଥିଲା ମୋର ଆଡ଼କୁ ମୋର ମନରେ ଶାନ୍ତି ଦେବା ପାଇଁ ମୋରି ମୁହଁରେ ହସ ଫୁଟାଇବା ପାଇଁ ।

ସେ ଥିଲା ବଡ଼ଲୋକ—ମୁଁ ଥିଲି ଗରିବ ଦୁଃଖୀ । ତାରି ସମ୍ମାନ ତାରି ଇଜ୍ଜତକୁ ରକ୍ଷା କରିବା ପାଇଁ ମୁଁ ସେତିକିବେଳେ ତା ଠାରୁ ଅଲଗା ରହୁଥିଲି । ତା ସହିତ ସମାନ ହୋଇ ତା ସହିତ ମିଶି

ମଣି ଚଳିବାକୁ ସଂକୋଚ ବୋଧ କରୁଥିଲି ଯେତିକି ଭୟ ବି କରୁଥିଲି ସେତିକି ।

ସେ କିନ୍ତୁ ମୋତେ ଭଲ ପାଉଥିଲା, ଆଦର କରୁଥିଲା । ଘୃଣା କରୁ ନଥିଲା କି ତଡ଼ି ଦେଉ ନଥିଲା । ସାହାଯ୍ୟ କରୁଥିଲା, ସହାନୁଭୂତି ବି ଦେଖାଉଥିଲା । ଲାଗି ଆସି ମୋର ପାଖକୁ ତାର ଆଖିଝଲସା, ମନଚହଲା ଆଉ ନାକ ମହକା ପଣତ କାନିରେ ପୋଛୁ ବସିଲା ମୋର ଆଖିର ଲୁହକୁ । କେତେ ସାନ୍ତ୍ୱନା ଦେଇ କେତେ ବୋଧ ଦେଇ ମତେ କହିଲା—ଏ କ'ଣ ? ତୁ କାନ୍ଦୁଛୁ ? ଦୁନିଆ ଭିତରେ ଏମିତି ଅନେକ ଏହାଠାରୁ ବଳି କେତେ ଦୁଃଖର କାହାଣୀ ଉଭେଇ ଯାଇଛି ଏଇ ବଡ଼ ଲୋକଙ୍କ ଧନ ଦଉଲତ ଭିତରେ । ତାର ଖୋଜ କିଏ ରଖୁଛି ? ହିସାବ କିଏ ବା କାହାକୁ ଦେଉଛି ? ତୁ ଏଇ କଥା ଶୁଣି ଏତେ ଅଧୀର ହେଉଛୁ ? ଧୈର୍ଯ୍ୟ ଧରି କମର ଭିଡ଼ି ଦୁନିଆ ଭିତରେ ଠିଆ ହଅ । ଦେଖିବୁ ମଣିଷ ଜୀବନ ଉପରେ କିମିତି ଦୁଃଖ ଝଞ୍ଜା ବହି ଯାଉଛି ପ୍ରତି ମୁହୂର୍ତ୍ତରେ । ସେତେବେଳେ ଯାଇ ବୁଝିବୁ ବଞ୍ଚି ରହିବା ପାଇଁ ଜୀବନରେ କେତେ ଲଢ଼େଇ ଦରକାର । ଏମିତି ଅଧୈର୍ଯ୍ୟ ହେଲେ କ'ଣ ହେବ । ଅସ୍ଥିର ହୋଇ କି ଲାଭ ? ଆଉ ତୁ ଯଦି ଆଖିରୁ ଲୁହ ଗଡ଼ାଇ କାନ୍ଦିବୁ ତାହାହେଲେ......

ତାହେଲେ ତୁ ଭାବିଛୁ ଆଉ କହିବୁ ନାହିଁ ? ନା ତୁ ଯଦି ମୋର ହନ୍ତସନ୍ତ ଜୀବନର ସୁଖ ଶାନ୍ତି ତୋର ହୃଦୟ ଭିତରେ ମନ ଖୋଲି ଚାହୁଁଥାଉ ତାହାହେଲେ ସବୁ ଟିକିନିଖି କରି ଖୋଲି ତତେ କହିବାକୁ ପଡ଼ିବ । ମୁଁ ଏତିକି ଅଣନିଶ୍ୱାସୀ ହୋଇ କହି ସାରିଲା ବେଳକୁ ତାର କଜ୍ଜଳ ଚଢ଼ା ଚିଉ ଚହଲା କାଳି ଆଖିରୁ

ଜକେଇ ଆସୁଥିବା ଲୁହ ଦୁଇବୁନ୍ଦା ଗଡ଼ି ପଡୁଥିଲା ମୋର ଲଙ୍ଗଳା ପାଦ ଉପରେ ।

ସେତେବେଳକୁ ସୂର୍ଯ୍ୟ ଦେବତା ପଶ୍ଚିମ ଆକାଶରେ ଲୁଚି ଯାଇଥିଲେ । ଝାପ୍‌ସା ଅନ୍ଧାର ଭିତରେ ଆମେ ଦୁଇଜଣ ସେଇ, ନାଳ ଗୋଡ଼ିଭରା ପଥର ବନ୍ଧ ଉପରେ ଚାଲୁଥିଲୁ ମନ ପ୍ରାଣ ଆଉ ହୃଦୟକୁ ମିଶେଇ ଦେଇ । ସେ ପୁଣି ମୋର ବାଧରେ ମୋର ଉଦ୍‌ରେ ଏବଂ ମୋର ଚାପରେ କହୁ ବସିଲା ଦରଖଣ୍ଡିଆ କାହାଣୀଟିକୁ । ମୁଁ ମନ ଦେଇ କାନ ଡେରି, ଆଖିର ପଲକ ନ ପକାଇ ଚାହିଁ ରହିଲି ତାରି ଆଡ଼େ । ସେ ଆରମ୍ଭ କଲା—ଦୁଃଖ କଷ୍ଟ ଝଡ଼ ଝଞ୍ଜା ଭିତରେ ଆମର ଦିନଗୁଡ଼ାକ ଗଡ଼ି ଚାଲିଲା କେଉଁ ଅଣିମା ଅମଳର ତେଲ କାଳି ହୀନ ପୁରୁଣା ବଳଦ ଗାଡ଼ିର ଚକ ଚେଁ କଟର ହୋଇ ଗଡ଼ି ଚାଲିଲା ପରି ।

ଭଗବାନ ତ ଗରିବର ଦୁଃଖ ଦେଖି ପାରନ୍ତି ନାହିଁ ? କିମ୍ବା ତାର ମନରେ ହସ ଦେଖିବାକୁ ଚାହାନ୍ତି ନାହିଁ । ସେ ତା ସାଥିରେ କରନ୍ତି ବାଦ । ସେ ଚାହାନ୍ତି ଗରିବ ଗୁଡ଼ାକ ମହୁମାଛି ପରି ମରନ୍ତୁ, ଦୁଃଖ ପାଆନ୍ତୁ ରୋଗ ବ୍ୟାଧି ସେଇମାନେ ଭୋଗ କରନ୍ତୁ ।

ବଡ଼ଲୋକମାନେ ତାଙ୍କର ବୁକୁ ଉପରେ ତାଙ୍କର ରକ୍ତରେ, ତାଙ୍କର ହାଡ଼ଭଙ୍ଗା ପରିଶ୍ରମ ଉପରେ ସୁଖ କରନ୍ତୁ । ମଟର ଚଲାନ୍ତୁ । ବଡ ବଡ଼ ପ୍ରାସାଦ ତୋଳନ୍ତୁ ଏବଂ ସେଠ ବୋଲାନ୍ତୁ । ଏଇଥିପାଇଁ ଗରିବମାନେ କେବଳ ଚାହିଁ ବସିଥାନ୍ତି ତାଙ୍କର ଦୟା ଓ ଦାନ ଉପରକୁ । ଯେତେବେଳେ ସେ ଯାହା କରନ୍ତି ମୁଣ୍ଡ ନଇଁ ସହି ଯାଆନ୍ତି ସେଇ ହୀନୀ କପାଳିଆ ମାନେ ।

ସେଇବର୍ଷ ପୁଣି ଆସିଲା ବଢ଼ି । ନଈ ନାଳ ଉଚୁଳି ପାଣି

ମାଡ଼ି ଚାଲିଲା ଗାଁ ଗଣ୍ଡା ଅଡ଼େ । ସେଥିକି ମଧ୍ୟରେ ବନ୍ଧ ଭାଙ୍ଗି ଘରଦ୍ୱାର ଲୋକବାକ ଗାଈଗୋରୁ ଛେଳିମେଣ୍ଢା କେତେ ଜୀବ ଜନ୍ତୁଙ୍କୁ ଭସାଇ ନେଇ ପକାଇ ଦେଲା କେଉଁ ଅତଳ ସମୁଦ୍ର ବକ୍ଷ ଭିତରେ । ବଢ଼ିପାଣି ମାଡି ଆସୁଥାଏ ସୁ, ସୁ, ହୋଇ । ଲୋକେ ଆତଙ୍କରେ ଧାଇଁ ଯାଉଥାନ୍ତି ଉଚ୍ଚ ଢ଼ିପ ଜାଗା ଉପରକୁ । ପାଣି କ୍ରମେ ନଈ ନାଳ, ପଡ଼ିଆ ପୋଖରୀ, ମଶାଣୀ ଭୂଇଁ ଆଦି ଭରିଯାଇ ମାଡି ଚାଲିଲା ଗାଁ ଗଣ୍ଡା ଉପରକୁ । କେତେ ଲୋକଙ୍କ କାନ୍ଥ ଭୁଷୁଡ଼ି ପଡ଼ିଲା । କେତେ ଲୋକଙ୍କ ଘରଦ୍ୱାର ଭାଙ୍ଗି ପଡ଼ିଲା । ଗୋରୁ ଗାଈ ଛେଳି ମେଣ୍ଢା ଭାସିଗଲେ । ପାଣି ବଣଜଙ୍ଗଲରୁ ଉଛୁଳି ଗାଁ ଗାଁରୁ ସହର ସହରକୁ ବସ୍ତିବସ୍ତିକୁ ମାଡ଼ି ଚାଲିଲା ।

ଚାରିଆଡେ ଗୋଳିଆ ପାଣିର ଭୟଙ୍କର ରୂପ । ଲୋକେ ଭୟ ଓ ନୀରବରେ ଚାହିଁ ରହିଥାନ୍ତି ଚାରିଆଡେ । କେତେ ସାପ ବେଙ୍ଗ ଓ କୁମ୍ଭୀର ଆଦି ମଣିଷମଙ୍କ ଜୀବ ଭାସି ଆସୁଥାନ୍ତି ନଈ ନାଳରୁ । ବାଘ ଭାଲୁ ସିଂହ ଆଦି କେତେ ମଣିଷ ଖିଆ ହିଂସ୍ର ଜନ୍ତୁ ଭାସି ଆସୁଥାନ୍ତି ବଣ ଜଙ୍ଗଲରୁ । ବଡ଼ ବଡ଼ ଦାରୁ ଭଳି ଗଛମାନଙ୍କୁ ଉପାଡି ଆଣୁଥାଏ ମଧ୍ୟ । କେତେ ଯୁବା କେତେ ବୁଢ଼ା କେତେ କୋଡ଼ର ଶିଶୁଙ୍କୁ ଟାଣି ଆଣିଛି ତାଙ୍କରି ଘର ଭିତରୁ ।

ଏଇ ଜୀବନ ଗଲା ମୁହୂର୍ତ୍ତ ଭିତରେ କେହି କାହାରିକୁ ସାହାଯ୍ୟ କରି ପାରୁ ନଥିଲେ । ତେଣୁ ବାପ, ମା ଭାଇ ଭଉଣୀ, ସ୍ତ୍ରୀ-ପୁରୁଷ ସମସ୍ତଙ୍କର ମାୟା ମମତା ତୁଟାଇ ଦେଇ ସମସ୍ତେ ଗୁହାରି ରହୁଥିଲେ ଆସନ୍ନ ବିପଦର ସମ୍ମୁଖୀନ ହେବାପାଇଁ । ଗୋଳିଆ ପାଣି ଅନ୍ଧାର ମାଟିଆଁ ହେଉଥାଏ ଯେତିକି ମନ ଭିତରେ ସନ୍ଦେହର ଛାୟା ଘୋଟି ଯାଉଥାଏ ସେତିକି ।

ଓଁ—ଲୁହ ଆଉ ଲହୁ

ଆମର ସେଇ ଗାଁଟିରେ ଯେ ଯାହାର ଜୀବନ ଧରି ଛୁଆ ପିଲାଙ୍କୁ ସାଥିରେ ନେଇ ଯେଝା ସୁବିଧା ଅନୁସାରେ ଉଠିଗଲେ ଗାଁ ମୁଣ୍ଡର ଢିପ ଯାଗା ଉପରକୁ । କେହି ଅବା ଭଗବାନଙ୍କ ଉପରେ ନିର୍ଭର କରି ବସି ରହିଲେ ଘର କ'ଣ ଭିତରେ ।

ସେତେବେଳକୁ ବଢିପାଣି ନଈବନ୍ଧର ଧାରକୁ ଲାଗି ଯାଇଥିଲା । ତହଳ ମାରି ବେଳେ ବେଳେ ଝଲକାଏ ଲେଖାଏଁ ପାଣି ବନ୍ଧ ଡେଇଁ ଗାଁ ଭିତରକୁ ପଶି ଯାଉଥାଏ ।

ଗାଁଟା ଯାକର ଲୋକେ ସବୁ କାମ ଧନ୍ଦା, ରନ୍ଧାବଢା ଖିଆ ପିଆ ଛାଡ଼ି ଜମା ହୋଇଥିଲେ ସେଇ ବନ୍ଧ ଉପରେ । କିଏ ମାଟି ଆଣି ଜମା କରୁଥାଏ ତ କିଏ ଗଛରୁ ଡ଼ାଳ ଅଣି ଜମା କରୁଥାଏ ତାରି ଉପରେ । ନିଜ ଗାଁକୁ ପ୍ରକୃତିର କ[illegible] କବଳରୁ ରକ୍ଷା କରିବାକୁ । ନିଜ ଜୀବନ ରଖିବାକୁ, ଛୁଆ[illegible] ବଞ୍ଚାଇବାକୁ ଆଉ ନିଜର ଧନ ସମ୍ପତ୍ତିକୁ ଆଇତ ରଖିବା [illegible] । କି ଛୁଆ କି ବୁଢ଼ା କି ମାଇପେ ସମସ୍ତେ ଅହନିଶି ଲା[illegible]ଥାନ୍ତି ତାଙ୍କର ଜୀବନ ବଞ୍ଚା କାମରେ ।

ଅମାବାସ୍ୟା ରାତି । ଚାରିଆଡ଼େ ଘୋର ଅନ୍ଧାର । ମୁହଁକୁ ମୁହଁ ଦିଶୁ ନାହିଁ । ଲୋକେ କାମ ବନ୍ଦ କରି ଦେଇ ଚାଲି ଗଲେଣି ଗାଁ ଭିତରକୁ । କେବଳ କେଇଟା ଡାହାଳିଆ କୁକୁରଙ୍କ ସହିତ ଭେଣ୍ଡିଆ ଟୋକା କେଇଟା ଜଗି ବସିଥାନ୍ତି ସେ ବନ୍ଧ ଉପରେ ।

ଗାଁ ମୁଣ୍ଡ ଭାଗବତ ଟୁଙ୍ଗି । ସେଇ ସନ୍ଧ୍ୟାରେ ସେଇ ଟୁଙ୍ଗି ଘରେ ବସିଥିଲା କମିଟି, ପଡ଼ିଥିଲା ବଇଠକ । ଏମିତି ଠେକା ପଡ଼ିଲେ ଏମିତି ବିପଦ ପଡ଼ିଲେ ସେଇ ଘରଟା ସରଗରମ ହୋଇ ଉଠେ । ବୁଢ଼ା ଟୋକା ସମସ୍ତେ ବସି କଥାବାର୍ତ୍ତା ହେଉଥିଲେ ।

ଛୋଟିଆ ଲଣ୍ଠନଟିର ଢକ୍କା ଢକ୍କିଆ ଆଲୁଅଟି ସେଇ ଝୁଙ୍ଗି ଘରଟାକୁ କାଳି ଅଂଧାର କରିଥିଲା ଯେମିତି, ଉପସ୍ଥିତ ଗାଁ ବାଲାଙ୍କ ମନରେ ଦୁଃଖର ଛାଇ ଘୋଟି ଯାଇଥିଲା ସେମିତି । ପାଣି ମାଡ଼ି ଆସୁଥାଏ ପ୍ରଖର ବେଗରେ । କଣ କରିବାକୁ ହେବ, କିପରି ଉପସ୍ଥିତ ବିପଦରୁ ରକ୍ଷା ପାଇବାକୁ ହେବ ଏଇଥିଲା ତାଙ୍କର ଭାଳେଣି । ପ୍ରସ୍ତାବ ହେଲା ଆରଦିନ ସକାଳୁ ଗାଁର ସବୁଲୋକ ମିଳି ମିଶି ବନ୍ଧ ଉପରେ ମାଟି ନେଇ ପକାଇବେ ଓ ବାଲି ତାର ଉପରେ ଜମାକରି ତାକୁ ଅଧିକ ମଜଭୁତ କରିବେ । ବୁଢ଼ା ବୁଢ଼ା ଲୋକଙ୍କ ଏଇ ପ୍ରସ୍ତାବରେ ସମସ୍ତେ ରାଜି ହୋଇ ଫେରି ଯାଇଥିଲେ ଅପଣା ଅପଣା ଘରକୁ । ସେତେବେଳକୁ ଯେ ଯାହାର ସୁବିଧା ଦେଖି ଗଛ ଉପରେ ମଞ୍ଚାବାନ୍ଧି ରହୁଥିଲେ ।

ରାତି ଧୀରେ ଧୀରେ ଘନେଇ ଆସିଲା । ଦରମଲା ଶରୀର ଧରି ଗାଁ ଟା ଯାକର ଲୋକମାନେ ଯେ ଯୁଆଡ଼େ ଛପି ଯାଇ ଥିଲେ ।

ଆମର, ଛୋଟିଆ କୁଡ଼ିଆ ଭିତରେ ଆମେ ମା ପୁଅ ଦୁଇଜଣ ଯାକ ଖଣ୍ଡିଏ ଛିଣ୍ଡା କତରା ଉପରେ ଗୋଟିଏ ଚିରା ଲୁଗା ତଳେ ପଡ଼ିରହି ଅତୀତ ଜୀବନର ସୁଖ ଦୁଃଖଭରା କାହାଣୀଗୁଡିକୁ ମନେ ପକାଇ ଯାଉଥାଉଁ ମନେ ମନେ । ଆଖି ଦୁଇଟି କେବଳ ଜୁଳୁଜୁଳୁ ହୋଇ ଦେଖା ଯାଉ ଥାଏ ପଦାକୁ । ଅଦୂର ନଈନାଳରୁ ବଢ଼ି ପାଣିର ଭୀଷଣ ଗର୍ଜନ ଘୋ ଘୋ ହୋଇ ମାଡି ଆସୁଥାଏ, ଭୟରେ ଛାତି ଶିହରି ଉଠୁଥାଏ ଆମର ।

ସୁଲୁ ସୁଲିଆ ଥଣ୍ଡା ପବନ ଗୁଡାକ ହାବୁକାଏ ଲେଖାଏଁ ପଶି ଯାଉଥାଏ ଆମର ଖଣ୍ଡିଆ ଦରଜା ବାଟେ ଆଉ ଦଦରା ଚାଳ ଦେଇ । ରାତି ସେତେବେଳକୁ ପ୍ରାୟ ଅଧହେବ । ଗୁରୁ

ଅତେ ଶୁନ୍ ଶାନ୍ । ପାଣିର ପ୍ରଖର ଶକ୍ତି ଆଗରେ ମାଟିର ବନ୍ଧଟା ହାର ମାନିଥିଲା । ଗୋଟାଏ ଚହଲରେ ଫୁଟି ଉଡ଼ି ପଡ଼ିଥିଲା । ସୁଅ ଚୂଲ ବନ୍ଧରୁ ଅଡଡ଼ା ଖସି ଅହୁର ଧାଇ ହୋଇ ଗଲା । ପାଣି କ୍ରମେ ମାଡ଼ି ଗ୍ଲଲ୍ଲା ଗାଁ ଭିତରକୁ । ସୁସୁପ୍ତ ନୀରବ ଜନତା ଉପରକୁ । ଘରଦ୍ୱାର ଭସାଇ ନେଇ ମାଡ଼ିଗ୍ଲଲ୍ଲା ତାଙ୍କର ଉପରେ । କେତେଲୋକ ଭାସିଗଲେ ସୁଅରେ ଆଉ କେତେଲୋକ ବୁଡ଼ିମଲେ ସେଇଠାରେ । ଗୋରୁ ଗାଈଙ୍କର ପନ୍ତ୍ରାମଧ ମିଳିଲା ନାହିଁ । ଆଉ କେତେକ ଗଛଉପରେ ମଞ୍ଚା ଉପରେ ବସି ଚୂହିଁ ରହିଲେ ହୃଦୟକୁ ପଥର କରି ।

ଆମର ଦୁଆର ବନ୍ଧ ଡେଇଁ ପାଣି ଯେତେବେଳେ ଖଣ୍ଡିଆ ଦରଜା ବାଟେ ଆମର ଘରକୁ ପଶିଲା ସେତେବେଳେ ବୋଉ ଆଉ ଅନ୍ୟ ଉପାୟ କିଛି ନ ଦେଖି ଟାଣିନେଇ ମତେ ଚଢିଗଲା ଚୂଲ ଉପରକୁ । କୋଳକୁ ମତେ ଆଉଜାଇ ନେଇ ମୁକଙ୍କ ପରି ଚୂହିଁ ରହିଥିଲା ପ୍ରକୃତିର ନୃଶଂସତା ଆଉ ଅମାନୁଷିକତା ଆଡେ । ମୁଁ ତାରି ଦୁଃଖହସ କୋଳ ଭିତରେ ରହି ଭାବୁଥାଏଁ ନୀରବରେ କେଜାଣି କେତେ ।

ଏଇ ମଣିଷ ଭଗବାନଙ୍କ ପ୍ରାଣୀ ଜଗତ ଭିତରେ ଉଚ୍ଚ ଓ ସଭ୍ୟ ବୋଲାଉଛି, ପ୍ରକୃତି ସହିତ ଲଢେଇ କରି । ତା ଉପରେ ପ୍ରଭୁତ୍ୱ ବିସ୍ତାର କରିବା ପାଇଁ ଚେଷ୍ଟା କରୁଛି । ପୁଣି ସେ ଏମିତି ହୀନିମାନ ହୋଇ ଜୀବନ ହରାଉଛି ମଶା ଡାଆଁଶଙ୍କ ଠାରୁ ଅହୁରି ହୀନ ହୋଇ ?

ମଣିଷର ଜନମ ହେଲା ଦିନରୁ ଯାହାକରି ଅସିଛି କେବଳ ବର୍ଷିରହିବାର ଲଢେଇ ସିନା ? କେଉଁଠିତ ବାହିଁ ଦେବତାଙ୍କ ସହିତ ସମତୁଲ ହୋଇ ତାଙ୍କର ଆସନ ଗ୍ରହଣ କରିନାହିଁ ?

ଏଇଥି ପାଇଁ ପ୍ରକୃତି ମଣିଷ ଠାରୁ ଯେତିକି ଦୂରେଇ ଯାଉଛି, ମଣିଷ ତାର ବୁଦ୍ଧି ବଳରେ ସେତିକି ତାର ନିକଟକୁ ଲାଗି ଯାଉଛି । ଏଇ ଲୁଚକାଳି ଖେଳ ଆଜିନୁହେଁ କେଉଁ ଆଦମ ଯୁଗରୁ ଲାଗି ରହିଛି । ଏମିତିକା ଆହୁରି କେତେଦିନ ପର୍ଯ୍ୟନ୍ତ ଲାଗି ରହିଥିବ ।

ମଣିଷ ବସ୍ତି । ଯେଉଁଠି ନୂତନ ଯୁଗ ଆଉ ନୂତନ ସଭ୍ୟତାର ଆବିର୍ଭାବ ହୁଏ, ଯେଉଁଠି କଅଁଳିଆ ଛୁଆର କୁଆଁ କୁଆଁ ରାବ ଶୂନ୍ୟ ଆକାଶର ନିର୍ଜନତାକୁ ଆନନ୍ଦ ଲହରୀରେ ଉଚ୍ଛ୍ୱସିତ କରାଏ ଠିକ୍ ସେଇଠି ଦରମଲା ବୁଢାର ଦଦରା ସ୍ୱର ମଧ୍ୟ ଆକାଶର ସେଇ ମହା ଶୂନ୍ୟତା ଭିତରେ ଉଭେଇ ଯାଏ କେଉଁ ଆଡେ ।

ସେଇବସ୍ତି—ସେଇ ସଭ୍ୟତା—ଆଜି ତାର ଚିହ୍ନନାହିଁ କି ବର୍ଣ୍ଣ ନାହିଁ । ଲିଭିଗଲା ଆଖି ପିଛୁଳାକେ କେଉଁ ଅଜଣା ରାଇଜକୁ ।

ମଣିଷ ଗର୍ବ କରେ । ଅହଙ୍କାର କରେ । ଶ୍ରେଷ୍ଠଜୀବ ବୋଲି ବସ୍ତି ବାନ୍ଧେ । ସମାଜ ଗଢେ ଏବଂ ସେଇଥିରୁ ଶାସନ ତିଆରି କରେ । ନିଜର ସଂସ୍କୃତି ଓ ସମ୍ବନ୍ଧକୁ ବଜାଇ ରଖିବା ପାଇଁ ଏବଂ ଟିକିଏ ଭଲ ଭାବେ ଖାଇପିଇ ଚଳିବା ପାଇଁ ମଧ୍ୟ କେତେ ଉପାୟ ପାଞ୍ଚେ । କିନ୍ତୁ ସେ ସବୁ ପଣ୍ଡ ହୋଇ ଯାଏ । ପାଣି ଫୋଟକା ପରି ଫୁଟି ଯାଏ କେଉଁ ଆଡେ । ଭୂଷୁଡ଼ି ପଡ଼େ ତାର ସବୁ ସାଧନା—ଉଭେଇ ଯାଏ ତାର ବାସନା—ମରିଯାଏ ତାର କାମନା ।

ହଟଲଗା ଦଇବ ସାଧି ବସିଲା ସବୁ ରାଗର ପ୍ରତିଶୋଧ ଏଇ ମଣିଷ ଜାତି ଉପରେ । ଗୋଟାଏ ମୁହୂର୍ତ୍ତି ମଧ୍ୟରେ କେତେ

ସଭ୍ୟତା, ସଂସ୍କୃତି, କେତେ ମାନ, ଅପମାନ, କେତେ ଗର୍ବ ଅହଙ୍କାର, କେତେ ଧନ ଜନ ଆଉ କେତେଦିନର ସାଧନାକୁ ସଫା କରି ଦେଲା । ତାର ଚିହ୍ନବର୍ଣ୍ଣ ସୁଦ୍ଧା ରଖିଲା ନାହିଁ ।

ର ଧୀରେ ବଢି ପାଣି ଜୋର ହେବାକୁ ଲାଗିଲା । ଗାଁ ଗଣ୍ଡାର ର ବୁଢ଼ି କ୍ରମେ ଉପରକୁ ଉଠିଲା । ଆମର ଘରର କାନ୍ଥ ଗୁଡାକ ଣିରେ ମିଳେଇ ଯାଇଁ ଖାଲି ଖୁଣ୍ଟ କେଇଟା ଚାଳଟାକୁ ଧରି ପାଣି ଭିତରେ ଛିଡା ହୋଇ ରହିଥାଏ ।

ଏଣେ କେତେ ଗାଁ ଗଣ୍ଡା ଜୀବଜନ୍ତୁ ସବୁ ଭାସି ଯାଉଥାନ୍ତି ଆମରି ପାଖ ଦେଇ । ପାଣିର ସୁଅ ସମୁଦ୍ର ପରି ମାଡ଼ି ଆସୁଥାଏ । ସେଥିରେ କେତେ ଘର ଦ୍ୱାର ଧନ ସମ୍ପତ୍ତି ସବୁ ଭାସି ଥାଏ । ତାର କଳନା ନାହିଁ । ଘରର ଛାତ ଆଉ ଗଛର ଡାଳ ସହିତ କେତେ ଜୀବଜନ୍ତୁଙ୍କୁ ଓ ମଣିଷଙ୍କୁ ସାଥିକରି ପାଣିର ସୁଅ ତଡ଼ି ଆଣୁଥାଏ ବହୁତ ଦୂରରୁ ।

ବିପଦ ଭିତରେ ପଡି ଯୁଜୁବୁଜୁ ହେଉଥିଲା ବେଳେ ଯେଉଁଠି ଟିକିଏ ସୁବିଧାର ଫାଙ୍କ ମିଳେ ଖାଲି ମଣିଷ କାହିଁକି ପ୍ରତ୍ୟେକ ପ୍ରାଣୀ ମଧ୍ୟ ଧସେଇ ଚାଲନ୍ତି ତାରି ମଧ୍ୟକୁ । କେବଳ ନିବୃତ୍ତି ପାଇବା ପାଇଁ ।

ସେଇ କଳି ମିଟିଆ ଅନ୍ଧାର ଭିତରେ ଆମରି ଚାଳ ଉପରକୁ ଭାସି ଆସି ଲାଗିଲା ଗୋଟାଏ ଚାରି ଗୋଡ଼ିଆ ପଶୁ । ଆମେ ତାକୁ ଭ୍ରୂକ୍ଷେପ କରି ନଥିଲୁ କି ତାରି ଆଡେ ଚାହିଁ ନ ଥିଲୁ । କେବଳ ଚାଉଁଳି ପଡିଥିଲୁଁ ବଢି ପାଣିର ଉପୁରେ ।

କିଛି କ୍ଷଣ ପରେ ଦଦରା ଘୁଣଖିଆ ଖୁଣ୍ଟ ଗୁଡ଼ାକ ପାଣି ସହିତ ଲଢ଼େଇ କରି ନପାରି ମଡ ମଡ ହୋଇ ଭୁସୁଡ଼ି ଡିଥିଲା ଡେଉରେ—ଆମେ ସେଇ ଚାଳକୁ କାମୁଡ଼ି ଧରି ଭାସି

ଗୃଳୁଥାଉଁ ପାଣିର ସୁଅରେ—ସେଇ ଅନ୍ଧାର ଭିତରେ ଆମେ ଖାଲି ଅନୁଭବ କରୁଥାଉଁ ଯେମିତି ଆମ ପାଖରେ ଗୋଟାଏ କୁକୁରର ଛାଇ ଲାଗି ରହିଛି ।

ଏମିତି ଆମେ ଭାସି ଗୃଳୁଥିଲୁ କେତେ ନଈନାଳ, ମଡ଼ାଅମଡ଼ା ଖାଲଢିପ ଦେଇ ଆଉ ପାହାଡ଼ ପର୍ବତର ଅନ୍ଧକନ୍ଦ ଏବଂ ବଣ ଜଙ୍ଗଲର କଣ୍ଟା ବୁଦା ମଧ୍ୟରେ । ଜୀବନକୁ ମାଟି ଉପରକୁ ଫେରାଇ ଆଣିବାର ଆଶା ଆମର ଏକାବେଳକେ ମରି ଯାଇଥିଲା । କେବଳ ଜୀଅ ନଗ୍ଣୁଡ଼ି ଶରୀର ଦୁଇଟା ଆମର ସେଇ ଖଣ୍ଡିଆ ଗୃଳ ଉପରେ ପଡ଼ି ରହିଥିଲା ।

ଏଣେ ରାତିଟା ଝିମେଇ ପଡ଼ି ଆସିଲା ବେଳକୁ ତେଣେ ପୂରୁବ ଆକାଶରେ ସୁନ୍ଦର ଫାଟି ଉଠୁଥିଲା ଚୁପ୍ ଚୁପ୍ କରି । ପାଖରେ ଜନ୍ତୁ ପରି ଠିଆ ହୋଇଥିବା ପଶୁଟା ପରିଷ୍କାର ହୋଇ ଯାଉଥାଏ ଧୀରେ ଧୀରେ । ତେଣିକି ଯଦିଓ ଆମର ନଜର ନଥିଲା ତଥାପି ଆମକୁ କାହିଁକି ମାଙ୍କଡ଼ ପରି ଲାଗୁଥିଲା ପରି ବୋଧ ହେଉଥାଏ । ସେତିକିବେଳକୁ ଆମେ ପୁଣି ଭାସି ଯାଇଁ ପଡ଼ିଥିଲୁ ଗୋଟାଏ ଗହିରିଆ ନଈ ଭିତରେ । ଢେଉ ଉଠୁଥିଲା କେତେ ଉଇରେ—ଖଣ୍ଡିଆ ଗାଳଟା ଆମର ଏପଟ ସେପଟ ହୋଇ ଦୋହଲୁଥାଏ । ଆଶଙ୍କା ହେଉଥାଏ ସତେ ଯେମିତି ଏଇକ୍ଷଣି ଓଲଟି ପଡ଼ିବ । ତା ସଙ୍ଗକୁ ପାଣିର ଗର୍ଜନ କାନରେ ଅତଡ଼ା ପକାଇ ଦେଉଥାଏ । ଥଣ୍ଡା ପବନ ବି ଦେହକୁ କାଲୁଆ ମାରି ନେଉଥାଏ ।

ସେତେବେଳକୁ ରାତି ପାହି ଯାଇଥିଲା । ପୂରୁବ ଆକାଶରୁ ସୂର୍ଯ୍ୟ ଦେବତା ଉଇଁ ଆସୁଥିଲେ ହସି ହସି । ହଠାତ୍ ବୋଉ ମତେ ଭୟରେ କୁଣ୍ଢାଇ ପକାଇ ରଡ଼ି ଛାଡ଼ିଲା ବାଘ ବାଘ

ବୋଲି । ମୁ ସେତେବେଳକୁ ଭୟରେ ବରଡ଼ା ପତର ପରି ଥରୁଥାଏଁ । ଆଖିପତା ମୋର ଟେକିବାର ଶକ୍ତି ନଥିଲା । ଜୀବନକୁ ସମର୍ପି ଦେଇ ମରଣକୁ ବରଣ କରି ଆମେ ମା ପୁଅ ଦୁଇ ଜଣ ଜିଅନ୍ତା ମଡ଼ା ହୋଇ ଚାହିଁ ରହିଥିଲୁ ତାରି ଆଡେ ।

ବାଘଟା ଭୋକାତୁରା ହୋଇ ଚାହିଁ ରହିଥିଲା ଆମରି ଆଡେ । ଖାଇବାକୁ ନପାଇ ଅନ୍ତଲି ପେଟଟା ତାର ଭିତରକୁ ପଶି ଯାଇ ଥିଲା । ଭୋକିଲା କଙ୍କାଳର ଲାଳୁଆ ଜିଭକୁ ବାହାରକୁ କାଢି ଦେଇ ଠିଆ ହୋଇଥିଲା ସ୍ତମ୍ଭପରି । ଆଖିରୁ ତାର ମେଣ୍ଟିଆ ଗ୍ରେପସ୍ ଗନ୍ଧ ଆସୁଥିଲା । ମାଛି ଡାଆଁସ ଗୁଡାକ ଭଣ ଭଣ ହୋଇ ଘେରି ବୁଲୁଥିଲେ ତାରି ଚାରିପଟେ । ଇସ୍ ! କି ବିକଟାଳ ଗନ୍ଧ । ନାକ ଫାଟି ପଡୁଥିଲା ଆମର । ଛାପିଲା ଛାପିଲା ଦେହକୁ ଫୁଲକା ନିଶଟା ତାର ଅହୁରି ଭୟଙ୍କର ଦେଖା ଯାଉଥିଲା ଆମକୁ । ଫଁ ଫଁ ହୋଇ ନିଶ୍ୱାସ ଚଳୁଥିଲା ବେଳେ ତାର ଆମର ନିଶ୍ୱାସ ସେତେବେଳେ କ୍ଷୀଣ ହୋଇ ଆସୁଥିଲା ଡରରେ ।

ବଣ ଜଙ୍ଗଲର ବୁଦା ଭିତରେ ଯେତେବେଳେ ପାଣି ଢୁକୁଳି ପଡୁଥିଲା ଜୀବନ ବିକଳରେ ପଶୁପକ୍ଷୀ ଜୀବଜନ୍ତୁ ମାନେ କେତେକ ଗଛ ଉପରକୁ ଚଢି ଯାଇଁ ବଞ୍ଚି ରହିଥିଲେ । କେତେକ ଭାସି ଯାଇଥିଲେ ସେଇ ଅଥଳ ପାଣିରେ । କେହି କେହି ଅବା ଗାଁ ମୁଣ୍ଡର ଉଚ୍ଚ ଜାଗା ଉପରକୁ ଆଉଜି ପଡିଥିଲେ ।

ସେଇ ବାଘଟା ଏକେତ ଖାଇବାକୁ ନପାଇ ଭୋକିଲା ହୋଇ ଥିଲା ପୁଣି ପାଣି ଭିତରେ ଏତେ ବାଟ ଭାସି ଆସି ଦରମଲା ଛ ହୋଇ ପଡିଥିଲା । ଘୁଞ୍ଚିବାର ଶକ୍ତି ନଥିଲା । ଚଳିବାର ବଳ ନଥିଲା କି ଗରଜିବାର କ୍ଷମତା ନଥିଲା । ଏଣେ ପୁଣି ବଢି ପାଣିର ସୁଅରେ ଅହୁରି ବାଉରି ଯାଇଥିଲା ।

ସେ ଉଏଁ—ବୁଲେ—ଗର୍ଜନ କରେ—ଆଉ ହିଂସ୍ର ପଣିଆ ଦେଖାଏ ବଣ ଜଙ୍ଗଲରେ ବୁଦା ମୂଳେ ଏବଂ ପାହାଡର କୋଠରେ ଛଳେ। ସମସ୍ତଙ୍କର ଗର୍ବ, ଦମ୍ଭ ଏବଂ ଅହଙ୍କାର ନଇଁ ପଡେ ପ୍ରକୃତିର କରାଳ କବଳ ଆଗରେ।

ଜୀବନକୁ ରକ୍ଷା କରିବାକୁ ଯାଇଁ ଆମର ସେଇ ଭସାଣିଆ ଦାଦରା ଗୁଳ ଉପରକୁ ଚଢି ଯାଇଥିଲା। କିନ୍ତୁ ସେ ଆମକୁ ଦେଖି ଅଧିକ ଭୟରେ ନରମି ଯାଇଥିଲା।

ସେତେବେଳେ ସେ ଭାବୁଥିଲା—ତାର ଜୀବନର ଶେଷ ଶିଖାଟି ଲଭିଯିବ ଆମର ହାତରେ ସେଇ ଦିଗନ୍ତ ବ୍ୟାପି ଅନନ୍ତ ଜଳରାଶିର ଭାସମାନ ଦାଦରା ଗୁଳ ଉପରେ।

ଠିକ୍ ସେତିକି ବେଳେ ଆମେ ବି ଭାବୁଥିଲୁ:—ଦୁଃଖ ଝଞ୍ଜା ସହିତ ଲଢେଇ କରି ପ୍ରକୃତି ସହିତ ତାଳ ଦେଇ ହିନିମାନିଆ ଜୀବନ ଦୁଇଟି ଆମର ଏମିତି ହିନିମାନ ଭାବରେ ବାଘର ସେଇ ଭୋକ ଦାଉଆ ପେଟ ଭିତରେ ମିଳେଇ ଯିବ।

ପ୍ରତ୍ୟେକ ପ୍ରତ୍ୟେକକୁ ଏପରି ଅପରମୁଖୀ ଚିନ୍ତା କରି ଭାସି ଗୁଲୁଥାଉ ଅକଳନ ଜଳ ରାଶି ଉପରେ।

ଦୂର ଦିଗ୍‌ବଳୟର ରେଖାକୁ ଚୁମ୍ବି ଥିଲା ସେଇ ବଢି ପାଣି। ମଝିରେ ମଝିରେ ଗାଁ ଗଣ୍ଡାର ଗଛ ଗୁଡାକ ଥୁଣ୍ଟା ହୋଇ ଛିଡା ହୋଇଥାନ୍ତି। ଘର ଦ୍ୱାର ସବୁ ଭୁସୁଡି ପଡି ମିଳେଇ ଯାଇ ଥାନ୍ତି ପାଣି ଭିତରେ। ଠାଏ ଠାଏ କୋଠାଘର ଛାତ ଉପରେ ଲୋକମାନେ ଜମା ହୋଇ ନୀରବରେ ଗୁହିଁ ରହିଥାନ୍ତି ଅପରର ସାହାଯ୍ୟ ପ୍ରାର୍ଥୀ ହୋଇ। ଆମେ ଭାସି ଯାଉଥିଲାବେଳେ ଏମିତି କେତେ ମର୍ମଭେଦୀ ଛବିସବୁ ଆମର ଅଗରେ ନାଚି ଯାଉଥାଏ।

୪୬—ଲହ ଆଉ ଲହୁ

ହଁ ସେଦିନବେଳର ଆଉ ଗୋଟିଏ ଦୃଶ୍ୟ କଥା ମନେ ପଡ଼ିଲେ ମୋର ରୁମମୂଳ ଝାଙ୍କୁର ଉଠେ ।

ଦୁଇପାଖ ବାଉଁଶ ବୁଦା ବଣ । ତାର ଅନ୍ଧ ସନ୍ଧ ଭିତର ଦେଇ କଅ ମାଡ଼ିଛି । ପାଣି କଅ ଉପରକୁ ବୁଡ଼ି ବାଉଁଶର ଅଧା ପର୍ଯ୍ୟନ୍ତ ଲାଗି ରହିଛି । ଠାଏ ଠାଏ ଢେଙ୍ଗା ପଥର ଗୁଡ଼ାକ ପାଣି ଉପରକୁ ଚାହାଁଇ ପଡ଼ିଥାନ୍ତି । ମଝିରେ ଗୋଟାଏ କରଞ୍ଜ ଗଛ । ପଥର ଭିତରେ ଗୋଟାଏ ଡାଳ ତାର ଝୁଲର ଅସିଥିଲା ବାଉଁଶ ବଣ ଉପରକୁ । ତାକୁ ଲାଗି ଗୋଟାଏ ଗହିରିଆ ପୋଖରି । ସେଇଠି ପାଣି ଖୁବ୍ ଜୋରରେ ଭଉଁରି କାଟୁଥିଲା ।

ସେଇ କରଞ୍ଜ ଗଛଟାର ଅଧା ପର୍ଯ୍ୟନ୍ତ ପାଣି ଲାଗିଥାଏ । ପାଣିର ପ୍ରାୟ ପାଞ୍ଚହାତ ଉପରକୁ ତା ସହିତ ସମାନ୍ତର କରି ଗୋଟାଏ ଡାଳ ବାହାରିଛି । ତା'ର ତଳେ ପାଣିକୁ ଲାଗି କେଇଟା ମୋଟା ମୋଟା ବାଉଁଶ ମଧ୍ୟ ଟେଲି ପଡ଼ିଥିଲେ ବୁଦା ଭିତରୁ । ସେଇ ବାଉଁଶ ଉପରେ ଛିଡ଼ା ହୋଇ ଉପର ଡାଳକୁ ଧରି ଗୋଟାଏ ଯୁବତୀ ଉଲଗ୍ନ ଅବସ୍ଥାରେ ଜୀବନ ବଞ୍ଚାଇ ବାକୁ ଚେଷ୍ଟା କରୁ ଥିଲା ।

ଭୟରେ ଛାତି ମୋର ଥରି ଉଠିଲା । ଆଖି ବୁଜି ହୋଇ ଗଲା ଛାଏଁ ଛାଏଁ । ତେଇଁ ପଡ଼ି ତାକୁ ରକ୍ଷା କରିବା ପାଇଁ ଚେଷ୍ଟା କଲା ବେଳକୁ ବୋଉ ମତେ ଟାଣି ଧରିଲା ।

ତଳେ ପାଣି, ବାହାରେ ଅଣ୍ଡ୍ରା ପବନ ସାଙ୍ଗକୁ ଗୋଟାଏ ଯୁବତୀର ବାହୁର ବଳ ଏବଂ ମନର ଧୈର୍ଯ୍ୟ ଆଉ କେତେ ସମୟ ପର୍ଯ୍ୟନ୍ତ ତାକୁ ସାହାଯ୍ୟ କରି ପାରିଥିବ ? ଜୀବନ ଉପରେ

ମୋହ ମାୟା ରଖିଲେ ଏମିତକା ହ୍ଵନ୍ନମାନ ହେବାକୁ ପଡେ । ସିନା ?

ଏମିତ ଭାବୁ ଭାବୁ ଆମେ ଭାସି ଯାଇଥିଲୁ ଅତୁଟ ଦୂରକୁ । ଅଲକୂଲ ଦେଖା ଯାଉ ନଥାଏ କମ୍ବା ଜୀବନ ବଞ୍ଚାଇବାର ସାହା ଭରସା ମଧ୍ୟ ପାଉ ନଥାଏ । ଚାରିଆଡ ଶୂନ୍ ଓ ଛଳଅ ମୟ ।

ଆମର ପାଖରେ ଆମର ଭାବନା ସହିତ ସମାନ କରି ସେଇ ବାଘଟା ମଧ୍ୟ ମୂକଙ୍କ ପରି ଛୁଡା ହୋଇ କେଜାଣି କେତେ ଭାବି ଯାଉଥିଲା ।

ବଚଶ ଏ ଦୁନିଆ । ଜୀବନ ବଞ୍ଚାଇବାର ବାସନା ତେଇଁ ଉଠେ ସମସ୍ତଙ୍କର ଏମିତ । ଗୋଟାଏ ପାଖରେ ମଣିଷ ଅଉ ଗୋଟାଏ ପାଖରେ ତାରି ରକତ ଶୋଷା ବାଘ । ଦୁହେଁ ସମ-ଦୁଃଖୀ ହୋଇ ଚାହିଁ ରହିଥାନ୍ତି ଅପରର ସାହାଯ୍ୟ ଆଶାରେ । ଏହାଠାରୁ ବଳି ବଚଶ ରହସ୍ୟ ଦୁନିଆ ଭିତରେ କ'ଣ ହୋଇ ପାରେ ?

ମଣିଷ ଜାଣିଲେ ବି ଦୁନିଆରେ ନିଶ୍ଚୟ ଦିନେ ତାକୁ ମରି-ବାକୁ ପଡ଼ିବ ତଥାପି ତାଠାରୁ ସେ ଦୂରେଇ ରହୁଛି । ଯଦ୍ଧର୍ଶ ସେ ଜାଣେ ଯେ ମୃତ୍ୟୁ କେବଳ ଦୁନିଆରେ ସତ୍ୟ ଅଉ ସୌନ୍ଦର୍ଯ୍ୟ ତଥାପି ତାକୁ ସେ ଘୃଣା କରେ । ହୁଏତ ଦିନେ ସୂର୍ଯ୍ୟଙ୍କର ପ୍ରଖର ତାପ ଅଉ ଚନ୍ଦ୍ରର ମନୋହର କିରଣ ନଇଁ ପଡ଼ି ପାରେ । ଅମାବାସ୍ୟାର ଘନ ଅନ୍ଧକାର ଉଭେଇ ଯାଇପାରେ । ବିଜ୍ଞାନର ସଫଳତା ଘଟି ନପାରେ କୃତ୍ରିମ ଉପଗ୍ରହ ଚାଳନା ଅଦ୍ଭୁତ କାର୍ଯ୍ୟ ଘଟିପାରେ କିମ୍ବା ନିୟତିର ନିୟମକୁ ମାନି ଚଳୁଥିବା ପ୍ରକୃତିର ସମସ୍ତ ବଦଳି ଯାଇପାରେ କିନ୍ତୁ ମୃତ୍ୟୁ କେବେହେଁ ବନ୍ଦ ହେବ

ନାହିଁ । ସେ ରହିଥିବ ଚିରଦିନ—ଯେ ପର୍ଯ୍ୟନ୍ତ ପୃଥିବୀ ଉପରେ ଜୀବ ଜଗତର ଆବିର୍ଭାବ ହେଉଥିବ । ଏଇ ହେଉଛି ଦୁନିଆ ଭିତରେ ଏକମାତ୍ର ସତ୍ୟ ।

ସୌନ୍ଦର୍ଯ୍ୟର ବିକାଶ କେବଳ ସତ୍ୟ ଉପରେ ହୁଏ । ସତ୍ୟକୁ ଛାଡ଼ି ସୌନ୍ଦର୍ଯ୍ୟ କେବେ ସ୍ୱତଃ ପରିସ୍ଫୁଟିତ ହୋଇ ପାରେ ନାହିଁ । ପ୍ରକୃତ ସୌନ୍ଦର୍ଯ୍ୟ ପ୍ଲାଷ୍ଟିକ୍‌ର ଚକ୍‌ଚକଣତା ଉପରେ ଥାଏ ନାହିଁ । ଏହା ପ୍ରକୃତିର ସତ୍ୟତା ଉପରେ ନିର୍ଭର କରେ । ଯୌବନର ସୌନ୍ଦର୍ଯ୍ୟତା ଆଉ ପ୍ରକୃତିର ମନୋହର ଦୃଶ୍ୟ କେବଳ ତାର ସତ୍ୟତା ଉପରେ ନିର୍ଭର କରେ । ଯଦି ମୃତ୍ୟୁର ସତ୍ୟତା ନ ଥାନ୍ତା ତାହାହେଲେ ଜନ୍ମ ହେବାର ସୌନ୍ଦର୍ଯ୍ୟତା ବି ଉପଲବ୍ଧି କରି ହୁଅନ୍ତା ନାହିଁ । ତେଣୁ ଏଇ ମଣିଷ ମୃତ୍ୟୁ ପରି ସୌନ୍ଦର୍ଯ୍ୟ ଆଉ ସତ୍ୟକୁ ଭୟ କରୁଛି, ଘୃଣା କରୁଛି, ତାଠାରୁ ଛାଡ଼ି ଅଲଗା ହୋଇ ଯାଉଛି । ବାସ୍ତବିକ୍ ଏ ନୂଆ ଦୁନିଆର ଏ ଆଣବିକ ଯୁଗର ଏ କୃତ୍ରିମ ସମସ୍ୟାର ଏ ରହସ୍ୟ ଏକ ବିଚିତ୍ର ଅଟେ ।

ଏମିତି କେଜାଣି କେତେ ଭାବନା ଗୁଡ଼ାକ ଭାଦ୍ରବ ମାସର ଖଣ୍ଡିଆ ମେଘ ଆକାଶରେ ଏଣେ ତେଣେ ଘୂରି ବୁଲିଲା ପରି ମୋର ମୁଣ୍ଡ ଭିତରେ ଘୂରି ବୁଲୁଥାନ୍ତି ।

ତଳେ ମାଟିଆ ରଙ୍ଗର ଅବିଶ୍ରାନ୍ତ ବଢ଼ି ପାଣିର ସ୍ରୋତ । ଉପରେ ଫାଙ୍କା ନେଳିଆ ଆକାଶ । ଠାଏ ଠାଏ ପାଣି ଚଢ଼େଇ ପକ୍ଷ ଗୋଲକାର ମଣ୍ଡଳ କାଟି ଘୁରି ବୁଲୁଥାନ୍ତି ଖୋଲା ଆକାଶରେ ଖୋଲା ମନରେ ।

ଆମେ ସେତେବେଳେ ଭାସୁଥାଉଁ ଗୋଟିଏ ଛଣ୍ଡିବଣ ଭିତରେ । ବେଳେ ବେଳେ ସେଇ ଗୁଳ୍ମଠା ବଣ ଭିତର

ବୁଦାରେ ଲଟିଯାଇ ଅଟ୍କି ଯାଉଥିଲା । କିନ୍ତୁ ସୁଅ ପ୍ରଖର ହୋଇ ଥିବାରୁ ନ ଅଟକି ଭସି ଯାଉ ଥାଉଁ ଧୀରେ ଧୀରେ ।

ହଠାତ୍ ବୋଉ ସେଇ ବଣ ଭିତରେ ରଡ଼ି ଛାଡି ଉଠିଲା । ସେଇ ବଣ ଅଡ଼କୁ ଚୃହିଁ ପାଗିଲୀଙ୍କ ଭଳି କେଜାଣି କେତେ ବାହୁନି କାନ୍ଦିବାକୁ ଲାଗିଲା । ଏଣେ ଆମରି ପାଖକୁ ଲାଗି ଛୁଡ଼ା ହୋଇଥିବା ନରହନ୍ତା ପଶୁଟା ଆହୁରି ଉତ୍ସୁରେ କାଢ଼ି ଯାଇଥିଲା ।

ତା'ର ଭିତରେ ଗୋଟିଏ ୭।୮ ବର୍ଷର ନିସ୍ୱହା ବାଳକ ଦାରମଲା ଅବସ୍ଥାରେ ଅଟ୍କି ଯାଇଥିଲା । ଡଣ୍ଡିବଣର ଗଛଗୁଡ଼ାକୁ ଧରି ବଞ୍ଚି ରହିବା ପାଇଁ ଚେଷ୍ଟା କରୁଥିଲା ସେଇ ଅଥଳ ପାଣିରେ । ଯେତେଥର ସେ ହାତ ବଢ଼ାଇ ଉପରକୁ ଉଠିବା ପାଇଁ ଚେଷ୍ଟା କରୁଥିଲା ସେତେବାର ଖସିପଡି ବୁଡ଼ି ଯାଉଥିଲା ସେଇ ଗଭୀର ପାଣିରେ—ଗଛର ଭାଗ ତାକୁ ଧରି ରଖି ପାରୁ ନଥିଲା । ଡଣ୍ଡି ଘାସର ଗଛଗୁଡ଼ାକ ଭାଙ୍ଗି ପଡ଼େ । ସେ ବୁଡିଯାଏ । ପୁଣି ଉଠି ଚେଷ୍ଟା କରେ ତାକୁ ଧରିବା ପାଇଁ ।

ଏମିତି ତାର ଚାଲିଥାଏ ପ୍ରକୃତି ସହିତ ଲଢ଼େଇ ଏବଂ ମୃତ୍ୟୁ ସହିତ ଲୁଚକାଳି ଖେଳ ।

ପାଟିରେ ତାର ବିକଳିଆ ସ୍ୱରର ଦାରଫୁଟା "ବୋଉବୋଉ" ଡାକଟା କେବଳ ଆମକୁ ଅସ୍ପଷ୍ଟ ଭାବରେ ଶୁଣା ଯାଉଥିଲା ।

ବୋଉ ତାର ଏ ଦୁଃଖ ଦେଖି ସମ୍ଭାଳି ହୋଇ ପାରି ନଥିଲା । ସେଇ ଚାଳ ଉପରେ ମୁଣ୍ଡ ବାଡ଼େଇ ହୋଇ ପାଣି ଭିତରକୁ ଡେଇଁ ପଡ଼ି ତାକୁ ବଞ୍ଚାଇବ ବୋଲି ବାରମ୍ବାର ଚେଷ୍ଟା କରୁଥିଲା । ମୁଁ ତାକୁ ବାଧା ଦେଉଥିଲି । ମୁଁ ତାକୁ ଟାଣି ଧରୁଥିଲି ।

ତାରି ଆଖି ଆଗରେ ଝଲସି ଯାଉଥିଲା ତାର ହଜିଅବା ମୁହଁ । ସତେ ଯେମିତି ତାର ନିଜ କୋଳର ସେଇ ହଜିଅଟା ଆଖି ଆଗରେ

ବୁଡ଼ି ଯାଉଛି । ବ୍ୟଥିତ ହୋଇ ଉଠୁଥିଲା ତାକୁ କୋଳ କରିବାକୁ, ବୋକ ଦେବାକୁ, ଗେଲ କରିବାକୁ ଏବଂ ତାକୁଇ ଫାଙ୍କା କୋଳରେ ଜାକି ଧରି ଦଦଗ ଗ୍ଲଭକୁ ତାର ଉଷୁମ କରିବାକୁ ।

ମା ହୋଇଛି ସେ । ପିଲାର ଦୁଃଖ ବୁଝେ ସେ । ଛୋଟ ଛୁଆକୁ ଏମିତି ହୀନିମାନ ଭାବରେ ଦେଖିଲେ ତାର ହୃଦୟ ଦୁଃଖରେ ବିଦୀର୍ଣ୍ଣ ହୋଇଯାଏ ।

ତାରି ଜଟାଳିଆ ବାଳ ଆଉ ଦଦଗ ପ୍ରକୋଷ୍ଠ ଆତୁର ଚୋଉକୁ ବ୍ୟଥିତ କରୁଥିଲା । ସେ ଆତ୍ମହରା ହୋଇ ଡେଇଁ ପଡ଼ି ତାକୁ ଧରିବା ପାଇଁ ଚେଷ୍ଟା କଲାବେଳକୁ ମୁଁ ତାକୁ ଅଟକାଇ ଦେଲି ।

ଠିକ୍ ସେତିକିବେଳକୁ ନିରୀହ ବାଳକଟି ଆଉ ସମାଳି ନ ପାରି ବୁଡ଼ିଯାଇଥିଲା ପାଣି ଭିତରେ । ପୁଣି ଥରେ ସେଇ ତଣ୍ଡି ବଣିଭିତରେ ଭାସି ଉଠିଲା ଢେଉକୁ ତାରି ସେଇ କରୁଣ ଡାକ ଚିରଦିନ ପାଇଁ ବନ୍ଦ ହୋଇ ଯାଇଥିଲା ।

ଆମେ ଭାସିଗଲୁ ତା'ଠାରୁ ଦୂରକୁ । ସେତେବେଳେ ପଶ୍ଚିମ ଆକାଶରେ ସୂର୍ଯ୍ୟ ଦେବତା ନଇଁ ଆସିଥିଲେ । ଏଣେ ପୂର୍ବ ଆକାଶରେ ଯେଉଁଠି ପାଣି ଆଉ ଆକାଶ ଏକାଠି ମିଶିଗଲା ପରି ଦେଖା ଯାଉଥାଏ ସେଇ ଦୂର ଦିଗ୍ବଳୟ ପାଖରେ ପକ୍ଷୀ ପଲ ଚକା ଚକା ହୋଇ ଉଡ଼ି ବୁଲୁଥିଲେ ମନ ଖୁସିରେ । ଆମରି ମନରେ ଭବିଷ୍ୟତ ଜୀବନର କେତେ କାଳ୍ପନିକ ଛବି ଚେଇଁ ଉଠୁଥିଲା । ସେଇଠି ବସାବାନ୍ଧି ନୂଆ ଜୀବନର ନୂଆ ଅଧ୍ୟାୟ ମେଲାଇ ଦେବା ପାଇଁ ମନରେ କେତେ ବାସନା ଜାଗି ଉଠିଲା ।

କ୍ରମେ ସେଇ ଦିଗ୍ବଳୟ ରେଖା ଭିତରୁ ବଡ଼ ବଡ଼ ଗଛ ଲତାର ଛାଇ ସବୁ ଛାପିଲା ଛାପିଲା ହୋଇ ଫୁଟି ଉଠିଲା ।

ବୋଉର୍ ଶୁଖିଲା ମୁହଁରେ ଖେଳିଗଲା ସେତେବେଳେ ଗୋଟାଏ ଅଜଣା ହସର ରେଖା ଠିକ୍ ଯେମିତି ଆଷାଢ ମାସର ଢାଙ୍କି ରଖିଥିବା କଳାହାଣ୍ଡିଆ ମେଘ ଉପରେ ସବୁଜ ବିଜୁଳିର ରେଖା ଗୁଡ଼ୁଁ ଗାଡ଼ୁଁ ହୋଇ ଖେଳିଯାଏ । ମୋର ମୁଣ୍ଡଟାକୁ ଆହୁରି ଜୋରରେ ଜାକି ଧରିଲା ତାରି କୋଳ ଭିତରେ । ଆନନ୍ଦରେ ଗଡ଼ି ପଡ଼ୁଥିଲା ଦୁଇବୁନ୍ଦା ଲୁହ ତାରି ଶୁଖିଲା ଆଖି ଭିତରୁ ।

ସେତେବେଳେ ସେଇ ଦିଗ୍‌ବଳୟର ରେଖା ଭିତରୁ ଆମର ଭବିଷ୍ୟତର ଦୁଃଖ ଆଉ ବିପଦ ଗୁଡାକ ଆମକୁ ଆଖି ମିଟିକା ମାରି ହାତ ଠାରି ଡାକୁଥିଲେ । ଆମେ ଚୁହିଁ ରହୁଥିଲୁ ଖୋଲାଆଖିରେ ତାରି ଆଡ଼କୁ ।

ଗଛ ଡାଳ ବଣ ବୁଦା କ୍ରମେ ପରିଷ୍କାର ଭାବରେ ଦେଖାଗଲା । ଘରର ଚୂଳ, କୋଠା ଘରର ଛାତ ସେତେବେଳକୁ ଦେଖା ଗଲଣି । ବେଳେବେଳେ ସେଇ ଦୂର ବସ୍ତିରୁ ଧୂଆଁ ବାହାରି ଆକାଶରେ ମିଳେଇ ଯାଉଥିବାର ଦୃଶ୍ୟ ମଧ୍ୟ ଆଖି ଆଗରେ ପଡୁଥିଲା ।

କେତେ ଟୋକା ବୁଢା ଛୁଆ ସବୁ ପୋଷା କୁକୁର ଧରି ଗାଁ ପଡ଼ିଆ ଉପରେ ଛିଡାହୋଇ ଚୁହିଁ ରହିଥାନ୍ତି ସେଇ ଅବଶ୍ରାନ୍ତ ପାଣିର ସୁଅ ଆଡେ । ଛୋଟ ଛୋଟ ଡଙ୍ଗି ଧରି ନଈରେ ଭାସି ଯାଉଥିବା ନିରାଶ୍ରୟ ଲୋକମାନଙ୍କୁ ଏବଂ ଦରମଲା ଗୃହ ପାଳିତ ପଶୁ ମାନଙ୍କୁ ଉଦ୍ଧାର କରୁଥାନ୍ତି ।

ଆମକୁ ବୋହି ଆଣୁଥିବା ଛାତଟା କ୍ରମେ ସେଇ ଆଡ଼କୁ ଲାଗି ଆସିଲା । ଲୋକମାନେ ଆମରି ଆଡେ ଚୁହିଁ ରହିଥାନ୍ତି । କେହି କେହି ମଧ୍ୟ ଛୋଟ ଛୋଟ ଡଙ୍ଗି ଧରି ବାହାରି ପଡିଲେ ଆମକୁ ଉଦ୍ଧାର କରିବାକୁ ।

କ୍ରମେ ଆମେ ପାଖେଇ ଗଲୁ ତାଙ୍କର ଆଡକୁ । ସେଇ ପଡିଆ ଉପରେ ବୃଦ୍ ବୁଦକିଆ ବଣ ଥାଏ । ତା'ର ଉପରେ ଲୋକେ ଗଛି ଉଙ୍କି ମାରି ଆମକୁ ଦେଖୁଥାନ୍ତି । ଯେତିକି ଆମେ ତାଙ୍କର ନିକଟ ହୋଇ ଯାଉଥାଉଁ ଲୋକେ ସେତିକି ଆଶ୍ଚର୍ଯ୍ୟ ହେଉଥାନ୍ତି ଆମକୁ ଦେଖି । ମଣିଷ ଖିଆ ବାଘଟାଏ ଆମର ପାଖକୁ ଠିଆ ହୋଇଛି । ଲୋକେ ଭୟ କଲେ, ଦବିଗଲେ ମଧ୍ୟ ।

ସେ ଯନ୍ତୁଟା ବି ସେତେବେଳକୁ ଏତେ ଲୋକଙ୍କୁ ଦେଖି ଭୟରେ କନ୍ କନ୍ ହେଉଥାଏ । ଟିକିଏ ସୁବିଧା ପାଇଲେ କେମିତି ଡେଇଁପଡି ଚାଲିଯିବ ଏଇ ଥିଲା ତାର ଉଦ୍ଦେଶ୍ୟ ।

ଆମେ ଡରୁଥାଉଁ—ଏଇ ସୁଯୋଗ ନେଇ ସେ ହୁଏତ ତାର ଭୋକିଲା କଙ୍କାଳକୁ ଶାନ୍ତ କରିବାପାଇଁ ଟିକିଏ ହେଲେ ପଛାଇବ ନାହିଁ ।

ଗାଁ । ଲୋକେ ଆଉ ବଢିରେ ଭାସି ଆସିଥିବା ଲୋକେ କାଁ-ଭାଁ- ହୋଇ ଆବାକାବା ହୋଇ ଚାହିଁ ରହୁଥାନ୍ତି ଆମର ଆଡେ । କେତେ ଲୋକ କେତେକଥା ବିଚାର କରୁଥାନ୍ତି, କେତେଲୋକ କେତେ କଥା ଭାବୁ ଥାନ୍ତି ମୁଣ୍ଡରେ ହାତଦେଇ । ନିଜ ନିଜ ଭିତରେ କଥାବାର୍ତ୍ତା ହେଉଥିଲେ—'କି ହେଲା ଏ କାଳ, କି ହେଲା ଏ ଯୁଗ । ଏମିତିକା ବଢ଼ି ତ ଆମେ କେବେ ଦେଖି ନଥିଲୁ ? ଗୋଟାଏ ରାତିର ବର୍ଷାରେ ସମୁଦ୍ର ଭଳି ପାଣି ମାଡ଼ି ଆସୁଛି । ଏ ଦେଶ ପାପ ଭାରରେ ବୁଡ଼ି ଗଲାଣି । ଲୋକେ ବହୁତ ଅନ୍ୟାୟ କଲେଣି । ସେଇଥି ପାଇଁ ଏ ସବୁ ଘଟୁଛି । ନାହିଁ ନଥିବା ଘଟଣା ମଧ୍ୟ ଘଟୁଛି । ବାଘ ଆଉ ମଣିଷ ଏକା

ସଙ୍ଗରେ ନଈ ମଝିରେ ଭାସି ଭାସି ଆସନ୍ତେ ? ଏ ନିଶ୍ଚୟ ସେଇ ଭଗବାନଙ୍କର ଚକ୍ରାନ୍ତ । ତାଙ୍କର ମାୟା । ତାଙ୍କର କୁଟ ।

ଠିକ୍ ଏତିକି ବେଳକୁ ଆମର ଗୁଳଟା ଗୋଟାଏ କଣ୍ଟି ବୁଦା ମୂଳେ ଲାଗିଗଲା । ସେଇ ମଣିଷ ଖିଆ ପଶୁଟା ନିଜର ଜୀବନ ବଞ୍ଚାଇବା ଆଶାରେ ଝପ୍କରି ଡେଇଁ ପଡ଼ିଲା ବୁଦ୍ ବୁଦ୍କିଆ କଣ୍ଟି ଭିତରକୁ । ଠେଙ୍ଗା ବାଡ଼ି ଧରି ଧାଇଁଗଲେ ଲୋକମାନେ । ଗୋଟାଏ ପାଖରେ କୁକୁର ଗୁଡ଼ାଙ୍କୁ ଜଗାଇ ଦେଇ ଅନ୍ୟ ପାଖରେ ସେଇମାନେ ଧାଇଁଲେ । ବାଡ଼ିରେ ପିଟି ତାକୁ ମାରି ଦେଲେ ସେଇ ପଡ଼ିଆ ଉପରେ । ନିଜର ଜୀବନ ରକ୍ଷା କରିବା ଆଶାରେ ଏତେ ଦୁଃଖ କଷ୍ଟ ସହି ବଢ଼ି ପାଣିରେ ଜୀବନ ଉତ୍ସର୍ଗ କରି ଧାଇଁ ଆସିଥିଲା କେଉଁ ଅଜଣା ଅଶୁଣା ବଣ ପାହାଡ଼ରୁ । କିନ୍ତୁ ହରାଇ ବସିଲା ଏଇଠି ।

ଆମେ ସେତେବେଳକୁ ଉଠି ଆସିଥିଲୁ ପଡ଼ିଆ ଉପରକୁ । ସମଦୁଃଖୀ ସାଥୀମାନଙ୍କ ପାଖକୁ । କେହିକେହି ମୁଣ୍ଡ କୋଡ଼ି ହୋଇ କାନ୍ଦୁଥାନ୍ତି ନିଜର ଭାଇ ଭଉଣୀ ମା' ପୁଅ ସ୍ତ୍ରୀ ପୁରୁଷ ଆଦି କୁଟୁମ୍ବ ମାନଙ୍କ ପାଇଁ ।

ଏମିତି ସେଇ ପଡ଼ିଆଟା ଖାଲି ଭାସିଗଲା ଲୋକଙ୍କ ଭିଡ଼ରେ ଉଛୁଳି ଉଠିଥିଲା । ଲୋକେ ଭୋକିଲା ପେଟ ଧରି ଦରଛିଙ୍କା ଶରୀର ନେଇ ଚାହିଁ ରହିଥିଲେ ଅପରର ଦାନକୁ ।

ସେତିକିବେଳେ କେତେ ସ୍ୱାର୍ଥବାଦୀ ଆଉ ନିଃସ୍ୱାର୍ଥପର ଲୋକ କେତେ ଆଶାବାଦୀ ଆଉ ଧର୍ମ ପରାୟଣ କେତେ ନେତା ଆଉ ଉପନେତା କେତେ ସେଠ ଆଉ ଦୀନ ମଜଦୁରିଆ ଲାଗି ପଡ଼ିଥିଲେ ସେଇ ମାନଙ୍କୁ ଉଦ୍ଧାର କରିବାରେ, ସେଇମାନଙ୍କୁ

ସେବା ଶୁଶ୍ରୁଷା କରିବାରେ, ବୋଧ ଦେବାରେ, ଏବଂ ତାଙ୍କରି ଭବିଷ୍ୟତ ଜୀବନର ନୂତନ ଧାରା ଦେଖାଇବାରେ ।

ଯେଉଁ ଆଶା କେବଳ ଆଶାରେ ରହି ଯାଇଥିଲା ତାହାକୁ ପୂରଣ କରିବା ଉଦ୍ଦେଶ୍ୟରେ ଲାଗି ପଡ଼ିଥିଲେ ଦଳେ ଲୋକ । କେତେ ଆଶ୍ୱାସନାର ବାଣୀ ଶୁଣାଇ କିଏ ବସ୍ତ୍ରକୁଟ ବାଣ୍ଟୁଥିଲେ ତ କିଏ ଚୁଡ଼ା ଗୁଡ଼ଜଳ ଦେଉଥିଲେ । କିଏ ରନ୍ଧାବାଢ଼ି ଗରମ ଭାତ ପରଷୁଥିଲେ ତ କିଏ ଲୁଗା କମ୍ବଳ ପକାଉ ଥିଲେ । କିଏ ଘର ପାଇଁ ଠେଙ୍ଗା ଗୁଞ୍ଜୁଥିଲେ ତ ଆଉ କିଏ ଜାଗାବାଡ଼ି ଦେଇ ଥାଇଥାନର ବ୍ୟବସ୍ଥା କରି ଦେଉଥିଲେ ।

ଏମିତି କେତେ ଲହୁ-ଶୋଷା ପୁଞ୍ଜିପତି ଶ୍ରେଣୀ ଆମରି ପାଇଁ ଆମରି ଦୁଃଖରେ ସମଦୁଃଖୀ ହୋଇ ଲୁହ ଗଡ଼ାଉ ଥାନ୍ତି କେବଳ ଖଣ୍ଡିଏ ଭୋଟ କାଗଜ ପାଇଁ । କେତେ ରାଜନୈତିକ ଦଳ ନେତାମାନଙ୍କ ସହ ପତାକା ଉଡ଼ାଇ ଜିନ୍ଦାବାଦ କରି ଧାଇଁ ଆସୁଥାନ୍ତି ଆମରି ସେବା ପାଇଁ । ସତେ ଯେମିତି ମିଞ୍ଜି ମିଞ୍ଜି ହୋଇ ଲିଭି ଆସୁଥିବା ତାଙ୍କର ଅଙ୍ଗାର ଦୀପଟି ପୁଣିଥରେ ରେଇଁ ଉଠୁଛି ! ସେଇମାନେ ନୂଆ କରି ସଜବାଜ ହେଉଥାନ୍ତି । କେମିତି ଏଇ ଲୋକଙ୍କର ବିଶ୍ୱାସୀ ହେବେ ।

ଆମେ ଗରିବ । ଖଟିଖିଆ । ଭିକୁଣୀ-ମୁଣ୍ଡିଆ । ପୁଣି ଘରଦ୍ୱାର ସବୁ ହରେଇ ବସିଛୁ ବଢ଼ି ପାଣିରେ । ତାଙ୍କରି ହାତ ଟେକାକୁ ଗୁହିଁ ରହିଥିଲୁ କେବଳ ଗଣ୍ଡେ ଖାଇବାପାଇଁ ।

କେତେ ଧନୀ ମାନୀ ଆଉ ଜ୍ଞାନୀଲୋକ ସବୁ ଧାଇଁ ଆସିଲେ ମଟରଗାଡ଼ି ଚଢ଼ି ଆମରି ପାଖକୁ । ଲୁହ ଗଡ଼ାଇ ଗଲେ ଆମରି ପାଇଁ । ଆଉ କେତେ ଆସିଲେ ଆମରି ଦରମଲା ଦରଡଙ୍କ ହାଡ ଦରଶା ଭୋକିଲା କଳା ମଚମଚ ଅବଶ ଶରୀର ଗୁଡ଼ାକୁ

ଏକାଠି ଠୁଳ କରି ଛବି ତୋଳା ନେଇଗଲେ ତାଙ୍କର ଦାନର ଗାରିମା ବଢାଇବା ପାଇଁ ଏବଂ ଦୁନିଆଁ ଆଗରେ ନିଜର ବଡିମା ଦେଖାଇବା ପାଇଁ ।

ଆଗକୁ ଭୋଟ ଆସୁଛି । ନେତା ହେବେ । ମନ୍ତ୍ରୀ ହେବେ । ମଞ୍ଚର ଚଢିବେ । ଫୁଲମାଳ ପିନ୍ଧିବେ । ସେଇଥି ପାଇଁ ଏତେ ସଜବାଜ ହୋଇ ସମବେଦନା ଜଣାଇବା ପାଇଁ ଧାଇଁ ଆସିଛନ୍ତି ଏତେଦୂରରୁ । ଖଣ୍ଡିଏ ଭୋଟ କାଗଜ ପାଇଁ କେତେ ଟଙ୍କାର ମୋହ ଦେଖାଉ ଥାନ୍ତି ଆମକୁ । ଭବିଷ୍ୟତ ଆଶାର ସୌଧ ଗଢୁଥାନ୍ତି ଆମର ଆଗରେ । ଟଙ୍କା ସୁନା ଲଗାପଟା କାଗାବାଡ଼ର ଭେଲିକି ଲଗାଇ ଦେଉଥାନ୍ତି ଆମକୁ । ଆମର ଏଇ ଜୀବନ ଗଲାବେଳେ ଦରମଲା ଅବସ୍ଥାରେ ସେଇମାନେ ଖେଳୁ ଥିଲେ କେତେ ରାଜନୀତି ଛକାପଞ୍ଝା । ବ୍ୟବସାୟ ଫାଇଦାର କାରସାଦି ଏବଂ ନେତା ହେବାର ଫନ୍ଦଫିକର । ନିଜର ଯୋଗ୍ୟତାକୁ ବିଚାର ନ କରି ସେଇ କାଗଜ ଟିକକ ଆଶାରେ କିଏ କେତେ ମନ୍ତ୍ରୀ ଉପମନ୍ତ୍ରୀର ରଙ୍ଗୀନ ଛବି ଦେଖୁଥିଲେ ।

କାଙ୍ଗାଳ ପଲ ଧାଡ଼ି ଧାଡି ହୋଇ ବସିଥାନ୍ତି । କେତେ ସେଠ କେତେ ନେତା ତାଙ୍କର ହାତରେ ବାଣ୍ଟୁଥିଲେ ବିସକୁଟ୍ ଆଉ ରନ୍ଧା ଖେଚୁଡି । ଛେଲୁଆ ଦୁଇଖଣ୍ଡ ଧରି ଭୋକିଲା ଦେହର ଜଳନ୍ତା ପେଟ ଦୁଇଟାକୁ ନେଇ ଆମେ ମା ପୁଅ ଦୁଇଜଣ ଧାଡ଼ିରେ ବସି ଗୃହିଁ ରହୁଥିଲୁ ନୀରବରେ ।

ଦହଗଞ୍ଜିଆ ଜୀବନ ଭିତରେ ବି ଏମିତି ଦିନ ଆସେ ଯେତେବେଳେ ମନୁଷ୍ୟର ସବୁ ଦମ୍ଭ ଗର୍ବ ଭାଙ୍ଗି ଚୁରମାର ହୋଇଯାଏ । ଛତରରେ ବସି ରକ୍ତଶୋଷା ରାକ୍ଷସ ଦଳଙ୍କ ଆଡ଼କୁ ବି ହାତ ବଢ଼େଇବାକୁ ହୁଏ ।

ଥଣ୍ଡା ପବନ ସାଙ୍ଗକୁ ଏଣେ ଦେହରେ ଆମର ଓଦାଲୁଗା । ଶୀତରେ ଥରି ଯାଉଥାଉଁ । ଆମର ଏ ଅବସ୍ଥା ଦେଖି ଗୋଟିଏ ଜମିଦାର ଦୟା ପାଇ ଦେଇ ଯାଇଥିଲା ଦୁଇଖଣ୍ଡ ଲୁଗା ଆଉ ଦୁଇଖଣ୍ଡ କମ୍ବଳ । ତାକୁଇ ଢାଙ୍କି ହୋଇ ଆମେ ଚାହିଁ ରହିଥିଲୁ, ସେଇ ଛତର ଆଡ଼େ ।

ଝାଉଁଳା ଦେହର ଅବଶ ହାତଟା ମୋର ଖଣ୍ଡିଆ ଚେଲୁଆ-ଟିକୁ ଚିପି ଧରି ଲମ୍ବି ଯାଇଥିଲା । ଟେପଣ ମେଣ୍ଡିଆ ଲଗା ପଲକ-ହୀନ ଆଖିପତା ଦୁଇଟା ନୀରବରେ ଆଉ ବିକଳରେ ଟେକି ରହିଥିଲା ସେଇ ବିସ୍କୁଟ୍ ଦୁଇଖଣ୍ଡ ଆଉ ହଳଦିଆ ଖେଚୁଡ଼ି ମେଞ୍ଚାକ ଆଡ଼କୁ ।

ସମସ୍ତେ ନିଶ୍ଚେତନରେ ଚାହିଁ ରହିଥାନ୍ତି । ଗୋଟିଏ ସୁନ୍ଦରୀ ବାଳିକା ଖେଚୁଡ଼ି ଥାଳିକୁ ଧରି ପରଷିବାରେ ଲାଗି ପଡ଼ିଛି । କେତେ ଚଞ୍ଚଳ ସେ—କେତେ ଶାନ୍ତ ସେ—ଆଉ କେତେ ନମ୍ର ସେ । ସେ ମୋରି ପାଖରେ ଦେଉଥିଲା ବେଳେ ମୁଁ ଚାହିଁ ରହିଥିଲି ବିକଳରେ ତାରି ଆଡ଼େ ।

ବଡ଼ଲୋକ ସେ—ଧନୀ ସେ—ପୋଷାକ ପରିଚ୍ଛଦରେ ଆଡ଼ମ୍ବର ରହିଛି ତାର ପାଖରେ । ଠିକ୍ ତାରି ପରି କେତେ ଗରିବଙ୍କର ଝିଅ ଅର୍ଦ୍ଧଲଗ୍ନ ହୋଇ ଦିନ ଦିନ ଧରି ଉପବାସ ରହି ପଡ଼ି ରହିଛନ୍ତି ଛତରରେ କେବଳ ଗଣ୍ଡିଏ ଖାଇବା ପାଇଁ । ଆଉ ସେ..........

ସେତିକିବେଳକୁ ତାରି ତଳ ତଳ ଆଖିର ଛଳଛଳ ପତା ଦୁଇଟା ଟେକି ହୋଇ ଯାଇଥିଲା ମୋରି ହାଡ଼ଦିଶା ଦରଠଙ୍କା କଙ୍କାଳ ଆଡ଼େ ।

ଖେଚୁଡ଼ି ମେଞ୍ଚାଟାଏ ନଥି କରି ଖସି ପଡ଼ିଥିଲା ମୋରି

ଛେଲିଆରେ । ଲୋକେ ହିଂସା ଚକ୍ଷୁରେ ଗ୍ରୁହିଁ ରହୁଥିଲେ ମୋର ଅଡ଼େ ।

ଏମିତି ଗୁରି ପାଞ୍ଚଦିନ କଟିଗଲା ସେଇ ଛତର ପଡ଼ିଆର ଖୋଲା ଆକାଶ ତଳେ । ସେଇଠାରୁ କେତେ ଲୋକ ବନ୍ଧୁ କୁଟୁମ୍ବ-ଙ୍କର ସାହାଯ୍ୟ ସହାନୁଭୂତି ପାଇ ଗ୍ରୁଲିଗଲେ ଅନ୍ୟଅଡ଼େ । ନୂଆ ବସତି କରିବେ ନୂଆ ଜୀବନର ନୂଆ ଅଧ୍ୟାୟ ଖୋଲିବେ ।

ଆମରି ପରି କେତେ ଦୁଃଖୀ ଆଉ ନିଃସହାୟଙ୍କର ମଧ୍ୟ ଦିନ ଗୁଡ଼ାକ କଟିଗଲା କେତେଦିନ ସେଇ ଛତର ଭିତରେ ହାତ ପତେଇ ଦାନ୍ତ ନିକୁଟେଇ ହୋଇ । ତଥାପି ଦିନ ସରିଲା ନାହିଁ କି ଅସରନ୍ତି ଦୁଃଖ କଷ୍ଟର କୂଳ କିନାର ମଧ୍ୟ ଦେଖାଗଲା ନାହିଁ । ଅଭିଶପ୍ତ ଜୀବନ ନେଇ ଯାହାର ଜୀବନ ଗଢ଼ା ତାର ପୁଣି ସୁଖ ସ୍ୱାଚ୍ଛନ୍ଦ୍ୟ କେଉଁଠୁ ଆସିବ ?

ସେତେବେଳକୁ ମୁହଁ ସଞ୍ଜ । ଅନ୍ଧାର ଭିତରେ ମୁହଁକୁ ମୁହଁ ଦେଖାଯାଉ ନାହିଁ ପରିଷ୍କାର ଭାବେ । ଆମେ ଗ୍ରୁଲିଥାଉଁ କାଠ-ଯୋଡ଼ୀର ସେଇ ଗୋଡ଼ି ରାସ୍ତା ଉପରେ । ଝୁଣ୍ଟି ହୋଇ ଲଙ୍ଗଳା ପାଦରୁ ମୋର ରକ୍ତ ବାହାରୁଥାଏ । ଅତୀତ ଜୀବନର ଏମିତି କେତେ କଥା ଶୁଣି ଯାଉଥିବା ବେଳେ ତା'ର ଠାରୁ ବେଳେ ବେଳେ ନିଜକୁ ହରାଇ ବସୁଥିଲି । ସେତେବେଳେ ସେ ପ୍ରଶ୍ନ ତର

ନପାଇ ମୋର୍ ଅଡକୁ ଲୁଗି ଆସୁଥିଲା । ଖୁବ୍ ଜୋରରେ ହଲାଇ ଦେଇ ମତେ କହିଲା—କ'ଣ ଏମିତି ଅନ୍ୟମନସ୍କ ହୋଇ ଭାବୁଛୁ ?

ଅଡୁଆ ତଡୁଆ ହୋଇ କହି ପକାଇଲି—ନା ! ମୁଁ ଚିନ୍ତା କରୁଛି ଭଗବାନଙ୍କ ସତ୍ତାକୁ । ତାଙ୍କର ମହତ୍ ନିଦର୍ଶନରେ ମଣିଷ କି ଏମିତି ହୁଏ ?

ସେ ପୁଣି ଆଶ୍ୱାସନା ଦେଇ କହିଲା—ଏମିତି ସମସ୍ତଙ୍କ ଜୀବନରେ ଘଟେ । କି ମହାପୁରୁଷ, କି ମୁନି, କି ଋଷି, ସମସ୍ତଙ୍କ ଜୀବନକୁ ଲକ୍ଷ୍ୟ କଲେ ଦେଖିବାକୁ ମିଳେ ଯେ, ସମସ୍ତଙ୍କ ମୁଣ୍ଡ ଉପରେ ପରିବର୍ତ୍ତନର ସୁଅ ମାଡି ଯାଇଛି । ତୁ ଏମିତି ଅସ୍ଥିର କାହିଁକି ହେଉଛୁ ? ହୁଏତ ପୁଣି ଏମିତି ଦିନ ଆସିବ ଯେତେବେଳେ କି ଅତୀତର ସବୁ ଦୁଃଖ ଗୁଡାକୁ ଭୁଲିଯିବାକୁ ପଡ଼ିବ ।

ମୁଁ ପୁଣି ତାକୁ ଅନୁରୋଧ କରିଥିଲି । କେତେ ମିନତି ହୋଇ କହିଥିଲି । ଆଜି ଯାହା ସେ ଯାଣେ ସବୁକୁ ଖୋଲି କହିଦବା ପାଇଁ । ଫେର୍ ସେ ମୋର ଜିଦ୍ ଦେଖି କହି ବସିଲା :—ଛଅର ଭିତରେ ଦିନ ଗୁଡାକ କଟିଗଲା ଏମିତି କେତେ ଦିନ ।

ଠିକ୍ ସେତିକି ବେଳେ ଅତୀତର ବ୍ୟଥାଭରା ସ୍ମୃତି ଗୁଡ଼ିକ ରେଇଁ ଉଠିଥିଲା ମୋର ମୁଣ୍ଡ ଭିତରେ । ଅବିକଳ ପହିଲି ଆଷାଢର କଳା ହାଣ୍ଡିଆ ମେଘୁଆ ଛାଇ ଧୂମାଳିଆ ଆକାଶରେ ଘୋଟି ଗଲା ପରି ।

ଭୋଟ ଯେତିକି ପାଖେଇ ଆସୁଥାଏ କେତେ ଜମିଦାର କେତେ ବ୍ୟବସାୟୀ ଧାଇଁ ଆସୁଥିଲେ ଆମରି ପାଖକୁ । ଆମକୁ ଆଖି ପୁରାଇ ଦେଖିବେ ଆମର ଦୁଃଖକୁ କାନ ଦେଇ ଶୁଣିବେ ଏବଂ

ଭେଣ୍ଟ କାଗଜ ଖଣ୍ଡିଏ ହାତ ଯୋଡ଼ି ମାଗିଛନ୍ତି । ଆହା କି ଦରଦ ତାଙ୍କର ! କି ଖୋଲା ହୃଦୟ ତାଙ୍କର ।

କେହି କେହି ବା ନିରାଶ୍ରୟ ବାଳକ ଏବଂ ଅସହାୟା ବାଳିକାଙ୍କୁ ନେଇ ଆଶ୍ରମ ମାନଙ୍କରେ ଯାଗା ଦେବାର ବନ୍ଦୋବସ୍ତ କରୁଥାନ୍ତି । ଅଥବା କେହି ଲୋକ ମାନଙ୍କୁ ଘରବାଡ଼ି ତିଆରି କରି ଦେଇ ବସତି ବସାଇ ଦେଉଥିଲେ । ଯେଉଁମାନେ ନିଜ ନିଜର ଜନମ ଭୂଇଁକୁ ଫେରିଯିବାକୁ ଚାହୁଁଥିଲେ ତାଙ୍କୁ ଟଙ୍କା ପଇସା ଦେଇ ପଠାଇ ଦେଉଥିଲେ ।

ସେଇ କାଙ୍ଗାଳ ବସ୍ତିର ଶେଷ ଭାଗକୁ ଖଣ୍ଡିଏ ଘର ମିଳି ଥିଲା ଆମକୁ । ଗାଁ ଭୂଇଁକୁ ଫେରି ଯିବାର ପ୍ରବଳ ଇଚ୍ଛା ଥିଲେ ମଧ୍ୟ ଅର୍ଥାଭାବ ଯୋଗୁଁ ମନ ଆମର ମରି ଯାଇଥିଲା ଚିରଦିନ ପାଇଁ । ଘର ଦ୍ୱାରତ ପାଣିରେ ଭାସି ଯାଇଥିଲା, ପୁଣି ଗଣ୍ଡାଏ ଖାଇ ବଞ୍ଚି ରହିବାକୁ ମଧ୍ୟ କିଛି ନଥିଲା । ତେଣୁ ଆମେ ସେଇଠାରେ ବସା ବାନ୍ଧି ଚାହିଁ ରହିଥିଲୁ ଫଟାକପାଳର ନିତିଦିନିଆ ପରିବର୍ତ୍ତନ ଭିତରକୁ ।

ଜୀବନର ଏଇ ଦୁଃଖ ସମୟ ଭିତରେ ଜଣେ ବଡ ଜମିଦାର ଆଉ ବ୍ୟବସାୟୀଙ୍କ ନଜରରେ ଆସିଥିଲି ମୁଁ । ସହାନୁଭୂତିରେ ଭରି ଯାଇଥିଲା ତାଙ୍କର ଆଖି । ସମବେଦନାରେ ପୂରି ଯାଇଥିଲା ତାଙ୍କର ହୃଦୟ । ମତେ ସାହାଯ୍ୟ କରିବେ ଏବଂ ମଣିଷ କରିବେ ତାଙ୍କର ଥିଲା ଇଚ୍ଛା .

ଯେଉଁଦିନ ମତେ ସେ ବୋଉର କୋଳ ଭିତରୁ ଅଲଗା କରି ନେଇଗଲେ ନଈ ଆରପାରି କଟକ ସହରର ଆଶ୍ରମ ସ୍କୁଲ୍ ଭିତରକୁ ସେଇଦିନ ବୋଉ ଲୁହଜକା ଅପଲକ ଆଖିରେ ଚାହିଁ ରହିଥିଲା ମୋର ଚାଲାପାଦ ଦୁଇଟିକୁ କେତେ ଶୁଭ ମନାସି ।

ଠିକ୍ ସେତିକିବେଳେ ମୋର ଅନ୍ତରର ସବୁ ଚେତନା ଭାଙ୍ଗି ଯାଇଥିଲା । ସେ ସେତେବେଳେ କହୁଥିଲା—'ଯେଉଁଦିନ ମୁଁ ତତେ ସେଇ କାଙ୍ଗାଳ ଲୋକଙ୍କ ଧାଡି ଭିତରେ ଚେଙ୍ଗୁଲିଆ ଧରି ବସିଥିବାର ଦେଖିଥିଲି ସେଇଦିନ ତାହାଁକି ମୋର ମନ ନଇଁ ପଡିଥିଲା ତୋରି ଆଡକୁ । ଏମିତି ତ କେତେ ତୋରି ପରି ଗରିବ ହୋଇ ନିଃସହାୟ ହୋଇ ରହୁଁ ବସିଥିଲେ ଖେଚୁଡି ମେଞ୍ଚାକ ପାଇଁ—କିନ୍ତୁ ମୋରି ହୃଦୟ ସ୍ୱତଃ ତୋରି ଆଡକୁ ଟାଣି ହୋଇ ଯାଇଥିଲା । ଆଖି ମୋର ସହାନୁଭୂତିରେ ଭରି ଯାଇଥିଲା । ହୃଦୟ ମୋର ସମ ବେଦନାରେ ଥରି ଉଠିଥିଲା । ତତେ ସାହାଯ୍ୟ କରିବି । ତତେ ଜଣେ ଜାଣିଲା ଶୁଣିଲା ଲୋକ କରି ଠିଆକରାଇବି, ଏଇଥିଲା ମୋରି ମନର ବାସନା । ତା ପରେ ବାପା ମୋରି କଥାରେ ପ୍ରତିବାଦ ନକରି ତତେ ନେଇ ଆସିଲେ ଏଇ ଆଶ୍ରମକୁ । ମୁଁ ବି ଚାହେଁ ତୁ ଦୁନିଆରେ ଜଣେ ଭଲ ମଣିଷ ହେବୁ ଏବଂ ଜଣେ ଜଣାଶୁଣା ଲୋକ ତୁ ହେବୁ । ଖାଲି ଏତିକି ନୁହେଁ ମୋର ଇଚ୍ଛା ତୁ ଦୁନିଆରେ ଏମିତି କିଛି କାମ କରିବୁ ଯେପରିକି ସମସ୍ତଙ୍କ ହୃଦୟରେ ପୂଜା ପାଇବୁ ।

ସମସ୍ତେ ତୋର ପ୍ରଶଂସା କରିବେ । ତୋର ସୁନାମ ଚାରି ଆଡେ଼ ବିକଶିଲେ ମୁଁ ହେବି ଖୁସି । ଦେଖିବୁ ତୁ ସେତେବେଳେ ଖାଲି ମୋର ହୃଦୟ କାହିଁକି ସମସ୍ତଙ୍କ ହୃଦୟ ଭିତରେ ପୂଜା ପାଇବୁ ଚିରଦିନ ପାଇଁ । ଏଇ ହେଉଛି ମୋର ମନର କଳ୍ପନା ଏବଂ ଏତିକି ମୋର ଭଗବାନଙ୍କ ନିକଟରେ ପ୍ରାର୍ଥନା ।'

ସେ ଏତକ କହି ସାରିଲା ବେଳକୁ ଆମେ ଯାଇଁ ପହଞ୍ଚିଥିଲୁ ତାଙ୍କର ଲକ୍ଷ୍ୟ ସ୍ଥିରକଲି ପାଠକ ନିକଟରେ । ମୁଁ ଆଉ କିଛି କହି

ପାରି ନଥିଲି । ମୃତଙ୍କ ପରି ଛିଡ଼ା ହୋଇ ଥିଲି ତାରି ଅଗରେ ଟଳକୁ ମୁଣ୍ଡ ପୋତି । କେବଳ ଆଖିର ଦୁଇଟୋପା ଉଷୁମ ଲୁହ ଗଡ଼ି ପଡ଼ିଥିଲା ସେଇ ନାଲିଆ ରାସ୍ତାର ଧୂଳି ଉପରିକୁ—

ଏମିତି ଜଞ୍ଜାଳିଆ ଜୀବନର ଦିନଗୁଡ଼ାକ ଗଡ଼ି ଚାଲିଲା ଅଶ୍ରମ ଭିତରେ । ତେଣେ ବୋଉ ଛୋଟିଆ କୁଡ଼ିଆ ଭିତରେ ରହି ମୋର କେତେ ଶୁଭ ମନାସୁଥାଏ । କେତେ ଠାକୁରଙ୍କୁ ଡାକୁଥାଏ । ସେ ଚାହୁଁଥିଲା—ମୁଁ ପାଠ ପଢ଼ିବି, ବଡ ମଣିଷ ହେବି ଏବଂ ଆମର ପରି ଗରିବ ଆଉ ଦୁଃଖୀ ରଙ୍କିଙ୍କ ମଙ୍ଗଳ ପାଇଁ ତାଙ୍କ ଜୀବନର ଉନ୍ନତି ପାଇଁ ଏବଂ ତାଙ୍କର ଭୋକିଲା ପେଟ ଆଉ ଶୁଖିଲା ମୁହଁରେ ଗଣ୍ଡେ ଅଧାରି ଦେବାପାଇଁ ମୁଁ କରିବି କାମ । ସେ ଚାହୁଁ ନଥିଲା ମୁଁ ବଡଲୋକ ହୋଇ ମଠେଇଚି ରାଜମହଲ ପ୍ରାସାଦରେ ବାସ କରିବି ।

କୁମ୍ଭାର ହାଣ୍ଡିର ଚକ ଘୁରି ଚାଲେ ଘିରି ଘିରି ହୋଇ । ବଳଦ ଗାଡ଼ିର ଚକ ବି ତଳ ଉପରକୁ ଗଡ଼ି ଚାଲେ କେଁ କଟର ହୋଇ ଆଉ ମଣିଷର ଭାଗ୍ୟ ବି ବଦଳି ଯାଏ ମିନିଟି ମିନିଟ୍‌ରେ ଘଣ୍ଟା ଘଣ୍ଟାରେ ଦିନ ଦିନରରେ ଏବଂ ବର୍ଷ ବର୍ଷ ମଧ୍ୟରେ । ଏମିତି କେତେ ଦିନ କଟିଗଲା ଦୁଃଖ ସୁଖ ଭିତରେ ।

ଆମର ଥାଇ ଥାନ ପାଇଁ କିଏ କେତେ ରକମର ସାହାଯ୍ୟ

ଦେଇ ଯାଇଥିଲେ ଦୟା ପରବଶ ହୋଇ । କିଏ ଟଙ୍କାଟ କିଏ ଜମି କିଏ ଘରଟ କିଏ ଲୁଗାପଟା । ବୋଇ ତାଙ୍କୁ ବଳ ଭରି ଆଉ କାହାଠାରୁ ବା ସାହାଯ୍ୟ ପାଇ ଦୁଃଖ କଷ୍ଟ ଚଳି ଯାଉଥିଲା ।

ମୁଁ ସେଇ ଆଶ୍ରମରେ ରହି ପାଠ ପଢୁଥିଲି ଏବଂ ନିଜକୁ ଜଣେ ଆତ୍ମ ନିର୍ଭର ଶୀଳ ହୋଇ ଜୀବନ କଟାଇବା ପାଇଁ ଚେଷ୍ଟା କରୁଥିଲି ।

ସେଇ ଆଶ୍ରମଟା କଟକର କେତେଜଣ ବ୍ୟବସାୟୀ ଆଉ ଜମିଦାରଙ୍କ ଦାନ ଉପରେ ଚଳୁଥିଲା । ଯେତେବେଳେ ପଇସାର ଅଭାବ ପଡେ ଆମେ ଛାତ୍ରମାନେ ବଜାରରୁ ଗୁଣ୍ଡା ଉଠାଇ ତାକୁ ପୂରଣ କରୁ । ଏମିତି ଭାବରେ ସେଇଟା ଚଳି ଆସୁଥିଲା ବହୁ ଦିନରୁ । କେତେ ଗରିବ ମେଧାବୀ ଛାତ୍ର ସେଇଠୁ ମଣିଷ ହୋଇ ଦୁନିଆ ଆଗରେ ମୁଣ୍ଡ ଟେକିଛନ୍ତି ।

ପ୍ରଥମେ ଯେଉଁ ମାନେ ସାଙ୍ଗ ହୋଇ ସାଥି ବାନ୍ଧି ଆଉ କାନ୍ଧକୁ କାନ୍ଧ ମିଳାଇ ପଢୁଥିଲେ ଏବଂ ଆଶ୍ରମକୁ ଚିରଦିନ ବଞ୍ଚାଇ ରଖିବା ପାଇଁ ଚେଷ୍ଟା କରୁଥିଲେ ସେଇ ମାନଙ୍କ ଭିତରୁ କେତେକ ମରି ହଜି ଗଲେଣି, ଯେତେକ ବା ବଞ୍ଚି ରହିଛନ୍ତି ସେଇମାନେ କେବଳ ଜୁକୁ ଜୁକୁ କରି ଗୁହାଁରି ତାର ମଙ୍ଗଳ କାମନା କରୁଛନ୍ତି । ତାଙ୍କର ଉଦ୍ୟମ ତାଙ୍କର ଚେଷ୍ଟା ଆଉ ତାଙ୍କରି ପରିଶ୍ରମ ଫଳ ଉପରେ ଆଜି ଯେ କେତେ ଲୋକ ମଣିଷ ହୋଇ ବାହାରୁଛନ୍ତି ଏବଂ କେତେ ଝାଉଁଳା କଢି ଫୁଟି ଉଠୁଛନ୍ତି ହସି ହସି । ସେଇମାନଙ୍କ ଛବି ସହିତ ଆଶ୍ରମଟି ବେଶ୍ ସୁସଜ୍ଜିତ ଏବଂ ଠିକ୍ ହିନ୍ଦୁ ଧର୍ମର ପରାକାଷ୍ଠା ଆଉ ପରମ୍ପରା ଉପରେ ଅବସ୍ଥାପିତ ହୋଇ ଥିଲା ।

ଚନ୍ଦ୍ରା-ଲକ୍ଷ୍ମ ଓ ଲକ୍ଷ୍ମ

ସେଇ ଅନ୍ତାତ୍ମର ଉଦ୍‌ଯୋଗୀ ଆଉ ଉଦ୍ୟମାଙ୍କର ଅସ୍ମାର ସହ୍‌ଯୋଗ ଏବଂ ସେଇ ମହାନୁଷ୍ଠାନର ଉନ୍ନତି ପାଇଁ ଭଗବାନଙ୍କ ପାଖରେ ପ୍ରତିଦିନ ପ୍ରାର୍ଥନା ସହ କିଛି ଶାରୀରିକ ପରିଶ୍ରମ ପ୍ରତ୍ୟେକ ଆଶ୍ରମ ଛାତ୍ରଙ୍କୁ କରିବାକୁ ପଡ଼ୁଥାଏ । ନିଷ୍ଠାପର ଚରିତ୍ର ଗଠନ ଆଉ ଉଦ୍‌ଯୋଗ ମନୋବୃତ୍ତି ନେଇ ଜୀବନ ଗଢ଼ିବାକୁ ଗୁରୁଜୀ ଶିକ୍ଷା ଦେଇ ଥାନ୍ତି । 'ସତ୍ୟ ଆଉ ନ୍ୟାୟ' ଉପରେ ଗଢ଼ି ଉଠିଥାଏ ସେଠିକାର ଛାତ୍ର ଜୀବନ ଏବଂ ତାରି ଛାୟା ଭବିଷ୍ୟତରେ ଜାତି ଗଠନ ଓ ଦେଶ ଗଠନ ଉପରେ ପ୍ରତିପାଦିତ ହୁଏ । ଆତ୍ମନିର୍ଭର ଶୀଳତାକୁ ମୂଳ କରି ଜୀବନ ଗଠନ ପାଇଁ ଶିକ୍ଷା ଦିଆଯାଏ ସେଠାରେ । ସେତିକି ନୁହେଁ ମଣିଷ ଜାତିକୁ ପ୍ରେମ କରି ଗାନ୍ଧିଜୀଙ୍କ ମହାନ୍ ଆଦର୍ଶରେ ତିଆରି ହୋଇଥିଲା ସେଇ ଆଶ୍ରମଟି । ସମସ୍ତେ ସେଇ ଆଦର୍ଶରେ ଚାଲି ଦେଶ ଓ ଜାତିର ଉନ୍ନତି ନିମିତ୍ତ ଜୀବନକୁ ନିୟୋଗ କରିବାକୁ ଗୁରୁଜୀ ପ୍ରଥମେ ଆଶ୍ରମରେ ପ୍ରବେଶିଲା ବେଳେ ଶପଥ କରାଇ ନେଉଥିଲେ । ବେଶ ଭୂଷାର ବାହ୍ୟ ଆଡ଼ମ୍ବର ନଥିଲା ସେଠାରେ କମ୍ବା ସୌଖୀନର ଶିହ୍ନବସ୍ତ୍ର ସୁଦ୍ଧା ନଥିଲା । ତା ଛଡ଼ା ବହୁତ ଶାନ୍ତ ଶୃଙ୍ଖଳା ଓ କଠୋର ନିୟମ ଭିତରେ ଚଳିବାକୁ ପଡ଼ୁଥିଲା ସେ ଆଶ୍ରମରେ ।

ସାଧାରଣ ଶିକ୍ଷାଛଡ଼ା ବଡ଼ ବଡ଼ ଶାସ୍ତ୍ର ଓ ପୁରାଣର ଆଲୋଚନା ମଧ୍ୟ ହେଉଥିଲା । ସତ୍ୟ ଆଉ ନ୍ୟାୟ ଉପରେ ଭିତ୍ତିକରି ରାଜନୀତିର ଢଙ୍ଗକୁ ମଧ୍ୟ ବଦଳାଇ ଦେବା ପାଇଁ ବହୁତ ତଥ୍ୟ ମୂଳକ ଶିକ୍ଷା ବି ମିଳୁଥିଲା ସେଠାରୁ । ସାହିତ୍ୟ ଭିତର ଦେଇ ଦର୍ଶନକୁ ଏବଂ ଦର୍ଶନ ଭିତର ଦେଇ ସାହିତ୍ୟକୁ ଆଲୋଚନା କରିବାର ସୁବିଧା ବି ମିଳୁଥିଲା ସେଇଠାରେ । ଗାନ୍ଧିଜୀଙ୍କର

ଅହିଂସା ଧର୍ମରେ ବ୍ରତୀ ହୋଇ ପରର ଉପକାରରେ ଜୀବନକୁ ଉତ୍ସର୍ଗ କରିଦେବା ପାଇଁ ଶିକ୍ଷା ମଧ୍ୟ ଦିଆ ଯାଉଥିଲି ।

ଏତେକିତ ଦୁଃଖ କଷ୍ଟ ଅଭାବ ଅସୁବିଧା ଆଉ ମାନ ଅପମାନ ଭିତରେ ମୋର ଜୀବନଟା ଗଢା ହୋଇଥିଲି ପିଲା ଦିନରୁ । ଆଉ ସେ ପ୍ରକାର ନିୟମ ଓ ଶୃଙ୍ଖଳା ଭିତରେ ନିଜକୁ ଚଳାଇବାକୁ ଯଦିଓ ଟିକିଏ ଅଡୁଆ ଲାଗୁଥିଲା ପ୍ରଥମେ ପ୍ରଥମେ ତଥାପି ଖୁବ୍ କମ୍ ଦିନ ଭିତରେ ସେସବୁ ଥିରେ ଅଭ୍ୟସ୍ତ ହୋଇଥିଲି ମୁଁ । ଆଶ୍ରମରୁ ବାହାରକୁ ଆସିବାକୁ ହେଲେ ଗୁରୁଜୀଙ୍କର ବିନା ପରାମର୍ଶରେ ଆସିହୁଏ ନାହିଁ ।

ଏଇ ଆଶ୍ରମରେ ରହିଲା ଦିନରୁ ତାଙ୍କରି ଘର ସହିତ ଭଲ ସମ୍ପର୍କରେ ଆସିଥିଲି । ଜଣେ ନିଃସହାୟ ଆଉ ନିରାଶ୍ରୟ ଭାବେ ସେ ମତେ ଆଦର କରନ୍ତି ଏବଂ ସ୍ନେହ ବି କରନ୍ତି । ପୁଣି ତାଙ୍କର ସାହାଯ୍ୟ ଆଉ ସହାନୁଭୂତିରେହିଁ ମିଳିଥିଲା ମତେ ଏଇ ସୁଯୋଗ । ଏମିତି ସାମୟିକ ଭଲମନ୍ଦ, ମେଳା ମହୋତ୍ସବ ପର୍ବପର୍ବାଣୀ ଆଉ ଜାନିଯାତ୍ରାରେ ତାଙ୍କ ଘରକୁ ଆସିଥାଏଁ ଗୁରୁଜୀଙ୍କ ଆଦେଶ ନେଇ । ପୁଣି ମତେ ଫେରିବାକୁ ହୋଇଥାଏ ନିର୍ଦ୍ଦିଷ୍ଟ ସମୟ ଭିତରେ । ତାଙ୍କର ଘରର ପିଲାମାନଙ୍କ ସହିତ ଖେଳ ବୁଲ ନାଚକୁଦ ଆଉ ଖିଆ ପିଆରେ ଭୁଲି ଯାଉଥିଲି ମୋର ସେଇ ଅତୀତର ଶଆଁ ଲଗା ସ୍ମୃତି ଗୁଡାକୁ ।

ମଣିଷ ଯେତେବେଳେ ଦୁଃଖ ଭୋଗ କରେ ସେତେବେଳେ ଅତୀତର କରୁଣା ସ୍ମୃତି ଗୁଡାକ ମିଞ୍ଜି ମିଞ୍ଜି ହୋଇ ଦେଖାଯାଏ ତାର ଆଗରେ । କିନ୍ତୁ ଯେତେବେଳେ ସୁଖ ଭୋଗ କରେ ଅଙ୍ଗେ ନିଭେଇଥିବା ଦୁଃଖ ଗୁଡ଼ାକୁ କେଉଁଆଡ଼େ ଭୁଲିଯାଏ ଏକା ନିମିଷକେ । ସେ ଆଉ ମନେ ପଡ଼େ ନାହିଁ । ମଣିଷ ଭାବିଯାଏ

ଉପସ୍ଥିତ ସୁଖ ଭୋଗ ବିଳାସ ମୋହମାୟା ଏବଂ ବିଭବ ଉପରେ ।

କେବଳ ତାର ଠାରୁ ସେଦିନ ସନ୍ଧ୍ୟାରେ ପାଇଥିଲି ସୁଯୋଗ ପୁଣି ଥରେ ସେଇ ଅତୀତର ପୁରୁଣା ପୋଥି ଗୁଡାକୁ ଘାଣ୍ଟିବା ପାଇଁ । ସେ ଅକୁଣ୍ଠିତ ଚିତ୍ତରେ କହି ଯାଇଥିଲା ମୋ'ର ଆଗରେ । ମୋର ଉପରେ କପଟ ନ କର ଛନ୍ଦ ନ କର କିମ୍ବା ମତେ କୌଣସି ବିଷୟ ନ ଲୁଚାଇ । ଯାହା ସେ ବୋଉଠାରୁ ସେଇ କଚି ସମୟରେ ଆମର ଜୀବନ କଥା ସଂଗ୍ରହ କରିଥିଲା, ତାକୁ ଚିକିନିଖି କରି ଖୋଲି କହିଥିଲା ମୋର ଆଗରେ ।

ସେଇ ଦିନଠାରୁ ସେ ମୋର ପାଖରେ ବସି ବହୁତ କଥା ବୁଝାଏ ଏବଂ କହେ । ମୋର ନିଜର ହୋଇ କେତେ କଥା ଅକାଟ କରେ । ଖରାପ ବାଟରେ ନ ଯିବା ପାଇଁ କେତେ କଥା ବୁଝାଏ ପୁଣି ମୋର ପାଖରେ ବସି ଛୁଆଙ୍କ ପରି ଅଳି କରେ ଗୋଳ କରେ, ଅଟଟ ଲଗାଏ ଟୁଙ୍କ ଧରେ ଏବଂ ଅଭରୁଷା ଦିଏ । ପୁଣି ମୋ ପାଖକୁ ଲାଗିଆସି କେତେ କଥା ଶିଖାଏ ।

ମୁଁ ବି ଛୁଆଙ୍କ ପରି ମୁଣ୍ଡପାତି ମାନିନିଏ ତାର ଟାଣୁଆ ଆଦେଶଗୁଡ଼ାକୁ । ବେଳେ ବେଳେ ମଧ୍ୟ ଅଟଟିଆ ଛୁଆଙ୍କ ପରି ଟୁଙ୍କ ଧରି ବସେଁ ତାର କଥା ଉପରେ । ସେ ସେତେବେଳେ ପାଖେଇ ଆସେ ମୋର ପାଖକୁ । ଛଳ ଛଳ ଆଖିରେ ଏବଂ ବ୍ୟଥାଭରା କଣ୍ଠରେ କହିଯାଏ କେତେ କଥା । ଅଭିମାନ କରେ ସେ । ଅଭରୁଷା ଦିଏ ସେ ମତେ ।

ଏମିତି ଧୂଳିଖେଳ ଭିତରେ ଗଡି ଚାଲିଲା ମୋର ଜୀବନର ସୁଅ । ଭଡଲୋକ ଆଉ ଜମିଦାର ଘରର ଝିଅ ବୋଲି ପ୍ରଥମେ ପ୍ରଥମେ ସଂକୋଚ କରୁଥାଏ ମୁଁ । ତା ସହିତ ଖୋଲି ଭାବରେ ମିଶି ପାରୁ ନ ଥାଏ । ପରେ ସେ ସବୁ ଛାଡ଼ି

ଯାଇଥିଲି । କେବଳ ଦୁଇଜଣଙ୍କର ସ୍ନେହ ଆଉ ମମତାର ଆକର୍ଷଣରେ ।

ନିଃସଙ୍କୋଚ ଭାବେ ଓ ନିର୍ଭୟରେ ଜଞ୍ଜାଳମୟ ଦୁନିଆର ଛନ୍ଦ କପଟଠାରୁ ବହୁ ଦୂରରେ ରହି ଆମେ ଗଢ଼ି ନେଇଥିଲୁ ଗୋଟିଏ କାଳ୍ପନିକ ସୁନାର ସଂସାର ।

ଥରେ—କୁଆଁର ପୁନେଇଁର କୁଆଁଶ ଜହ୍ନ ଧୀରେ ଧୀରେ ହସି ଉଠୁଥିଲା ପୂରୁବ ଆକାଶରୁ । ଛୋଟ ଝିଅଠାରୁ ଆରମ୍ଭ କରି ବଡ଼ ଯୁବତୀ ଝିଅ ପର୍ଯ୍ୟନ୍ତ ସମସ୍ତେ ମିଶି ସେଇ ପୁନେଇ ଚନ୍ଦ୍ରକୁ ପୂଜା କରୁଥିଲେ ନିଜ ଭବିଷ୍ୟତର ଶୁଭ ମନାସୀ ଏବଂ ଶୁଭାକାଙ୍କ୍ଷୀଙ୍କର ମଙ୍ଗଳ ମନାସୀ । କେତେ ଫୁଲତୋଡ଼ା କେତେ ଭୋଗ ଡାଲି ନଇ ନାଲି ଆଉ ପାଖ ଗଡ଼ିଆ ଭିତରେ ଅଜାଡ଼ି ଦେଉଥିଲେ ମନ ଖୁସିକରି । ମନ ଖୋଲି କରି କେତେ ମୁଣ୍ଡ ନଇଁଥିଲେ ତାଙ୍କରି ଆଡ଼େ ।

ସେଇଦିନ ମୁଁ ତାରିଠାରୁ ଅନୁରୋଧ ପାଇ ଯାଇଥିଲି ତାଙ୍କରି ଘରକୁ । ପୁନେଇ ସଂଧ୍ୟାର କୋଳାହଳ ଯେତେବେଳେ ନଇଁ ଯାଇଥିଲା ମୁଁ ଆଶ୍ରମକୁ ଫେରି ଆସୁଥିଲି । ସେତେବେଳେ ସେ ଥିଲା ମୋରି ସାଥିରେ—ମତେ ଛାଡ଼ିଦେବା ପାଇଁ ଆସିଥିଲା ତାଙ୍କରି ଲମ୍ବା ଦିଅ ଫାଟକ ଆରପାଖ କାଠଯୋଡ଼ିର ବନ୍ଧ ଉପରକୁ ।

ମୁଁ ସେତେବେଳେ ଚକିତ ଆଉ ବିସ୍ମିତ ମନରେ ଚାଲୁଥାଏ ତା ସହିତ । ଅତୀତର ସେଇ ଟିକି ଭଉଣୀଟା କଥା ନାଚି ଯାଉଥିଲା ମୋରି ଆଖି ଆଗରେ । ଏଇ ପୁନେଇକୁ ଏମିତି ସନ୍ଧ୍ୟାରେ କେତେ ସେ ଅଝଟ ଲଗାଏ ବୋଉ ସାଙ୍ଗରେ । ଝୁଙ୍କିଧରେ ନୂଆ ଲୁଗା ପାଇଁ ନୂଆ ଜାମା ପାଇଁ । ଗାଁ'ର ଅନ୍ୟ-

ମାନଙ୍କ ସହିତ ତ ଆମେ ସରସା ହୋଇ ପାରୁ ନ ଥିଲୁ ? ତେଣୁ ତାଙ୍କ ଭଳି ଭଲ ଯାମା ପେଣ୍ଟ ଆଣିବାର ଆମର ଶକ୍ତି ନ ଥିଲା । ଯେଉଁ ମୋଟା ପାଞ୍ଚହାତ ତନ୍ତବୁଣା କାଛୁଆ ଖଣ୍ଡେ କିଣିଥାଏ ବୋଉ ତାର ପାଇଁ ତାକୁ ସେ ଫୋପାଡି ଦିଏ । ରୁଷେ । ପୂଜା କରେନାହିଁ । ତେଲ ସାବୁନ ପାଇଁ ଅଳି କରେ ।

ବୋଉ ତାକୁ ବୁଝାଏ । ସାନ୍ତ୍ୱନା ଦିଏ । ସେ କହେ— ମା ! ତୁ କାନ୍ଦନା । ଭଗବାନ ଆମକୁ ଗରିବ କରିଛନ୍ତି । ପଇସା କେଉଁଠୁ ପାଇବା ଭଲଲୁଗା କିଣିବା ପାଇଁ ? ଭାଇ ବଡ ହେଲେ ତୋ ପାଇଁ କେତେ ଜିନିଷ କିଣି ଆଣିବ । କେତେ ଭଲ ଲୁଗା କିଣି ଦେବ ତୁ ଆଉ କେଇଟା ବର୍ଷ ଅପେକ୍ଷା କର ମା । ଭଗବାନଙ୍କ ପାଖରେ ପ୍ରାର୍ଥନା କର । ସେ ତାକୁ ଶୀଘ୍ର ମଣିଷ କରନ୍ତୁ । ସେ ପାଠ ପଢି ମଣିଷ ହେଉ ।

ମୋର ମଙ୍ଗଳ କଥା ଶୁଣି ତାର କାନ୍ଦ ତାର ଟୁଙ୍କ ତାର ଅଝଟ ବନ୍ଦ ହୋଇଯାଏ । ମଝି ବାହାରେ ଚଉଁରା ମୂଳେ ଜଳନ୍ତା ଦୀପ ପାଖରେ ଗୋଡ ଯୋଡି ଠିଆହୋଇ ସେଇ ନାଲିଆ ପାଞ୍ଚି ଖଣ୍ଡି ପିନ୍ଧି ହାତ ଟେକେ ମୁଣ୍ଡ ଉପରକୁ ପୂରୁବ ଆକାଶର ପୁନେଇଁ ଜହ୍ନ ଆଡ଼େ ଚାହିଁ ।

ତାର ସେଇ ପିଲାଳିଆ ଅଝଟ ଗୁଡାକ ଗୋଟି ଗୋଟି ହୋଇ ମନେ ପଡି ଯାଉଥାଏ ମୋର । ସେ ଆଜି ଚାଲି ଯାଇଛି ବହୁ ଦୂରକୁ ! ତାର ଅଝଟ ଦେଖାଇବାକୁ ନାହିଁ କି ଟୁଙ୍କ ଶୁଣାଇବାକୁ ନାହିଁ । ମୋର ଶୁଭ ମନାସୀ ଏଇ ପୁନେଇ ଜହ୍ନ ଆଡେ ହାତ ଟେକିବାକୁ ନଜର ହୋଇ କେହି ନାହିଁ । ମନ ଦୁଃଖରେ ବିଦୀର୍ଣ୍ଣ ହୋଇ ଯାଉ ଥାଏ । ହୃଦୟରୁ କୋହ ଉଠୁଥାଏ ।

ମୁଁ ମୀରବରେ ଗୁହ୍ନୁଥାଏ ତାର କଥାକୁ କାନ ନ ଦେଇ ତାର ଆଡ଼କୁ ନ ଗୁହିଁ ।

ମୋର ଏ ଅବସ୍ଥା ଦେଖି ବିଚଳିତ ହୋଇଗଲା ଏବଂ ଜୋରରେ ହଲାଇ ଦେଇ ଅଷ୍ପଷ୍ଟ ସ୍ୱରରେ କହି ଉଠିଲା—

ଏ କ'ଣ ?

ପ୍ରକୃତିସ୍ଥ ହୋଇ ତା ପାଖରୁ ଦୂରେଇ ଠିଆ ହେଲି ।

"ତୁ ଏମିତି କାହିଁକି ହେଉଛୁ ? ମତେ କିଛି କହୁନୁ ନାହିଁ ? ମୁଁ କ'ଣ ତୋ ପ୍ରତି କିଛି ଅନ୍ୟାୟ କରିଛି ? ହଁ ତୋର ମୁଁ କେହି ନୁହେଁ । ତୋର ସମ୍ପର୍କୀୟ ବି ନୁହେଁ । ସେଇଥି ପାଇଁ ମୋ ଠାରୁ ଦୂରେଇ ଯାଉଛୁ ତୁ । ହଉ ! ତୁ ଯାଅ । ମୋଠାରୁ ଯଦି ତୁ ଦୂରରେ ରହି ଖୁସୀ ହେବୁ ତାହାହେଲେ ମୋ ପାଖକୁ ତୋର ଆସିବା ଦରକାର ନାହିଁ । ମୁଁ ଯଦି ତତେ ନିଜର ବୋଲି ଭାବୁ ଥିବି ଏବଂ ତୋର ମଙ୍ଗଳ ହୃଦୟ ଖୋଲି ଗୁହୁଁଥିବି ତାହା ହେଲେ ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛି—ସେ ତତେ ବଡ଼ଲୋକ କରିବେ । ତତେ ସୁଖୀ କରିବେ । ମୁଁ ତୋର ଶୁଭ ଖବରକୁ ଚାହିଁ ରହିଥିବି ଭିଜା ଆଖିରେ ।"

ତୁ ମୋ ପାଖରୁ ଚାଲିଯାଅ—ଦୂରେଇ ଯାଅ—ସୁଖୀ ହୁଅ । ଶାନ୍ତିରେ ରହ । ମୁଁ ହେୟ ମୁଁ ଘୃଣ୍ୟ—ଭଗବାନ ମତେ ବଡ଼ ଲୋକ କରିଛନ୍ତି—ମୁଁ ଅଭିଶପ୍ତ ।

ଏତିକି କହି ଆସିଲା ବେଳକୁ ଥରିଲା ହୃଦୟ ତାର ପଡ଼ି ଆସୁଥାଏ ଧୀରେ ଧୀରେ । ଆଖିର ଲୁହ ଜକେଇ ଆସୁଥାଏ ଅସ୍ତେ ଅସ୍ତେ ।

ସେ ବିଚଳିତ ହୋଇ ଉଠୁଥିଲା । ଭାଙ୍ଗି ପଡୁଥିଲା ମୋପାଇଁ ।

ଭୁଲି ଯାଇଥିଲି ଅତୀତର ଘଟଣା ଗୁଡାକୁ । ଦୂରେଇ ଯାଇଥିଲା ଟିକି ଭଉଣୀ ମୋର ଆଗରୁ । ଅଥୟ ହୋଇ ପଡ଼ିଥିଲି ମୁଁ ।

ତାର ପାଇଁ ଆଜି ମୁଁ ମଣିଷ । ତାର ଲାଗି ଆଜି ମୁଁ ଏ ଆଶ୍ରମରେ ପାଇଛି ସ୍ଥାନ । ପୁଣି ସେ ମୋର ମଙ୍ଗଳପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି । ମୋର ଭଲ ପାଇଁ ସବୁବେଳେ ଚିନ୍ତା କରୁଛି । ମୁଁ କିପରି ବଡ଼ ମଣିଷ ହେବି—ଦୁନିଆ ଆଗରେ ଜଣେ ମଣିଷ ପରି ମଣିଷ ହୋଇ ଛିଡ଼ା ହେବି ଏଇ କଥା ସେ ସବୁବେଳେ ଭାବୁଛି ! ମୋ ପାଇଁ ମୁଁ ଯେତିକି ଚିନ୍ତା କରୁନାହିଁ ସେ ମୋଠାରୁ ଅଧିକ ବେଶୀ ଚିନ୍ତା କରୁଛି । କାହିଁକି ? ତା ବଦଳରେ କ'ଣ ମୋର କିଛି କରିବାର ନାହିଁ ତା ପାଇଁ ?

ଏମିତି ଭାବୁ ଭାବୁ ଲାଗିଯାଇ ତାର ଅଡକୁ ଅଛାଳିଆ ସ୍ୱରରେ କହିଲି—ତୁ ହେଉଛୁ ବଡ଼ଲୋକର ଝିଅ ଆଉ ମୁଁ ଗୋଟାଏ ଗରିବ ଆଉ ସେଇ କାଙ୍ଗାଲ ବସ୍ତିର ଛତରା ବାଳକ । ତେଣୁ ମୋ ସହିତ ତୋର ଏମିତିକା ମିଳା ମିଶା ଠିକ୍ ନୁହେଁ । ଅନ୍ତତଃ ଗରିବ ଆଉ ବଡ ଲୋକଙ୍କ ଭିତରେ ଗୋଟାଏ କିଛି ବ୍ୟବଧାନ ରହିବା ଉଚିତ । ଭଗବାନ ମଧ୍ୟ ଏମିତିକା ତଫାତ୍ କେଉଁଦିନରୁ ରଖିଛନ୍ତି । ନୁହେଁ ?

ତୋର ସମ୍ମାନ ଆଉ ବାପାଙ୍କର ସମ୍ମାନକୁ ବଞ୍ଚାଇ ରଖିବା ପାଇଁ ମୁଁ ତୁମଠାରୁ ଦୂରେଇ ଯାଉଛି । ମୁଁ କାହାରିକୁ ଘୃଣା କରେନାହିଁ ଯଦିଓ ଅପର ଚକ୍ଷୁରେ ନିଜେ ଘୃଣ୍ୟ ଆଉ ହେୟ । ପୁଣି ତୋ ଭଳି ମାଲିକ ଆଉ ଶୁଭାକାଂକ୍ଷୀକୁ ମୁଁ ଯଦି ନିନ୍ଦା କରେ ତାହାହେଲେ ଚିରଦିନ କୃତଘ୍ନ ହୋଇ ଭଗବାନଙ୍କ ନିକଟରେ ଅଭିଶପ୍ତ ହୋଇ ରହିବି ।

ସେ ତାର ସ୍ୱର ବଦଳାଇ ମୋର ଉପରେ ଅଭିମାନରେ

ମୁହଁ ଛୁଆଁଇ ପୁଣି କହି ଉଠିଲି—ବେଶ୍ ଭଲ ଯୁକ୍ତି । ଆଶ୍ରମରେ ରହି କ'ଣ ଏଇ ଶିକ୍ଷା ଲାଭ କରୁଛୁ ?

ନା ଏହା ଶିକ୍ଷା ନୁହେଁ । ପ୍ରକୃତ ହୃଦୟର ବେଦନା ମୋର । ଏବେ ବି ବୋଉ ଚମାର ସେଇ ଛତର ଅଭ୍ ମାଗିଖିଆଙ୍କ ବସ୍ତିରେ ରହି ପେଟ ପୋଷୁଛି ଭୋକ ଉପାସରେ ।

ସେ ଅଧିକ ଦୁଃଖରେ ଭାଙ୍ଗି ପଡ଼ିଲା । ମୋର ଅଡ଼କୁ ଗୁହିଁ ରହି କହିଲା—"ତୁ ଏ ସବୁ କ'ଣ କହି ଯାଉଛୁ ? ଗରିବ ଅଭ୍ ଧନୀ କ'ଣ ଭଗବାନ ତିଆରି କରିଥାନ୍ତି ? ମଣିଷ ତାର ବୁଦ୍ଧି ବଳରେ ହୋଇଥାଏ । କର୍ମର ଫଳ ସେ ପାଇଥାଏ । ଜନମ ହେଲାବେଳେ ଭଗବାନ କାହାର ହାତରେ ଲକ୍ଷ ଲକ୍ଷ ଟଙ୍କା ଗୁଞ୍ଜି ଦେଇ ନ ଥାନ୍ତି । କିମ୍ବା ମରିଗଲା ବେଳେ ତାକୁ ଟିକିଏ ସହାନୁଭୂତି ଦେଖାନ୍ତି ନାହିଁ । ସେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି । ତୁ ସବୁବେଳେ ଏଲ ବଡ଼ଲୋକ ଦାୟିକା ଦେଇ ମୋଠାରୁ ତାହାଁଙ୍କ ଦୂରେଇ ଯାଉଛୁ ?

ତୁ ମଣିଷର ହୃଦୟକୁ ନ ଚିହ୍ନି ତାର ଗୃହକର୍ତ୍ତବ୍ୟତା ଉପରେ ତାହାଁଙ୍କ ଏତେ ଅଭିମାନ ଦେଖାଉଛୁ ? ଟଙ୍କା ଅମର ଅଛି ବୋଲି କ'ଣ ହୃଦୟ ମୋର ନାହିଁ ? ତାହାଁ ମୁଁ ତ କେବେ ତୋ ପାଖରେ ବଡ଼ଲୋକର ମନୋଭାବ ଦିନେ ହେଲେ ଦେଖାଇ ନାହିଁ କିମ୍ବା ତାର କଳ୍ପନା ସୁଦ୍ଧା ଦିନେ ହେଲେ କରିନାହିଁ । ତୁ ଅଯଥାରେ ତାହାଁଙ୍କ ମୋ ଉପରେ ଏମିତି ଦୋଷ ଗୁଡାକ ଲଦି ଦେଉଛୁ ? ମତେ ଯଦି ତୁ ନିଜର ଭାବି ସ୍ନେହ ଶ୍ରଦ୍ଧା କରୁଥାନ୍ତୁ ତାହାହେଲେ ହୁଏତ ମୋ ପ୍ରତି ଏମିତି ବ୍ୟବହାର କରି ନ ଥାନ୍ତୁ । ମୁଁ ପରା ତୋର ନିଜର କେହି ନୁହେଁ । ହଉ ! ରାତି ହେଲାଣି କେତେ । ତୁ ଏବେ ଯାଅ ।

ଦୂରରୁ ଦେବ ମନ୍ଦିରରୁ ଘଣ୍ଟା ଅଳଙ୍କାର ଶବ୍ଦ କଂପି ଉଠୁଥାଏ । ଅଶ୍ରମ ଛାତ୍ରାବାସ ଭିତରୁ ପ୍ରାର୍ଥନାର ସ୍ୱର ଭାସି ଅସୁଥାଏ ଧୀରେ ଧୀରେ ।

ତାର ମନରେ ଦୁଃଖ ଆଉ ହୃଦୟରେ କଷ୍ଟ ଭରି ଯାଇଥିଲା । ଛୋଟିଆ ଛୋଟିଆ ଘଟଣା ଉପରେ ଅଭିମାନ କରି ଆଡ଼ବୁଲା ଦେବା ଅଭ୍ୟାସଟା ରହି ଆସିଥିଲା ତାର ପିଲାଦିନରୁ । ସେଇ ପିଲାଳିଆ ସ୍ୱଭାବର ଅଭିମାନ ଭରା ଛଳ ଛଳ ଆଖିରେ ବିଦାୟ ନେଇ ଫେରୁଥିବା ବେଳେ ମୋଠାରୁ ତୋଳା ଧରିଥିଲି ଲାଜକୋଳିଲତା ସମ ତାର ହାଉଁଲା ଦେହଟାକୁ । ସେ ଆହୁରି ହାଉଁଲି ପଡ଼ିଥିଲା ଏବଂ ଲୋଟଣୀ ପାରା ପରି ଲୋଟି ଯାଇଥିଲା ମୋର ଉପରେ । ଅବଶ ଦେହଟା ତାର ନଇଁ ପଡୁଥିଲା ମୋର ଉପରକୁ । କଂପି ଉଠୁଥିଲା ତାର ସୁକୋମଳ ଶରୀରଟା । ବଳହୀନ ହୋଇ ଭାଙ୍ଗି ପଡୁଥିଲା ତାର ପୁରିଲା ପୁରିଲା ଦେହଟା । ମନେ ହେଉଥିଲା ଯେମିତି ସେ ଗୋଟାଏ ନିଶାରେ ନିଜକୁ ହରାଇ ବସିଛି ।

ଛାତିଟା ମୋର ଥରି ଉଠୁଥାଏ । ତାର କୋମଳ ପରଶରେ ସାରା ଦେହଟା ମୋର ଝିମ୍ ଝିମ୍ ହୋଇ ଉଠୁଥାଏ ।

ମୁଁ ଥରିଲା ଥରିଲା ଗଳାରେ ତାକୁ ପଚାରିଥିଲି—"ତୁ କ'ଣ ମତେ ଛାଡ଼ି ଚାଲିଯିବୁ ?"

ନୁଆଁଣିଆ ମଥା ତଳୁ ଅସ୍ପଷ୍ଟ ସ୍ୱରରେ ବାହାରି ପଡ଼ିଥିଲା ଉତ୍ତର—ନା !

'ତାହାହେଲେ ତୁ ରାଗିଛୁ ?' ମୁଁ ପଚାରିଥିଲି ।

'ନା' ତ ।'

'ତାହାହେଲେ ?'

'ତୁ ଏମିତିକା କଥା ତୋ ମନରେ ଆଣି ମୋ ମନରେ ଆଉ ଦୁଃଖ ଦେବୁ ନାହିଁ ନା କହନି ।'

ନା ! ମୁଁ ଜୋର ଦେଇ କହିଲି ।

ତାର ହାତ ଦୁଇଟାକୁ ମୋର କାନ୍ଧ ଉପରେ ଭରା ଦେଇ ଧୀରେ ଧୀରେ ଚାହିଁ ରହିଲା ମୋର ଆଡେ । ମୁଁ ଦେଖୁଥିଲି ତାର କହରା ବାଳଗୁଡାକ ଝାଙ୍କି ହୋଇ ପଡ଼ିଥିଲା ସରମକୋଳା ମୁହଁ ଉପରକୁ । ଆଖିର କଜ୍ଜ୍ୱଳ ରେଖା ନଇଁ ପଡ଼ିଥିଲା । ଶାନ୍ତ ଆଉ ଧୀର ନାଲିଆ ଓଠ ଦୁଇଟା ତାର ବେଳେବେଳେ ଥର ଉଠୁଥିଲା ରହି ରହି । ସେତିକିବେଳେ ସନ୍ଧ୍ୟାର କାଳି ଅନ୍ଧାର ଥିର ଥିର ଘନେଇ ଆସୁଥାଏ । ତାରି ଭସାଣିଆ ଆଖିର ନୁଆଣିଆ ପତା ଉପରକୁ ଆଉଜି ପଡ଼ିଥିଲା ମୋରି ଅମାନିଆ ବ୍ୟଥାଭରା ଥରିଲା ଓଠ ଦୁଇଟି । ଭୋକିଲା ଆଖିର ଝାଉଁଳା ପତା ଦୁଇଟା ତାର ପୁଣି ଥରେ ଖୋଲା ହୋଇ ଠେକି ହୋଇଥିଲା ମୋଟିଆଡେ ।

ଏଇ ସୁଖ ଦୁଃଖ ଭରା ରହସ୍ୟମୟ ଦୁନିଆ ଭିତରେ ଆମେ ଦୁଇଜଣ ପରସ୍ପର ସ୍ନେହ, ମମତା ଆଉ ନିଖୁଣ ଓ ଅନାବିଳ ପ୍ରେମରେ ବାନ୍ଧି ହୋଇ ପଡ଼ିଥିଲୁ । ପରସ୍ପର ପରସ୍ପରର ମଙ୍ଗଳ କାମନା କରିବା ଶୁଭ ମନାସିବା ଆଉ ଭଲ କାମ ପାଇଁ ଶପଥ କରି ଦୁନିଆରେ ଆଗେଇ ଚାଲିବା ଏଇଥିଲା ଆମ ଜୀବନର ଲକ୍ଷ୍ୟ ।

କାହାର ମନରେ ଦୁଃଖ ନଦେଇ କାନ୍ଧକୁ କାନ୍ଧ ମିଶାଇ ପାଦକୁ ଯୋଡି ଆଗକୁ ପକାଉଥିଲୁ ଆମେ ଦୁଇଜଣ । କେତେ କଳ୍ପନା କରୁଥିଲୁ ବସି । କେତେ ଭବିଷ୍ୟତର ପାଞ୍ଚ କରୁଥିଲୁ ଆମେ ।

ଆଜି ଅପରେ ସନ୍ଧ୍ୟାରେ । ଚକୁଆ ଚକୋଇ ଦୁଇଟି ବ୍ୟଥା ଭରା ହୃଦୟରେ ପରସ୍ପରକୁ ବିଦାୟ ଦେଇ ଉଡ଼ି ଯାଉଥିଲେ ବିପରୀତ ଦିଗକୁ । ଉପରେ ଥିଲା ଧୂସରିଆ ଆକାଶ । ମେଘ ଖଣ୍ଡ ଖଣ୍ଡ ହୋଇ ଭାସି ଚାଲୁଥିଲେ ସେଇ ଫିକାଳିଆ ଆକାଶରେ । ଦୂର ପାହାଡ ଉପରୁ ଭାସି ଆସୁଥିଲା ସୁଲୁସୁଲିଆ ପବନ । ଆଉ ପାଖ ଦେଇ ବୋହି ଯାଉଥିଲା କାଠଯୋଡୀର କୁଳୁ କୁଳୁ ସ୍ୱନ । ବିଜୁଳି ଖୁଣ୍ଟର ଆଲୁଅ ଗୁଡାକ ସେତେବେଳେ ଜଳି ଉଠୁଥିଲା ଦପ୍ କରି । ନଈ ଆରପାଖ ରେଳ ଷ୍ଟେସନରୁ ଗାଡି ଧୂଆଁ ଛାଡ଼ି ମାଡ଼ି ଆସୁଥିଲା ଭୀଷଣ ଗର୍ଜନକରି ।

ସେତେବେଳେ ସେ ଧୀରେ ଧୀରେ ଲାଗି ଆସୁଥିଲା ମୋର ଆଡକୁ । ମୋର କାନ୍ଧ ଉପରେ ହାତ ରଖି ମୁହଁ ପାଖରେ ମୁହଁ ଯୋଡି କହି ଯାଉଥିଲା ସେ କେତେ କଥା । ମୁଁ ତାର କଥାରେ ବାଧା ନଦେଇ ଖାଲି କଅଁଳା ଛୁଆଙ୍କ ପରି ପ୍ରତ୍ୟେକ କଥାରେ ହଁ ଭରି ଯାଉଥାଏଁ ।

ସେ କାନ ପାଖରେ ମୁହଁ ଦେଇ କହୁଥିଲା—"ମୋର ଇଚ୍ଛା ତୁ ଏ ଆଶ୍ରମରେ ଶିକ୍ଷା ଶେଷ କରି ନିଜ ଜୀବନକୁ ଲୋକଙ୍କର ମଙ୍ଗଳ ସାଧନାରେ ଲଗାଇବୁ । ମଫସଲ ଆଉ ଗାଁ ଗହଳରେ ଘୂରି ବୁଲି ସେଇମାନଙ୍କ ଜୀବନକୁ ଉନ୍ନତ କରିବା ପାଇଁ ଗଠନ ମୂଳକ କାର୍ଯ୍ୟରେ ତୁ ଯଦି ନିଜର ଜୀବନକୁ ହସି ହସି ଉତ୍ସର୍ଗ କରିଦେବୁ ତାହାହେଲେ ଦୁନିଆଁରେ ଜଣେ ବଡଲୋକ ହୋଇ ପାରିବୁ । ସମାଜରେ ଯେତେ କୁସଂସ୍କାର ଆଉ ଅବଲତା ପୁରି

ରହିଛନ୍ତି ତୁ ସେସବୁଙ୍କ ଜଠାଇବା ପାଇଁ ଲଢ଼େଇ କରି ପାରିବୁ ? ତାହାହେଲେ ଜୀବନର ସାର୍ଥକତା ଆଉ ପୂର୍ଣ୍ଣତା ତୁ ଅର୍ଜନ କରି ପାରିବୁ ।

ଭଗବାନ ମଣିଷକୁ ଶ୍ରେଷ୍ଠ ଓ ବୁଦ୍ଧିଆ କରି ତାଙ୍କର ପ୍ରାଣୀ ଜଗତରେ ଗଢିଛନ୍ତି । ତୁ କଣ ସେଇ ମାନବ ଜାତିର କଲ୍ୟାଣ ପାଇଁ ତୋର ସାରା ଜୀବନ ବିତାଇ ଦେଇ ପାରିବୁ ନାହିଁ ? ଆଉ ଭଗବାନଙ୍କ କୃତ ପ୍ରତ୍ୟେକ ପ୍ରାଣୀକୁ ତୁ ଯଦି ହସି ହସି ପ୍ରେମ କରି ପାରିବୁ ତାହା ହେଲେ ମୋର କଳ୍ପନା ପୂର୍ଣ୍ଣ ହେବ କାମନା ମୋର ମେଣ୍ଟିବ ଏବଂ ସାଧନା ମୋର ପୂରଣ ହେବ । ମୁଁ ହେବି ଦୁନିଆରେ ସୁଖୀ ଆଉ ଖୁସି । କରି ପାରିବୁ ନାହିଁ ତୁ ? ଏତକ କହି ସାରିଲା ବେଳକୁ ସେ ଧୀରେ ଧୀରେ ଅଉଜି ପଡ଼ୁଥିଲା ମୋର ପିଠି ଉପରକୁ ।

ହଁ ! ମୁଁ ପାରିବି । କାହିଁକି ନ ପାରିବି ? କୃତଜ୍ଞତା ଦୃଷ୍ଟିରେ ଚୁହିଁ ରହି ପିଲାଳିଆ କଣ୍ଠରେ ତାକୁ ଜବାବ ଦେଇ ଥିଲି । ସେ ଖୁସିହୋଇ ଅତୁର ଲାଗି ଆସିଲା ମୋର ଥରିଲା ଦେହ ଉପରକୁ । ଆନନ୍ଦର ଅଶ୍ରୁ ସେତେବେଳେ ଗଡି ପଡୁଥିଲା ତାର ଆଖି ଦୁଇଟିରୁ । କେତେ ସେ ଖୁସି ହେଉଥିଲା ଆନନ୍ଦ ବି ହେଉଥିଲା ।

ପୁଣି ଥରେ ତାକୁ ନରମ ସ୍ୱରରେ କହିଥିଲି—ତୋର ମୁହଁରେ ହସ ତୋର ମନରେ ଆନନ୍ଦ ଦେବାପାଇଁ ମୁଁ ସବୁକିଛି କରି ପାରିବି ।

ଅଉଥରେ ସେ ମୁଣ୍ଡ •ଟେକି ମତେ ଅଶ୍ୱାସନା ଦେଇ କହିଥିଲା—"ଏ ସବୁକରିବା ପାଇଁ ତତେ ଏକୁଟିଆ ଛାଡ଼ିଦେବି ନାହିଁ । ମୁଁ ତୋ ସହିତ କାନ୍ଧକୁ କାନ୍ଧ ମିଳାଇ ମନକୁ ମନ

ଲଗାଇ ଆଉ ତୋର ଆତ୍ମା ସହିତ ଆତ୍ମାକୁ ମିଳେଇ ଦେଇ ବାହାର ପଡ଼ିବ ଦୁଃଖ କଷ୍ଟ ରୋଗ ଭୋଗ ଭରା ଦୁନିଆର ଅନ୍ଧ କନ୍ଦ ଭିତରକୁ ।"

ଏଇ କଥା ଶୁଣିବା ପାଇଁ ସାକ୍ଷୀ ଥିଲେ ଉପରେ ଖୋଲା ଆକା-ଶର ଦ୍ୱିତୀୟା ତିଥିର ଖଣ୍ଡିଆ ଚନ୍ଦ୍ର ଆଉ ଇତିହାସ ବର୍ଣ୍ଣିତ ପୁରୁଣା ଯୁଗର ମୂକସାକ୍ଷୀ ସେଇ ଅତୁଟା ପଥର ବନ୍ଧ ।

ଆଉ ମୁଁ ତାର ଏ ଅନାବିଲ ପ୍ରେମ ଆଉ ସ୍ୱାର୍ଥହୀନ ତ୍ୟାଗରେ ଜଡ଼ ପଥର ଏବଂ ବଧିର ପାଲଟି ଯାଇଥିଲି ଠିକ୍ ଗାଁମୁଣ୍ଡ ବରଗଛ ମୂଳ ଭଙ୍ଗାରୁଜା ମନ୍ଦିରର ଖଣ୍ଡିଆ ମୂର୍ତ୍ତିପରି ।

ଚାରି ମାସକ ପରେ । ବୋଉ ପାଖକୁ କିଛିଦିନ ପାଇଁ ଆଶ୍ରମରୁ ଫେରିଥିଲି । ସେଇ କାଙ୍ଗାଳ ବସ୍ତି । ଦୁଇବର୍ଷ ତଳେ ବଢ଼ି ସମୟରେ ଭୋଟ 'ପୂର୍ବରୁ ତିଆରି ହୋଇଥିଲା ଘର ଗୁଡ଼ାକ । ପର ଦାନ ଉପରେ ସେତେବେଳେ ତିଆରି ହୋଇ ଥିଲା ଏ ବସ୍ତି । ଭୋଟ ସରିଲା ପରେ ଆଉ କେହି ପଚାରନ୍ତି ନାହିଁ କି ଏଇ ଗରିବଙ୍କର ଡାକ ଶୁଣନ୍ତି ନାହିଁ—ଠେଙ୍ଗା ଗୁଞ୍ଜନ୍ତି ନାହିଁ କି ଘରବାଡ଼ି ଯାଚନ୍ତି ନାହିଁ । ସେ ପୁଣି ଖଟିଖାଏ । ଭୋକରେ ମରେ ।

ସେଇ ଘର କେଇଟା ଦୁଇ ପାଖରେ ଧାଡ଼ି ଧାଡ଼ି ହୋଇ ତିଆରି ହୋଇଛି ଏବଂ ମଝିରେ ଗୋଟାଏ ବଡ଼ ରାସ୍ତା ପଡ଼ିଛି ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ । ଛପର ନ ହୋଇ ଖରାବର୍ଷା ଖାଇ ନଇଁ ଆସିଥାଏ ସେଇଥିରୁ କେଇଟା ଘର ।। ଦିନ ସାରା ପର ଦୁଆରେ ଖଟି ଖଟି ତ ପେଟ ପୁରେ ନାହିଁ ? ଆଉ କୁଟା ଛଣ ଆଣି ଘର ଛପର କରିବେ କେଉଁଠୁ ? ସେଥିପାଇଁ ଘରର କୁଳ ଭୁଆସୁଣୀଠାରୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ କାହୁଅ

ବଲରେ ଖରାବର୍ଷା ସହି ପର ଦୁଆରେ ମୂଲ ଲାଗ ହାତ ପତେଇ ଥାନ୍ତି ଗଣ୍ଡେ ଖାଇବା ପାଇଁ କେବଳ ।

ଯିଏ ବା କେତେଜଣ ଗୁଣ୍ଡୁଚିମୂଷା ପରି ଏଠୁ ସେଠୁ ଖୁଣ୍ଟି ଆଣି ବା କାହାଠାରୁ ମାଗି ଆଣି ଚାଳଉପରେ ପକାଇଥାନ୍ତି ଛଣ କେସାଏ ଲେଖାଏଁ ତାକୁ ବି ଦଗାଦିଆ ପବନ ଆସି ଉଡ଼ାଇ ନେଇଯାଏ କେଉଁ ଦୂର ପାହାଡ଼ ପର୍ବତ ଉପରକୁ । ସେଇ ଦରଛିଆ ଘର ଭିତରେ ହାଡଭଗା ଗରିବ ଗୁଡାକ ଖରା ବର୍ଷା ଆଉ ଶୀତରେ ପଡ଼ିଥାନ୍ତି ନିଜ ଭାଗ୍ୟକୁ ଆଦରି ।

ରାସ୍ତା ଉପରକୁ ଖେଳନ୍ତି ପିଲା ଧୂଳିରେ ଧାଣ୍ଟି ହୋଇ ଆଉ କାଦୁଅ ଗୋବରରେ ନେସି ହୋଇ । ଦେହରେ ନଥାଏ ଖଣ୍ଡେ ଢାଙ୍କି ହେବା କନା । ଛିଡ଼ା ଲେଙ୍କଡ଼ା ଖଣ୍ଡେ ଲେଖାଏଁ ପିନ୍ଧି ବାଳ ଫୁରୁ ଫୁରୁ କରି ଆଉ ଦରପୁରା ପେଟ ଧରି ଖେଳନ୍ତି ଗୁଲି ଡୁ ଡୁ, ବୋହୂଚୋରି ଏମିତି କେତେ ।

ଇସ୍ ! କି କଦର୍ଜିଆ ବସ୍ତି ? କି ଅପର୍ଚ୍ଛନିଆ ଘର । ମଇଳା ଗୁଡ଼ା ଜମା ହୋଇଥାଏ ଗଦା ଗଦା ହୋଇ । ପଚା ଗନ୍ଧରେ ନାକ ଫାଟି ପଡୁଥାଏ । ପୁଣି ଦରମଲା ମେଢଙ୍ଗା କୁକୁର ଗୁଡ଼ାଙ୍କର ଅଡ଼ା ସେଇଠି । ପଚା କୁଢ଼ାକୁ ଖୋଲାଇ ଖାଉଥାନ୍ତି । କୁଆ ଗୁଡ଼ା ଅଣ୍ଟରେ ଖୁମ୍ପି ତାକୁ ଛିଣ୍ଡାଉଥାନ୍ତି ଏଣେ ତେଣେ । ପାଣି ସବୁ ଠାଏ ଠାଏ ଜମି ସେଥିରୁ ଦୁର୍ଗନ୍ଧ ବାହାରୁଥାଏ । ନାଳ ବନ୍ଦି ବନ୍ଦି ହୋଇ ଭାସୁଥାଏ । ତାରି ଭିତରେ ପୁଣି ଛିଡ଼ାଲେଙ୍କଡ଼ା କନା ଆଉ ଖଣ୍ଡିଆ ମସିଣା ଗୁଡାକ ଏଣେ ତେଣେ ବିଞ୍ଚି ହୋଇ ପଡ଼ିଥାଏ ।

କେଇ ସଫା କରନ୍ତି ନାହିଁ କି କେହି ତାର ଯତ୍ନ ନିଅନ୍ତି ନାହିଁ । ଯେ ଯାହାର ପେଟ ଚାଖଣ୍ଡକ ପାଇଁ ଧାଉଁଥାନ୍ତି ସକାଳୁ ସଞ୍ଜ

ପର୍ଯ୍ୟନ୍ତ । ରାତ ନ ପାହୁଣୁ ଉଠି ଯାଆନ୍ତି ଏବଂ ପୁଣି ଘଡ଼ଏ ରାତ ହେଲେ ଫେରନ୍ତି ନିଜ କୁଡ଼ିଆ ଭିତରକୁ । ପଇସା ବି ନଥାଏ ସଫା ସୁତୁରା କରିବା ପାଇଁ ।

ଦିନ ସାରା ଖଟି ଖଟି ଆସି ରାତିରେ ଏକାଦଶ ମଥୁରାମଙ୍ଗଳ କୋଉଲି ମାଳକା ଆଦି ବହି ଖଣ୍ଡିଏ ଲେଖାଏଁ ଧରି ବସି ପଢ଼ନ୍ତି । ଆଉ କେଣିଆ ଟୋକା କେଇଟା ମାଦ୍ଦଳ ଢୋଲକ ଧରି ବଜାନ୍ତି ଗୀତ ଗାଆନ୍ତି ଏବଂ କେତେ ଭଙ୍ଗିରେ ନାଚନ୍ତି । ସେଇଥିରେ ସେ ପାଆନ୍ତି ଆନନ୍ଦ ଏବଂ ହୁଅନ୍ତି ଖୁସି । ସିନେମା ଥିଏଟର ଦେଖିବାକୁ ତ ସେମାନେ ପଇସାଟିଏ ପାଆନ୍ତି ନାହିଁ । ଏଇଥିରେ ନିଜର କର୍ମମୟ ଜୀବନର ଅବସର ସମୟ ଗୁଡ଼ାକୁ କଟାଇ ଦିଅନ୍ତି ଆନନ୍ଦ ଉପଭୋଗ କରି ।

ମୁଁ ଫେରିଲି ଆଧୁନିକ ଧରଣର ସରଞ୍ଜାମ ଖଞ୍ଜା ଗୃହଚକ୍ୟ ମୟ ସହର ଭିତରୁ ଆବର୍ଜନା ପୂର୍ଣ୍ଣ ଛତର ବସ୍ତିର ସ୍ନେହମୟୀ ମା'ଅର ଶାନ୍ତିମୟ କୋଳ ଭିତରକୁ । କେତେ ଖୁସି ହେଲି ମତେ ଦେଖି । କେତେ ଆନନ୍ଦ ପାଇଲି ମତେ ତା ଦୁଃଖ-ହିଗ କୋଳକୁ ଟାଣି ନେଇ । ଭବିଷ୍ୟତ ଆଶାର ସୌଧ ଗଢ଼ି ବସିଲି ମନ ଭିତରେ ତାର କେତେ କଳ୍ପନା କରି ।

ସେ ଏମିତ କେତେ କଳ୍ପନା କରେ ଏବଂ ନି'ତ ନି'ତ କେତେ ନୂଆ ସ୍ୱପ୍ନ ଦେଖେ । ଫେରି କେଉଁ ଆଶଙ୍କାରେ ମନ ତାର ବିଶେଇ ଉଠେ । ମରିଯାଏ ଛାଏଁ ଛାଏଁ ସବୁ ସ୍ୱପ୍ନ । ଉଭେଇଯାଏ ସବୁ ଆଶା ।

ସେ ମୁହଁ ଛୁଆଁଉଡେ । ବିରକ୍ତ ହୋଇ ଉଠେ । ଅନୁତାପ କରେ । ଅଭିମାନ କରେ—ସେ ଗରିବ, ଦୁଃଖୀ ହେୟ, ଘୃଣ୍ୟ ଆଉ ଅଭିଶପ୍ତ । ତା' ଜୀବନରେ ପୁଣି ଏତେ ସୁଖ ଏତେ

ଅନନ୍ଦ କେଉଁଠୁ ଆସିବ ? ବାମନ ହୋଇ କାହିଁକି ସେ ଚନ୍ଦ୍ରମା ହାତ ବଢାଇବ ? ଏତେ କଳ୍ପନା କରିବା ଏତେ ଆଶା ବାନ୍ଧିବା ଏତେ ପାଞ୍ଚିବ ପାଇଁବା ତାର ଭୁଲ ।

ଫେର ଗୃହିଁଲା ମତେ ସେ—ପୁଣି ତାର ସେଇ ଭାବନା । ସେଇ କଳ୍ପନା । 'ଭଗବାନ ଦୁଃଖ ପରେ ସୁଖ ନିଶ୍ଚୟ ଦିଅନ୍ତି ।' କେହି କେବେ ଖାଲି ଦୁଃଖଭୋଗ କରି ନାହିଁ କମ୍ବା କାହାରି କପାଳରେ ସୁଖ ଅନବରତ ନଥାଏ । ନିଶ୍ଚୟ ଦିନେ ତାର ଆଶା ପୂରଣ ହେବ ଆଉ ମରୁମରିଚୀକାରୁ ପାଣି ସେ ଖୋଜି ପାଇବ ।

ମୁଁ ମଣିଷ ହେବା । ତାର ଦୁଃଖ ଯିବ । ଆଖିର ଲୁହ ଶୁଖିବ । ମୁହଁରେ ହସ ଖେଳିବ । ଜୀବନର ବାସନା କାମନା ଆଉ ସାଧନା ତାର ପୂରଣ ହେବ । ଭଗବାନଙ୍କ ପାଖରେ କୃତଜ୍ଞତା ଜଣାଇବ । ସବୁ ବ୍ରତ ତାର ପୂରଣ ହେବ ସେଇଦିନ । ଦୁନିଆରେ ସବୁ ବନ୍ଧିତ୍ୱ ତାର ସରିଯିବ । ସେ ମାରିବ ନିଶ୍ୱାସ । ପାଇବ ମୁକ୍ତି ।

ପୁଣି ତାର ଚେତନା ଭାଙ୍ଗିଗଲା । ଭୟହେଲା ମନରେ । ଯେ ଚିରଦିନ ଅଭିଶପ୍ତ ସେ ସୁଖୀ ହେବ କୁଆଡୁ । ଭାଗ୍ୟ ପରିବର୍ତ୍ତନ ହେବ ତାର କିମିତି ? ଯେ ଛତରର କାଙ୍ଗାଳ ସେ ଚୀର ଦିନ ସେଇଆ । ତାର ଆଖିର ଲୁହ ଶୁଖିବ ନାହିଁ କି କପାଳର ଦୁଃଖ ଲିଭିବ ନାହିଁ ।

ମୁହଁ ଟେକିଲା ମୋର ଆଡେ । ଲମ୍ବା ନିଶ୍ୱାସଟା ଫେ କରି ବାହାରି ପଡିଲା ତାର ଦରବୁଢା ପାଟି ଭିତରୁ । ମୋର ନୁଖୁରା ବାଳ ଭିତରେ ହାତ ପୁରାଇ ଆଉଁସି ଦେଇ ଦେଇ କେତେକଥା କହି ଯାଉଥିଲା ସେ । ମୁଁ ଗୋଟିଏ ବିଶ୍ୱସ୍ତ ଶିଶୁପରି ତାରି ସବୁ କଥାରେ ହଁ ଭରି ଯାଉଥାଏ । ଜିଜ୍ଞାସୁ ନୟନରେ ଗୃହିଁ

ରହି ଶୁଣୁଥିଲି ତାରି କଥା ଗୁଡ଼ାକୁ । ସେ କହୁଥିଲା ମତେ—ତୁ ମନ ଦେଇ ପାଠ ପଢ଼ । ଭଲ ମଣିଷ ହେବା ପାଇଁ ବାପ ଚେଷ୍ଟା କର ! ଆମେ ଗରିବ ଆଉ ଦୁଃଖୀ । ମଲାମୁଣ୍ଡିଆ ଆଉ ଫଟା କପାଳିଆ । ସବୁଦିନ ଏମିତି ପରହାତ ଟେକା ହୋଇ ରହିବା ଖପ ? କାହାରି ସହିତ କଳିଗୋଳ ନକରି ସମସ୍ତଙ୍କ ସହିତ ମିଳିମିଶି ଚଳିଯିବା ଦୁନିଆଁରେ । ସବୁବେଳେ ନିର୍ଭିକ ଭାବରେ ସତକଥା କହି ଭଗବାନଙ୍କର ଆଶ୍ରା ନେବାଛଡ଼ା ଆମର ଆଉ ଦୁନିଆରେ ସାହା କ'ଣ ଅଛି ? ଆମେ ନ୍ୟାୟ ଆଉ ଧର୍ମ ଉପାୟରେ ଗଢ଼ କରିବାକୁ ମୂଳ କରିବା ।

ଆମେ ଦୁଃଖୀ । କୁଳି ମୋଟିଆ । ତୁ ବଡ଼ ଲୋକଙ୍କ ସାଥିରେ ସରିସା ହେବାକୁ ଚେଷ୍ଟା କରିବୁ ନାହିଁ । ତାଙ୍କରି କଥାରେ ବିଶ୍ୱାସ କରି ତୋର ରାସ୍ତାରୁ ଗୋଡ଼ ଖସେଇବୁ ନାହିଁ । ଦୁନିଆର ଲୋକଙ୍କୁ ଚିହ୍ନିବା କଷ୍ଟକର । କେତେ ଆଶା ଦେଖାଇ, କେତେ ମୋହ ଦେଖାଇ, କେତେ ଲୋଭ ଦେଖାଇ ତୋର ଚଲା ବାଟରୁ ଖସାଇ ଦେବେ । ନିଜ ସ୍ୱାର୍ଥ ହାସଲ ପରେ ସେଇମାନେ ଖସିଯିବେ—ତୋରି ପାଖରୁ.

ବେଇମାନୀ ଆଉ ଧୋକାବାଜି ଠାରୁ ଦୂରରେ ରହିବୁ ବାପ । ମଣିଷକୁ ଦୁଃଖ ଦିଏ ଧୋକାବାଜି । ତୁ କାହାରି ମନରେ ଦୁଃଖ କଷ୍ଟ ଦେବୁନାହିଁ । ତୋ ମନରେ ଯଦି କେହି କଷ୍ଟଦିଏ ତାହା ହେଲେ ତୁ ସେଥିରେ ଖୁସୀ ହେବା ପାଇଁ ଚେଷ୍ଟା କରିବୁ ।

ବାପରେ—ଯଦି ଗୋଟିଏ କଥାକୁ କରିପାରିବୁ ତାହାହେଲେ ଦୁନିଆରେ ତୁ ସୁଖୀ ହୋଇ ପାରିବୁ ।

ପ୍ରତିଦାନର ଆଶା ନ ରଖି ପରର ମଙ୍ଗଳ ପାଇଁ ତୁ ହସି ହସି

ନିଷ୍କପଟ ଭାବରେ କିଛି ତ୍ୟାଗ କରି ପାରିବୁ ? ତୋର ମୁକ୍ତି ହେବ । ଜୀବନରେ ଶାନ୍ତି ପାଇବୁ ।

ଏମିତି କେତେ କଥା ଅଣନିଶ୍ୱାସୀ ହୋଇ କହି ଯାଉଥିଲା ମୋର କାନ ପାଖରେ । ପ୍ରତିବାଦ କରିବାର ନଥିଲା ମୋର ଶକ୍ତି । ଅବମାନନା କରିବାର ନଥିଲା ମଧ୍ୟ କିଛି । ତାର କଥା ଗୁଡ଼ାକ ଯେ ଖାଲି ମୁଣ୍ଡ ପାତି ମାନି ନେଉଥିଲି ତାହା ନହେ ଜୀବନରେ ତାକୁ ବ୍ରତ ମଧ୍ୟ କରିଥିଲି ।

ଦଶ ଦିନ ପରେ—ଫେରିଲି ପୁଣି ସେଇ ଆଶ୍ରମ ଭିତରକୁ । ମୁଣ୍ଡ ଭିତରେ ମୋର ଖେଳୁଥାଏ ଦୁଇଟି କଥା । ଗୋଟାଏ ପାଖରେ ବୋଉର ସେଇ ନୀତିଶିକ୍ଷା ଗୁଡ଼ାକ ଏବଂ ଅନ୍ୟ ପାଖରେ ଜମିଦାର ଘର ଝିଅର ଭବିଷ୍ୟତ କଳ୍ପନା । ଏମିତି ଦୁଇଟି ଯାକ ମୁଣ୍ଡ ଭିତରେ ଉଙ୍କି ମାରୁଥାଏ ।

ଥରେ ଗୋଟିଏ ଘୋର ଝଡ଼ବର୍ଷା । ବାହାରେ ଅସରା ଅସରା ହୋଇ ବରଷା ପିଟୁଛି । ବିଜୁଳି ଆଲୁଅରେ ସାରା ସହରଟା ଚମକି ଯାଉଛି । ଉଦାସିଆ ରାତିରେ ଗୁଳ ଉପର କଣାରୁ ପଥର ଉପରେ ଟିପି ଟିପି ବରଷା ପଡ଼ି କେତେ ବିରହୀ ବିରହିଣୀଙ୍କ ମନକୁ ଅହୁରି ଉଦାସିନୀଆ କରି ଦେଉଥାଏ । ଆଶ୍ରମର ଦର ଅନ୍ଧାର କୋଠରୀ ଭିତରେ ବସି ମୁଁ ଚାହିଁ ରହୁଥାଏ ମୋର ସୁଦୂର ଭବିଷ୍ୟତର ଅନ୍ଧାରିଆ ଗୋହିରୀ ଆଡ଼େ । କେତେ ରୁପେଲି ଛବି ନାଚି ଯାଉଥାଏ ମୋର ମନ ଭିତରେ ।

ତାରି ବାଧାରେ ଛିଣ୍ଡି ଯାଇଥିଲା ମୋର ସୁଖ ସ୍ୱପ୍ନର ସବୁଜିଆ । ଅବାକ୍ ହୋଇ ଚାହିଁ ରହିଲି । ଏ ବର୍ଷା ଝଡ଼ି ପୁଣି ଅନ୍ଧାର ରାତିରେ କି ଉଦ୍ଦେଶ୍ୟ ନେଇ ଧାଇଁ ଆସିଥିଲା ମୋର ପାଖକୁ ? କି ସ୍ୱାର୍ଥ ହାସଲରେ ଦୌଡ଼ି ଆସିଥିଲା ମୋର ପାଖକୁ ?

ତୁଅ ବସ—ନାସ୍ତି ସେ । ମତେ ସାହା ହୋଇଛୁ ପୁଣି ଭରସା ଦେଇଛୁ । ମୋର ମଙ୍ଗଳ ପାଇଁ କେତେ ସେ ଭାବୁଛି ମୋର ଦୁଃଖ କଷ୍ଟ ଦେଖିଲେ ମୋର ପାଖକୁ ଧାଇଁ ଆସୁଛି । ସେ ମୋର ଭଲ ଚାହେଁ । ମୋର ସୁଖ ଚାହେଁ ।

ମୋର ପାଖକୁ ଲାଗି ବସି ଅଭିମାନ କରି ଆଡ଼ବୁଲା ଦେଇ କେତେ ପିଲାଳିଆ ଅଭିଯୋଗ ସବୁ ଲଦି ଦେଉଥାଏ ମୋର ଉପରେ । କେତେ ଯୁକ୍ତି କରୁଥାଏ ମୋର ସାଥିରେ ।

ଏମିତି କେତେ ଯୁକ୍ତି ଭିତରେ ସେଦିନ ସେ ଯାହା କହି ଯାଉଥିଲା ଆଜି ମୋ ମନରେ ଗୋଟାଏ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି । ମୁଁ ସେତେବେଳେ ତାକୁ ଭୁଲ ବୁଝିଥିଲି—ଆଜି ସେ ମୋଠାରୁ ଦୂରେଇ ଯାଉଛି । ତାର ସବୁ ଶପଥକୁ ଚୂରମାର କରୁଛି । ମୋର ସବୁ କଳ୍ପନାକୁ ଭାଙ୍ଗି ଚୁରି ପକାଇ ଦେଇ ଯାଉଛି ।

ସେଦିନ ବଡ଼ ଦମ୍ଭ କରି ମତେ କହୁଥିଲା—ତୁ ମତେ ସବୁବେଳେ ଏମିତି ସନ୍ଦେହ କରୁଛୁ କାହିଁକି ? ମୁଁ ବଡ଼ଲୋକର ଝିଅ ହୋଇପାରେଁ ବା ଆଉ ଯାହା ହୋଇପାରେ କିନ୍ତୁ ମୁଁ ଯେ ତତେ ପବିତ୍ର ଭାବରେ ଭଲପାଏଁ ଏହା ଏକ ନିଶ୍ଚିତ ସତ୍ୟ । ମୁଁ ତତେ ସେଦିନ କହୁଥିଲି ତୋର ସହିତ ଏକମତ ହୋଇ ଜୀବନ ସଂଗ୍ରାମକୁ ଚଳାଇବା ପାଇଁ ତଳେ ହେଲେ ପଛେଇବି ନାହିଁ । ପୁଣି ସେ ମୋର ହାତ ଦୁଇଟାକୁ ଚାପି ଧରି ଲୁହ ଜକା ଆଖିରେ ପ୍ରତିଜ୍ଞା କରି କହିଲା—ମୁଁ ତତେ ମୋର ଅନ୍ତର ଭିତରୁ କେବେ ଅଲଗା କରି ନାହିଁ କି କରିବି ନାହିଁ । ତତେ ଦୂରେଇ ଦେଇ ଅଲଗା ହୋଇ ରହିବି ନାହିଁ । ତତେ ଏକୁଟିଆ ଛାଡ଼ି ଦେଇ ଯିବିନାହିଁ ।

ସେତିକିବେଳେ ତଣ୍ଟି ତାର ପଡ଼ି ଆସୁଥାଏ ଧୀରେ ଧୀରେ ।

କଥାଗୁଡ଼ାକ ଅସ୍ପଷ୍ଟ ହୋଇ ଯାଉଥାଏ । ଅଉ ତାର ଅସ୍ଥିର ମୁହଁଟା ନଇଁ ଆସୁଥାଏ ମୋର ଆଡକୁ । ମୁଁ ଖାଲି ଚୁହିଁ ରହୁଥିଲି ଗୋଟାଏ ନିବୋଧ ଶିଶୁଙ୍କ ପରି ତାରି ଆଡ଼େ ।

ତାହାରେ ଝଡ଼ କମିଲା । ମୋର ମୁଣ୍ଡ ଭିତରେ ଅଶା ଅଉ ଅଶଙ୍କାର ଯେଉଁ ଝଡ଼ ଉଠିଥିଲା ସେ ବି ନଇଁ ଅସିଲା ଧୀରେ ଧୀରେ ।

ଅତୁରି ଏମିତି କେତେ ଅମାବାସ୍ୟାର ଉତ୍ସ ବହିଗଲା ସ୍ୱତ ଅଉ ପୁନେଇ ଚାନ୍ଦର ଚିତ୍ରଗୃସ ସନ୍ଧ୍ୟା କଟିଗଲା ଖାଲି ଭବିଷ୍ୟତର ରଙ୍ଗିନ ଛବି ଗୁଡ଼ିକ ମନଭିତରେ ଅଙ୍କି ଅଙ୍କି ।

ଦିନ କାହାର ସମାନ ଯାଏ ନାହିଁ । କେତେବେଳେ ଦୁଃଖ ଓ କେତେବେଳେ ସୁଖ । କେତେବେଳେ ହସତ କେତେବେଳେ କାନ୍ଦ । ଗ୍ରୀଷ୍ମ ପରେ ବର୍ଷା ଓ ତାପରେ ଯେମିତି ଶୀତ ଅଦଳ ବଦଳ ହୋଇ ପୃଥିବୀ ଉପରକୁ ମାଡି ଆସନ୍ତି ପ୍ରକୃତି ସହିତ ତାଳ ଦେଇ ଆମର ଜୀବନର ଗତି ମଧ୍ୟ ଗଡ଼ି ଚାଲିଲା ।

ଆମର ଏ ମିଳାମିଶାକୁ ଲୋକେ ଅହଙ୍କାର କଲେ । ହିଂସା କଲେ । ସମାଲୋଚନା କଲେ କେତେ । ତାଙ୍କର ବନ୍ଧୁ-ବାନ୍ଧବ ସାଇ ପଡ଼ିଶା ଚିହ୍ନା ପରିଚିତ ଚାଲିଆଇଲା ଏଥିରେ ବାଧା ଦେଲେ ।

ସାଉ କଥାରେ ସତ୍ତା ଭୁଲେ । ବାପ ମା ତାର ବାରଣ କଲେ । ତାଗିଦ୍ କଲେ ଆଉ କଡ଼ା ନଜରରେ ରଖିଲେ ତାକୁ ।

ମୁଁ ମାଗିଖିଆ । କାଙ୍ଗାଳ । ଛୋଟ ଲୋକ, ସେମାନେ ବଡ଼ ଲୋକ । ଜମିଦାର । ଆଉ ଧନୀ । ସେମାନଙ୍କର ମାନ ମର୍ଯ୍ୟାଦା ଉଚ୍ଚରେ । ସମ୍ମାନ ବହୁତ ଉଚ୍ଚରେ । ମୋ ସହିତ ମିଳାମିଶା କଲେ ତାଙ୍କର ସମ୍ମାନରେ ଆଘାତ ଆସିବ । ଆଭିଜାତ୍ୟ ଉପରେ ଆଞ୍ଚ ଆସିବ ଏବଂ ମର୍ଯ୍ୟାଦା ତାଙ୍କର କ୍ଷୁର୍ଣ୍ଣ ହେବ । ସେଇଥିପାଇଁ ବାଧା ଦେଲେ ଆଉ ବାରଣ କଲେ ତାକୁ ।

ଏଇ ଲୋକ ପାଣିରେ ସର ପକାଇ ଦେବେ ଆଉ ଏଇ ଲୋକ ଦୁଧରେ ବିଷ ମିଶାଇ ଦେବେ । କିଏ କେତେ କଥା କହି ବସିଲେ ଅମର ବିଷୟ ନେଇ । ଚାରିଆଡେ ଅମର ଚର୍ଚ୍ଚା ଚାଲିଲା । ଲୋକେ କେତେ ଥଟ୍ଟା କଲେ—ବିଦ୍ରୂପ କଲେ । ହୋଟେଲ ବଜାର ଚାହା ଦୋକାନ ଆଉ ସିନେମା ଘର ସବୁ ଭିଡ଼ ହୋଇ ଉଠିଲା ଅମର ବିଷୟ ନେଇ । ରାସ୍ତାର ପାଚେରି ଉପରେ ମସି ହୋଇଗଲା କେତେ ନୂଆ ଧରଣର ବିଜ୍ଞାପନ ।

ବାପା ତାର ବ୍ୟସ୍ତ ହୋଇ ଉଠିଲେ ଏଇ ବଦନାମରେ । ମୁହ ତାଙ୍କର କଳାଗଲା । ମୁଣ୍ଡଟେକି ବାଟ ଚାଲି ପାରିଲେ ନାହିଁ । ବଡ଼ଲୋକର ଆଭିଜାତ୍ୟ ତାଙ୍କର ନଇଁପଡ଼ିଲା । ବାଧ୍ୟ ହେଲେ ମୋ ସହିତ ତାର ମିଳାମିଶା ବନ୍ଦ କରି ଦେବାକୁ ।

ସେତେବେଳକୁ ଆଶ୍ରମରେ ଶିକ୍ଷା ମୋର ଶେଷ ହୋଇ ଯାଇଥାଏ । ଫେରି ଆସିଥିଲି ସେଇ କାଙ୍ଗାଳ ବସ୍ତିକୁ । ତାକୁଇ ନୂଆ ରୂପଦେଇ ଗଢ଼ିବାରେ ବ୍ୟସ୍ତ ଥିଲି । ସେଇ ମାଟିଖିଆ

ଲୋକଙ୍କୁ ଏକଯୁଟ କରି ଗୋଟିଏ କମିଟି ଗଢ଼ିଥାଏ । ବସ୍ତିଟିକୁ ସଫା ସୁତୁରା ରଖିବା ଥିଲା ଆମର ପ୍ରଧାନ କାର୍ଯ୍ୟ । ଖାଲି ଛିପକୁ ପୋତି ରାସ୍ତାକରିବା ଏବଂ ଅଳିଆ ଗଦାକୁ ସଫା କରି ବାଟରେ କମିଟି ବଡ ତତ୍ପର ହୋଇ ଉଠିଥିଲା । ଭାଗବତ ଟୁଙ୍ଗି ଘରେ ସମସ୍ତେ ଜମା ହୋଇ ନାନା ପୁରାଣ ବେଦ ଶାସ୍ତ୍ର ଆଲୋଚନା ଦ୍ୱାରା ନିଜ ଜୀବନକୁ ନ୍ୟାୟ ଆଉ ସତ୍ୟ ବାଟରେ ଯିବାପାଇଁ ଦୃଢ଼ ପରିକର ହେଉଥିଲେ । ଖବର କାଗଜ ଆଦି ପଢି ଦେଶ ବିଦେଶର କୁଲି ମଜୁରିଆଙ୍କର ଜୀବନ କାହାଣୀ ଆଉ ତାଙ୍କର ଜୀବନ ଧାରଣ କରିବାର ପ୍ରଣାଳୀ ଶିକ୍ଷା କରୁଥିଲେ । ଖାଲି ଏତିକି ନୁହେଁ ଗାନ୍ଧିଜୀଙ୍କର ଆଦର୍ଶକୁ ମାନିନେଇ ଦିନକୁ କିଛି କିଛି ସୁତା କାଟିବା ଥିଲା ମଧ୍ୟ ଗୋଟିଏ ପ୍ରଧାନ କାର୍ଯ୍ୟ ।

ତାର ଆଦର୍ଶ ଆଉ ପ୍ରେରଣା ଅନୁସାରେ ମୁଁ କରି ଯାଉ-ଥିଲି କାମ । ତାରି ଇଚ୍ଛାକୁ ପୂରଣ କରିବାରେ ମୁଁ ହୋଇ ଉଠିଥିଲି ବଡ ତତ୍ପର । ତାକୁଇ ଅପେକ୍ଷା କରି ଚାହିଁ ରହୁଥିଲି ତାର ଆସିବା ବାଟକୁ ।

ବେଳେବେଳେ ଧାଇଁ ଯାଉଥିଲି ନଈଆରପାରି ସେଇ ସହର ଭିତରକୁ ତାକୁଇ ଜଣାଇ ଦେବାପାଇଁ ଯେ ତାରି ଆଦର୍ଶ ଆଉ ଇଚ୍ଛାକୁ ମୂଳଭିତ୍ତି କରି ସବୁ କରି ଯାଉଛି ।

ଫେରି ଆସୁଥିଲି । ତା ସହିତ ଦେଖା ହେଉ ନଥିଲା କିମ୍ବା ତା ଖବର କିଛି ପାଇ ପାରୁ ନଥିଲି । ମନ ମୋର ଅସ୍ଥିର ହୋଇ ଉଠୁଥିଲା ତା'ର ପାଇଁ । ତାକୁ ଯଦିଓ ମୋଠାରୁ ଅନ୍ତର କରିଦେଇ ଥିଲେ ବାହ୍ୟିକ ଭାବରେ ତଥାପି ମୋ ଅନ୍ତର ଭିତରୁ ତାକୁ ବାହାର କରି ପାରି ନଥିଲେ । ମୁଁ ଚାହୁଁଥିଲି ତାରି ପାଖରେ ସବୁବେଳେ ଲାଗିରହି ତାରି ସାହାଯ୍ୟରେ ତା'ର

ପ୍ରେରଣାରେ କରିବି ସବୁ କାମ । ତାଙ୍କ ଠାରୁ ଦୂରେଇ ରହିଲେ ମତେ କାହିଁକି ଭୟଲାଗେ । ଡରମାଡ଼େ ଆଜି ମୁଁ ନିଃସଙ୍ଗ ବୋଧ କରେଁ । ଅନୁଭବ କରୁଥିଲି ସତେ ଯେମିତି ମୋର ଜୀବନୀ ଶକ୍ତି କମି ଆସୁଥିଲା ତାଙ୍କପାଇଁ ।

ସେଇଥିପାଇଁ ବ୍ୟସ୍ତହୋଇ ପଡୁଥିଲି । ତାଙ୍କୁ ଥରେ ଆଖି ପୂରାଇ ଦେଖିବାକୁ ଧାଇଁ ଯାଉଥିଲି । ଅପେକ୍ଷା କରୁଥିଲି ତାଙ୍କ ଆଦେଶକୁ । ସେ ଯଦି ମତେ ଆଦେଶ ଦିଏ ମୁଁ ମୁଣ୍ଡ ପୋତି ମାନିନିଏ ଗୋଟିଏ ବଶ୍ୟସ୍ତ ଶିଶୁପରି ।

ସେଇଥି ପାଇଁ ଧାଇଁ ଯାଉଥିଲି ବାରମ୍ବାର ସେଇ ସହର ଭିତରକୁ, ପାଉ ନଥିଲି, ଫେରି ଆସୁଥିଲି ମନ ଦୁଃଖ କରି କପାଳରେ ହାତମାରି ।

ସେତେବେଳେ ଅନ୍ତରର ଅସହାୟ ବୋଧ କଲି । ଦୁର୍ବଳ ହୋଇ ଭାଙ୍ଗି ପଡିଲି କେବଳ ତାଙ୍କ ଚିନ୍ତାରେ ।

ମୋର ପାଖରେ ସେ ରହନ୍ତୁ । ମୋରି ପାଖରେ ବସନ୍ତୁ ଏବଂ ମତେ ଭୁଲ ବାଟରୁ ରାସ୍ତା କଢ଼ାଇ ଆଣନ୍ତୁ । ମତେ ଗାଇଡ୍ କରନ୍ତୁ । ମତେ ଶିଖାନ୍ତୁ । ମତେ ବୁଝାନ୍ତୁ ଏଇକଥା । ମୁଁ ଖାଲି ଭାବୁଥିଲି ।

ଆଜି ବେଳେବେଳେ ମୁଁ ତାଙ୍କ ଆଦର୍ଶରେ ଭବିଷ୍ୟତ ଜୀବ-ନର କେତେ ରଙ୍ଗିନ ଛବି ଦେଖୁଥିଲି । ଗାଁ ଗହଳିରେ ପୁର ପଲ୍ଲୀରେ ବୁଲିବୁଲି ଆଜି ଏଇ ଛତରା କାଙ୍ଗାଳ ବସ୍ତିରେ ଘରେ ଘରେ ପଶି ଆମେ ଦୁଇଜଣ ସେଇମାନଙ୍କ ସୁଖ ଦୁଃଖରେ ଭାଗି ହୋଇ କରି ଯାଉଛୁଁ କେତେ କାମ । ରୋଗ ଭୋଗ ଭରା ଦୁନିଆ ଭିତରେ ଅଣ୍ଟା ଭିଡିଦେଇ ଦୁଇଜଣ ଯାକ ତାଙ୍କରି ସେବାରେ ଜୀବନକୁ ଯେମିତି ବିତାଇ ଦେଉଛୁ । ଏମିତି କେତେ

ଭାବନା କେତେ ସ୍ୱପ୍ନ ସେଇ ମାଟିଖିଆ କମ୍ପିଟି ଘରେ ବସି କରେଁ ।

ସେଇ ଅପରିଚ୍ଛନ୍ନିଆ ବସ୍ତି ଗଢ଼ିଉଠିଲା କେଡ଼େ ସୁନ୍ଦର ହୋଇ । ଖାଲ ଢିପ ସବୁ ପୂରି ଉଠିଲା ସମାନ ହୋଇ । ଲୋକମାନେ ସାହସରେ ଲାଗି ପଡ଼ିଲେ ସେଇମାନଙ୍କ ଜୀବନ ଧାରଣର ମାନଦଣ୍ଡକୁ ଚଢ଼ାଇବା ପାଇଁ । ବାରକଥା ଜାଣିବା ପାଇଁ ଦଶକଥା ଶୁଣିବା ପାଇଁ ତାଙ୍କର ଆଗ୍ରହ ବଢ଼ି ଚାଲିଲା ସେତେବେଳେ । ଛୋଟିଆ ସ୍କୁଲଟିଏ ଗଢ଼ି ଉଠିଲା ତାଙ୍କର ଉତ୍ସାହରେ । କେତେ ଅନାଥା ବାଳକ ବାଳିକା ସେଇଠି ପାଇଲେ ଶିକ୍ଷା ।

ତଥାପି ସେମାନଙ୍କର ଦୁଃଖ ସରି ନଥିଲା । ସେଇମାନେ ସେଇ କାଙ୍ଗାଳ ହୋଇ ରହିଥିଲେ—ତାଙ୍କର ପାଇଁ ଅନ୍ତର କାନ୍ଦୁ କରିବାର ଅଛି ଏଇକଥା ସବୁବେଳେ ମୋର ମୁଣ୍ଡ ଭିତରେ ଖାଲି ଖେଳୁଥିଲା ।

ଥରେ—ସେଇ ଅଭିଆଡ଼ି ଝିଅଟା—ଗୋଲାପତକ ରଙ୍ଗ ଦେହ ସାଙ୍ଗକୁ ପ୍ରବଳ ଯୌବନ ଆଉ ବଳିଷ୍ଠ ବଳିଲା ସ୍ୱାସ୍ଥ୍ୟ । କଳା ପଡ଼ି ଯାଇଛି । ଝାଉଁଳି ପଡ଼ିଛି ଖାଇବାକୁ ନପାଇ । କାଖରେ ଥିଲା ଗୋଟାଏ ଭଙ୍ଗା ମାଠିଆ । ଭଙ୍ଗା ଯୌବନ ସାଙ୍ଗକୁ ପାଣି ଭଙ୍ଗା ମାଠିଆଟା ତାକୁ ନୁଆଇଁ ପକାଉଥିଲା । ଟଳି ଟଳି ଚାଲୁଥିଲା ସେ । ମୁହଁରେ ତାର ଶତ ବେଦନାର ଛାପ । ଫୁଙ୍ଗୁଳା ଦେହରେ ତାର ଉଠୁଥିଲା ଗୋଟାଏ ଶିହରଣ । ସେ କଣେଇ ଗୁହୁଁଥିଲା ଆମର ଘର ପାଖେ—ପେଟ ତାର ଖାଲି ପଡ଼ିଥିଲା ଭୋକ ଉପାସରେ । ଦୁନିଆରେ କେହି ନାହିଁ ତାର—ବାପ, ମା, ଭାଇ, ଭଉଣୀ ସମସ୍ତେ ତାକୁ ଅଲଗା କରି ଛାଡ଼ି ଚାଲି ଯାଇ

ଥିଲେ ସେଇ ବଢିପାଣିରେ—ଲୋକହସା କରି, ଦାଣ୍ଡରେ ଭିକାରୁଣୀ କରି ସେଇମାନେ ଯେ ଯୁଆଡେ ପଳାଇ ଗଲେ ।

ଲେଖା ଯୋଖାରେ ଜଣେ କିଏ ତାର ଦାଦା ହେବ। ତାର ପାଖରେ ରହି ତାରି ଆଶାରେ ପଡ଼ି ଧୁଆଁ ଲଗା ଜୀବନକୁ ବଞ୍ଚାଇବା ପାଇ ସେ ଚେଷ୍ଟା କରୁଛି ।

ଏତେ ହୃଦୟ କପାଳୀଣୀ ସେ—ଏତେ ହତଲକ୍ଷ୍ମୀ ସେ—ଝିଲାକେ ତାଙ୍କୁ ବାରକଥା କହନ୍ତି—ବାରକଥା ଶୁଣାନ୍ତି । ବାର କଥା ଶିଖାନ୍ତି । ଏଇକ୍ଷଣି ବୟସ ଅଛି—ରୂପଅଛି ତୋର—କାହା ହାତଧରି କାହା ସାଙ୍ଗରେ ଚାଲି ଯାଉନୁ ? ଭୋକ ଉପାସରେ କାହିଁକି ଏଠି ଦହଗଞ୍ଜ ହେଉଛୁ ?

ସେ ଶୁଣେ—ଆଖିରୁ ଲୁହ ଗଡାଏ । ଛୁଡା କାନି ଭିତରେ ମୁହଁ ଲୁଚାଇ ଭାଙ୍ଗିଆଡ ଖଡ କୁଡା ପାଖରେ ବସି କେତେ କାନେ ବୋଉ ବୋଉ ବୋଲି ରଡ଼ିଛାଡେ ।

ବୋଉ ତାଙ୍କୁ ଆଦର କରେ । ସ୍ନେହ କରେ । ଖଡକୁଡା ଉପରୁ ତୋଳି ଧରେ । ଦରଶିପୁଡା ପଖାଳ ଭାତ କଂସାଏ ଆଉ ଛନ୍ତା ଚେଳୁଳି ମେଞ୍ଚାଏ ବାଢି ଦିଏ । ସେ ତାଙ୍କୁ ଆନନ୍ଦରେ ଖାଏ । କେତେ ଖୁସି ହୁଏ ।

ଦିନସାରା ସେ ବାଉଁଶ ପାଛିଆ ବସି ବୁଣେ । ହାଡ଼ଭଙ୍ଗା ପରିଶ୍ରମ ସେ କରେ କେବଳ ତାର ପେଟ ଚାଖଣ୍ଡକ ପାଇ । ତଥାପି ସେ ଅଧଦିନେ ଉପାସ ରହେ । ବୋଉର ହାତଟେକାକୁ ଚାହିଁ ରହେ । ତାର ସ୍ନେହ ମମତାକୁ ସେ ଭରସା କରିଥାଏ ।

ଦିନସାରା ଖଟି ଖଟି ଯେଉଁ କେତୁଟା ବାଉଁଶ ପାଛିଆ ସେ ବୁଣିଥାଏ ତାଙ୍କୁ ସେଇ ଗଞ୍ଜୋଡ଼ ଦାଦାଟା ତାର ନେଇ ପାଖ ହାଟରେ ବିକି କରି ଗଞ୍ଜେଇ ଟାଏଣେ—ଘରକୁ ଫେରେ ଗୃହିଅଣା

ଛଅଣା ପଇସା ଧରି । ସେଇଥିରେ ସେ ଦୁହେଁ ଚଳନ୍ତି ଦିନକ ଯାକ ।

ତାକୁଇ ଦେଖି ସେଦିନ ମୋର ଆଖିରୁ ଲୁହ କେଇବୁନ୍ଦା ଗଡ଼ି ପଡ଼ିଥିଲା ତାର ଦେହର ହାଡ଼ଭଙ୍ଗା ପରିଶ୍ରମର ଝାଳ ସହିତ ସମାନ କରି । ବୋଉ ତାକୁ ହାତ ଠାରି ଡାକିଲା । ମାଟିଆକୁ ଥୋଇ ଦେଇ ସେ ଧାଇଁଗଲା କଇଁକଇଁ ହୋଇ, ସତେ ଯେମିତି ନିଜ ମାଆ କୋଳକୁ ଝିଅ ଫେରି ଆସିଛି । ପଖାଳ ଭିତରୁ କଂସାଏ ଆଉ ଶୁଖିଲା ବଡ଼ିରୁ ଖଣ୍ଡେ ଥୋଇ ଦେଇ ତାରି ପାଖରେ ବସି ନୁଖୁରା ବାଳକୁ ତାର ଆଉଁସୁଥାଏ କେତେ ସାନ୍ତ୍ୱନା ଦେଇ । ସେ କୃତଜ୍ଞତା ଚକ୍ଷୁରେ ଚାହୁଁଥାଏ ବୋଉ ଆଡ଼େ ଆଉ ମୋ ଆଡ଼େ—

ଆଗରେ ଥିଲା ମୋର ଏଇ ଚିନ୍ତା । ଏଇ ସମସ୍ୟା । ଏଇମାନଙ୍କୁ ଏଇ ପଙ୍କିଳ ଭିତରୁ ଉଦ୍ଧାର କରିବାକୁ ପଡ଼ିବ । ତାଙ୍କୁଇ ଗଣ୍ଡେ ପେଟପୁରା ଖାଇବାକୁ ଦେବାକୁ ହେବ । ତାଙ୍କୁଇ ଖଣ୍ଡେ ଦେହଢଙ୍କା ଲୁଗା ଦେବାକୁ ହେବ ଏବଂ ତାଙ୍କର ରହିବା ପାଇଁ ଖଣ୍ଡେ ଛୋଟିଆ କୁଡ଼ିଆ ତାଙ୍କୁ ଯୋଗାଇବାକୁ ହେବ—

ଏଇ ସମସ୍ୟା ଗୁଡ଼ାକ ମୁଣ୍ଡ ଭିତରେ ଝଡ଼ପରି ଉଠୁଥିଲା ବେଳେ ତାର ସେଇ ମନଚହଲା ଛବିଟା ବି ମଝିରେ ମଝିରେ ମନକୁ ମୋର ଅଧିର ବ୍ୟସ୍ତ କରି ପକାଉଥାଏ । ମାଛକୁ ପାଣି ଭିତରୁ ବାହାର କରିଦେଲେ ସେ ଯେମିତି ଛଟପଟ ହୋଇ ମରିଯାଏ ମୁଁ ଠିକ୍ ସେଇପରି ଅନୁଭବ କରୁଥିଲି କେବଳ ତାରପାଇଁ ।

ଆଉ କିଛି ଉପାୟ ନପାଇ ବାଧ୍ୟ ହେଲି ମନଖୋଲି କେଇପଦ ତାର ପାଖକୁ ଲେଖି ଦେବା ପାଇଁ—

ଠିକ୍ ତାର ପାଞ୍ଚ ଦିନ ପରେ—ଗୋଟିଏ ଅଳସ ସକାଳ—କୁଲି ମଜୁରିଆମାନେ ସକାଳର ସୁଲୁସୁଲିଆ ପବନରେ ଅଳସେଇ ହେଉଥାନ୍ତି ମଳଛିଆ କଉଁଶ ବିଛଣାରେ ପଡ଼ି । ସାରାଦିନ ପର ଦୁଆରେ ଖଟି ଖଟି ଅବଶ ଶରୀରର ଅଳସ ମେଣ୍ଟାଇବା ପାଇଁ ଲମ୍ବା ସମୟଟା ବି ତାଙ୍କୁ ନିଅଣ୍ଟ ପଡ଼ିଥିଲା । ଗଡ଼େଇ ଛଡ଼େଇ ହେଉ-ଥିଲେ ସେଇ ଦରଛିଆ କୁଡ଼ିଆ ଭିତରେ । ସକାଳୁଆ ରଙ୍ଗା ସୁନେଲି କିରଣ ଗୁଡ଼ାକ ଖଣ୍ଡିଆ ଚାଳ ଭିତର ଦେଇ ଝରେଇ ହୋଇ ପଡୁଥାଏ ତାଙ୍କର ଅଳସ ଭଙ୍ଗା ଦେହ ଉପରେ । ଚାହା ନଥିଲା କି କଫି ନଥିଲା । କୋକୋ ନ ଥିଲା କି ବ୍ରାଣ୍ଡି ନଥିଲା । ଟିକିଏ ପିଇ ଦେଇ ଦେହକୁ ତାଜା କରିବେ ଆଉ ସଜବାଜ ହୋଇ ବାହାରି ପଡ଼ିବେ ସଜ କାମକୁ ।

ବାହାରେ ବାରବୁଲା କୁକୁର କେଇଟା ଗର୍ଜନ ଛାଡ଼ି ଧାଇଁ ଆସିଲେ ଆମରି ଦରଜା ଆଡ଼େ । ବୋଉ ନିଦରେ ଚଳିଚଳେଇ ହୋଇ ଦରଜା ଖୋଲି ଦେଲାବେଳକୁ ତିନି ଚାରିଜଣ ସିପାହୀ ବୀରଦର୍ପରେ ମାଡ଼ି ଆସୁଥାନ୍ତି ଆମର ଘର ଆଡ଼େ । ସେଇମାନଙ୍କ ବୁଟ ଯୋତାର ଶବ୍ଦରେ ସାରା ବସ୍ତିଟା ଥରି ଉଠିଥିଲା । ବୋଉର ନିରସିଆ ନିଦଟା ଭାଙ୍ଗିଗଲା ଚୁଡ଼ିଁ କରି । ମନେ ପଡ଼ିଗଲା ତାର ଅତୀତର ଏମିତିକା ସକାଳ । ଯେଉଁଦିନ ରଜାଘର ପୋଲିସ ଆସି ବାପାଙ୍କୁ ଧରି ନେଇ ଯାଇଥିଲେ ଏବଂ ତାଙ୍କର ଜୀବନ ଯାଇଥିଲା ସେଇ ନିର୍ଦ୍ଦୟ ପୋଲିସଙ୍କ ହାତରେ ।

ଥରି ଉଠିଲା ତାର ଦେହ । ପ୍ରକୃତିସ୍ଥ ସେ ହୋଇ ପାରିଲା

ନାହିଁ । ମନରେ କେତେ ଅଶଙ୍କା ଭାବ ଜାଗି ଉଠିଲା । ଭୟ ବି ହେଲା ଡର ବି ହେଲା । ଖାଲି ବିନୟ ନୟନରେ ଜିଜ୍ଞାସୁର ଭାବ ଫୁଟାଇ ଚାହିଁ ରହିଥିଲା ନୀରବରେ ତାଙ୍କରି ଆଡ଼େ ।

କୁଲି ମଜୁରିଆମାନେ ଭୟରେ କାତର ଯାଇଁ କବାଟ ଦର-ଆଉଜା କରି ଚାହିଁ ରହିଥିଲେ ଫାଙ୍କ ବାଟେ । ତାଙ୍କରି ଆଖି ସାମନାରେ କ'ଣ ଘଟି ଯାଉଛି ଦେଖୁଥିଲେ ଆଶ୍ଚର୍ଯ୍ୟ ହୋଇ ।

ଦାରୋଗା ସାହେବ ବୋଉକୁ ଡାକି ବଡ ରୁକ୍ଷ ଆଉ ଗମ୍ଭୀର କଣ୍ଠରେ କହି ପକାଇଲେ—ତୁମ ପୁଅ ନାମରେ ଜମିଦାର ସାହେବ ମକଦ୍ଦମା ଦାଏର କରିଛନ୍ତି । ସେଥିଯୋଗୁ ଆମେ ତାକୁ ବାନ୍ଧି ନେଉଛୁ । ତୁମେ ଥାନାରେ ହାଜର ହୋଇ ସବୁ ଖବର ବୁଝି ଆସିବ ।

ଏ କ'ଣ ହେଲା ? ସମସ୍ତେ ଚାହିଁଲେ ଅବାକ୍ ହୋଇ । ବୋଉ ସେଇଠି ଟଳି ପଡ଼ିଥିଲା ଦରଭଙ୍ଗା କବାଟ ଉପରକୁ । ପାଟିରୁ ତା'ର କଥା ବାହାରୁ ନଥିଲା । ହାତ ଗୋଡ଼ ସବୁ ଝିମେଇ ହୋଇ ଆସୁଥିଲା । କାଳିଆ ମାରି ନେଇ ଯାଉଥିଲା ଦେହଟା ତାର । ଅନୁଭବ କରୁଥିଲା ସେତେବେଳେ ସେ ସତେ ଯେମିତ ଶରୀର ଭିତରୁ ଆତ୍ମା ତାର ବାହାରି କେଉଁଆଡ଼େ ଚାଲି ଯାଉଛି । କପାଳରେ ହାତ ମାରି କୋଡ଼ି ହେଉଥିଲା ମୁଣ୍ଡ ।

ଆଶ୍ଚର୍ଯ୍ୟ ହେଉଥିଲା ସେ—ଯେ ରକ୍ଷକ ସେ କ'ଣ ଭକ୍ଷକ ହୋଇପାରେ ? ମୋର କୋଳରୁ ଛଡେଇ ନେଇ ଯାଇଥିଲେ ତାକୁଇ ମଣିଷ କରିବା ପାଇଁ ଯେଉଁ ଜମିଦାର ସେ ଆଜି ତାକୁ ଜେଲ ଦେବେ ? କ'ଣ କରିଛି ସେ ତାଙ୍କର ? କି ଭୁଲ କରିଛି ସେ ? ବଡଲୋକମାନେ କ'ଣ ଏମିତି ଗରିବଙ୍କର ଗଳାରେ ଛୁରି ଦଅନ୍ତି ? ଏମିତି କେତେକଥା ବାହୁନି ଗାଲି

ମୁଣ୍ଡ ବାଡେଇ ହେଉଥାଏ ।

ମତେ ଜମାଦାର ସାହେବ ଓ ସିପାହୀମାନେ ଧରି ନେଇ-ଗଲେ ବସ୍ତିର ଆରପାଖ ଗୋଟିଏ ନାଲି ରାସ୍ତା ଦେଇ । ମୁଁ ଦୂରେଇ ଯାଉଥାଏ ଯେତିକି ସ୍ନେହମୟୀ ମାଆର କୋଳ ଏବଂ ସେଇ କାଙ୍ଗାଳ ବସ୍ତିର ଛୋଟ ଭାଗବତ ଘର ମେଠରୁ ଅଲଗା ହୋଇ ଯାଉଥାନ୍ତି ସେତିକି । ପଛକୁ ଫେରି ଚାହୁଁଥାଏ ବୋଉ ଆଡେ । ତାର କାନ୍ଦ ରହି ଯାଉଥାଏ ଦୂରରେ । ମୁଁ ମିଶିଗଲି ସହରର ସେଇ କୋଳାହଳମୟ ଜନତା ଗାଡ଼ିଘୋଡା ଆଉ ଲାବଣ୍ୟମୟୀ ଅଟ୍ଟାଳିକା ଗହଳରେ ଏବଂ ତାର ସ୍ୱର ରହିଥିଲା ଗାଁ ଭୂଇଁର ଗଛଲତା ଆଉ ସେଇ ବସ୍ତିର ଖଣ୍ଡିଆ ଗୁଳି ଭିତରେ ।

ତା ପରଦିନ । ମକଦ୍ଦମା ବିଚାର ତାରିଖ । ବରଗଛ ମୂଳ କଚେରୀ ଘରେ ଜମା ହୋଇଥାନ୍ତି ସହରର ଅର୍ଦ୍ଧେକ ଲୋକ ଆଉ ମଫସଲର ଗାଁ ଗହଳରୁ ଧାଇଁ ଆସିଥାନ୍ତି କେତେ ସରଳିଆ ଆଉ ନିରୀହ ଲୋକ ଗାଁ ଠାକୁରଙ୍କ ଚୁପେଇରେ ପଡ଼ି । ସେଇ ପେଞ୍ଚୁଆ ମାମଲତକାର ମାନେ ତାଙ୍କୁ ଶିଖେଇ ବୁଝେଇ ପଢ଼ଣା ଲୋକଙ୍କ ସହିତ କଳି କରେଇ ନେଇ ଆସିଥାନ୍ତି ବେଶୀ ଯାଗା କରାଇ ଦେବେ । ବେଶୀ ଜମି ଦେବେ ଏବଂ ମହାଜନଠାରୁ ଟଙ୍କା ଛଡାଇ ଦେବେ ।

ତାଙ୍କରି ଭିତରୁ କେହି ଅବା ଠାକୁରଙ୍କ ଫାନ୍ଦରେ ପଡି ମୁଣ୍ଡରେ ହାତ ଦେଇ ରଡି ଛାଡୁଥାନ୍ତି ଆଉ କାଙ୍ଗାଳ କରି ଜୀବନର ସମ୍ବଳ ଗୁଣ୍ଠେ ଜମିକୁ ଛଡ଼େଇ ନେଇଛି ପଢ଼ଣା ଜମିଦାର । ଆଉ କେହି ଅବା ମୁଣ୍ଡ ବାଡ଼େଇ ଲୋଟି ଯାଉଥିଲା ଧୂଳି ରାସ୍ତା ଉପରେ । ଗାଁ ମହାଜନ ପଚିଶଟଙ୍କା ଦେଇ ପଚାଶ ଟଙ୍କା ଲେଖାଇ ନେଇ ତାର ସୁଧ ମୂଳ ବାବଦକୁ ଘରବାଡି ଦଖଲ

ନିଲାମ କରି ନେଇ ଯାଉଛନ୍ତି । ଏମିତି ସାରା କଚେରୀଟା ଖାଲି ହଇଚଇ ହୋଇ ଉଠୁଥିଲା ପୂରି ଉଠିଥିଲି ଏଇ ଖଣ୍ଡିଆ ଅଳ ଠକି ଖିଆ ଲୋକଙ୍କ ଭିତରେ ।

ବୋଉ ଏଇ ଉଚ୍ଛୁଳା ଲୋକଙ୍କ ଭିତରୁ ପାଗଳୀଙ୍କ ପରି ହୋଇ ଧସେଇ ଅସିଲା ଜମାଦାରଙ୍କ ପାଖକୁ । ତାଙ୍କରି ଗୋଡ଼ତଳେ ପଡ଼ି କେତେ କେତେ ନେହୁରା ହୋଇ କେତେ କାକୁତି ମିନତି କରି ମାଗୁଥିଲା ମୋରି ଦୋଷର କ୍ଷମା ।

କେହି ତାର କଥା ଶୁଣି ନଥିଲେ । ସେ ଗୁହାରିକୁ କେଇ କାନ ଦେଇ ନ ଥିଲେ । ଗରିବ—ତା ପାଖରେ ପଇସା ନାହିଁ । କାହାରିକୁ ସେ ସନ୍ତୁଷ୍ଟ କରି ପାରିବ ନାହିଁ । ଓକିଲ ମୁକ୍ତାର ଦେଇ ମକଦ୍ଦମା ଲଢିବାର କ୍ଷମତା ତାର ନାହିଁ । ପାଗଳି ବୋଲି କହି ବଳ ପ୍ରୟୋଗ ଧକ୍କା ଦେଇ ବାହାର କରି ଦେଇଥିଲେ କଚେରୀ ହତା ଭିତରୁ ।

ବିଚାର ପରେ ହାକିମ ରାୟ ଶୁଣାଇ ଦେଲେ ଏକବର୍ଷ ସଶ୍ରମ ଜେଲଦଣ୍ଡ । କଚେରୀ ଉଠିଗଲା ଲୋକେ ଅପସରି ଗଲେ ଯେଝା ଘରକୁ ଆଉ ମୁଁ ପୁଲିସ ଗାଡିରେ ବସି ଚାଲିଗଲି ଜେଲ ଫାଟକ ଭିତରକୁ ।

ବୋଉ ରହିଗଲା ମୋଠାରୁ ଦୂରରେ—ମୁଁ ସେଇ ଜେଲ ଗାଡ଼ିର ତାର ଜାଲିଦିଆ ଝରକା ବାଟେ ଚାହିଁ ରହିଥିଲି ତାରି ଆଡେ—ସେ ଦୁଃଖର ସ୍ତମ୍ଭ ଭଳି ଛିଡ଼ା ହୋଇ ରହିଥିଲା । ଆଖିର ପତା ତାର ପଡୁ ନ ଥିଲା । ଖାଲି ଚାହିଁ ରହିଥିଲା ମୋରିଆଡେ ।

ଗାରିଗାରିକା ଅଧା ପାଇଜାମା ସାଙ୍ଗକୁ ନେଳିଆ ରଙ୍ଗର ଅଧା କାମିଜ । ତା ସାଙ୍ଗକୁ ପୁଣି ମାଟିଆ ରଙ୍ଗର ଖଦଡ଼ ଟୋପି ।

ଦାଗୀ ନମ୍ବରଟା ବି ଝୁଲି ପଡୁଥିଲା ବେକ ତଳକୁ । ବେଶ୍ ସାଜୁଥିଲା ମତେ ।

ଜେଲ୍ ଭିତରେ ପଡ଼ିଆକୁ କୋଡ଼ରେ ତାଡ଼ି କେଉଁଦିନ କୋବି ଲଗାଇବାକୁ ହୁଏତ କେଉଁଦିନ ବାଇଗଣ କେଉଁଦିନ ଆଳୁଅ କେଉଁଦିନ ଫୁଲ ଗଛ । କେତେବେଳେ ପାଣି ଦେବାକୁ ଗଛରେ ପଡ଼େ ତ କେତେବେଳେ ଘାସ ବାଛିବାକୁ ହୁଏ । କେତେବେଳେ ବା ପଡ଼ିଆ ଭିତରେ ଝାଡୁ ଦେବାକୁ ହୋଇଥାଏ ପୁଣି ଘରସଫା କରିବାକୁ ହୋଇଥାଏ । ଖାଲି ଏତିକି ନୁହେଁ ପଶୁଙ୍କ ପରି ବେକରେ ଜୁଆଳି ଲଗାଇ ତେଲ ଘଣାକୁ ବି ଟାଣି-ବାକୁ ହୋଇଥାଏ ।

ଏମିତି ଦିନେ ନିଛାଟିଆ ଖରାବେଳେ । ଝାଇଁ ଝାଇଁ ହୋଇ ଗରମ ପବନ ପିଟୁଥାଏ । ତାତିରେ ମୁହଁ ପୋଡ଼ିଜଳି ଯାଉଥାଏ । କୁଆ କୋଇଲିଙ୍କ ସାଁ ଶବ୍ଦ ନାହିଁ । କିଏ କେଉଁଠି ଜୀବନ ବ ଜଳରେ ଲୁଚି ଥାନ୍ତି କୁଢ଼ିଆ ତଳେ । ଗଛଲତା ତଳେ ଏବଂ ଅଗଣା ଭିତରେ । ଖାଲି ଗୋଡ ତଳେ ଲଗାଇ ହେଉ ନଥାଏ । ତାତି ଯାଉଥାଏ ଦେହଟା ।

ମୁଁ ବେକରେ ଜୁଆଳି ଦେଇ ଟାଣୁଥିଲି ସେତେବେଳେ ଘଣା । ଆହୁରି ଅଧବସ୍ତାଏ ଶୋରିଷ ଅଛି । ସେ ସବୁକୁ ପେଶି ତେଲ ବାହାର କରିବାକୁ ହେବ । ଜେଲ ହାବିଲଦାରର ହୁକୁମ ସେତେବେଳେ ବଡ଼ କଡ଼ା । ନିରୁପାୟରେ ଟାଣୁଥିଲି ସେତେବେଳେ ତେଲ ଘଣା ।

ଏସବୁ ଦୁଃଖକଷ୍ଟ ଭୋଗୁଥିଲି କେବଳ ତାର କଥା ଉପରେ ଆସ୍ଥା ରଖି ଏବଂ ବିଶ୍ୱାସ କରି । ଖରାରେ ତଣ୍ଟି ଶୁଖି କଠା ହୋଇ ଯାଉଥାଏ । ମୁଣ୍ଡରୁ ଝାଳ ବର୍ଷା ବରଷିଲା ପରି ଝରି ପଡୁ-

ଥାଏ । ଭାବୁଥାଏଁ ଏମିତକା ଛବିଟିକୁ ଅରେ ସେ ଦେଖି ଯାଅନ୍ତା କି ? ତାର ଜୀବନର କଳ୍ପିତ ଉଦ୍ଦେଶ୍ୟ ପୂରଣ ହୁଅନ୍ତା । ମନର ବାସନା ତାର ଠିକ୍ ମେଣ୍ଟନ୍ତା । ସବୁ ଆଶା ତାର ପୂରଣ ହୁଅନ୍ତା ନିଶ୍ଚୟ ।

ଫେର୍ ଭାବୁଥାଏଁ—ବୋଉ ଯାହା କହୁଥିଲା ସତକଥା । ଲୋକେ ଏମିତ ବାର କଥା କହି ନିଜ ସ୍ୱାର୍ଥ ହାସଲ ପାଇଁ ଛତେ ଚଲା ବାଟରୁ ଖସାଇ ଦେବେ ।

ଭାବିକଲା ବେଳେ ମୋର ଦୁଇଁ ହୋଇ ଅସୁଥାଏ । ଆଖିରୁ ଲୁହ ଝରଝର ହୋଇ ଗଡ଼ି ପଡୁଥାଏ । ଜେଲ୍ ଆସାମୀ ହୋଇ ପଶୁଙ୍କ ପରି ଟାଣୁଥିଲି ତେଲଘଣା । ମୋର ମନଟା ବେମାନିଆ ହୋଇ ଉଠୁଥିଲା । ସେ କ'ଣ ମୋ ସହିତ ତା ହେଲେ ପ୍ରତାରଣା କରୁଥିଲା ! କି ଉଦ୍ଦେଶ୍ୟ ନେଇ କି ସ୍ୱାର୍ଥ ନେଇ ଧାଇଁ ଆସି-ଥିଲା ମୋର ପାଖକୁ ? ସେ ନିଶ୍ଚୟ ଗୃହୁଁଥିଲା ମୋର ମଙ୍ଗଳ ମୋର ଶୁଭ । ତାର ଯୋଗୁ ଆମେ ଦୁନିଆରେ ବସା ବାନ୍ଧି ମଣିଷ ହୋଇ ରହି ପାରନ୍ତୁ । ମୁଁ ମଧ୍ୟ ଆଜି ମଣିଷ ହୋଇ ଦୁନିଆ ଆଗରେ ମୁଣ୍ଡଟେକି ବାଟ ଗୃଲନ୍ତି ।

ପୁଣି ସେ ମୋ ସହିତ କାହିଁକି ଏତେ ଅବିଶ୍ୱାସିତା କଲା ? ମୋରି ବେଳରେ ଛୁରୀ ଦେବାକୁ ଗଲା । ହାତେ ଗଢ଼ିଲି ଦେଉଳକୁ କେଇ କ'ଣ ନିଜେ ଭାଙ୍ଗି ଦେଇ ପାରେ ?

ଭଗବାନଙ୍କର ଉଦ୍ଦେଶ୍ୟ ହୁଏତ ଭିନ୍ନ ପ୍ରକାର । ସେ ଗୃହାନ୍ତି ନାହିଁ ଆମ ଦୁଇଜଣଙ୍କର ମିଳନ ଆଉ ସଂଯୋଗ । ସେଇଥି_ ପାଇଁ ସେ ଏତେ ବାଦ କରି ବସିଛନ୍ତି । । ବାଧା ବି ଦେଇଛନ୍ତି ସେ । ଏମିତ କେତେ ତେଜ ମୁଣ୍ଡ ଭିତରେ ଉଠୁ-ଥିଲା ପଡୁଥିଲା ମୋର ।

ବାହାର ଜଗତରୁ ସେତେବେଳେ ମୁଁ ବିଚ୍ଛିନ୍ନ ରହିଥିଲି । ସ୍ନେହମୟୀ ମାଆ ସହିତ ଦେଖା ହେବା ତ ଦୂରର କଥା ଟିକିଏ ହେଲେ ଖବର ସୁଦ୍ଧା ପାଇ ପାରୁ ନଥାଏ ତାର । କେତେ ଆଶଙ୍କା ଆଉ ଭୟ ମନ ଭିତରେ ମାଡ଼ି ଆସୁଥିଲା ଠିକ୍ ପୁଷମାସର ଶୀତ ଦିନିଆ ସକାଳେ କୁହୁଡ଼ି ଘୋଟିଗଲା ପରି । ଏମିତି କୋଡ଼ି ହାଣି/ତେଲ ଘଣା ପେଲି, ହଳକରି ବଗିଚା ସଫା କରି ପାଣି ବୋହି କଟାଇ ଦେଉଥିଲି ଜଣେ ଦାଗୀ ଆଉ ବନ୍ଦୀ ହୋଇ । ପୁରା ବର୍ଷଟିଏ କଟିଗଲା । ସେଇ ଲୁହା ଘେରା ଫାଟକ ଭିତରେ କେତେ ଦାଗୀ କେତେ ଖୁଣୀ ଆଉ କେତେ ଚୋରା ଅସାମୀଙ୍କ ମେଳରେ ।

କେତେ ଦାଗୀଙ୍କର ଦୁଃଖଭରା କାହାଣୀ ଆଉ କେତେ ଖୁଣୀଙ୍କର ହୃଦୟଛୁଆଁ ଜୀବନୀ ସବୁ ତାଙ୍କରି ଠାରୁ ପାଇଥିଲି ଶୁଣିବାକୁ । ଖାଇବାକୁ ନପାଇ ଛୁଆ ପିଲାଙ୍କର ତୁଣ୍ଡରେ ପେଜ ଟୋପେ ଦେବାପାଇଁ କିଏ କେମିତି କରିଥିଲା ଚୋରି ଏବଂ ଡକାୟତି ସେସବୁ ମୋର ପାଖରେ କହି ବସିଥିଲେ । ମତେ ତାଙ୍କର ସନ୍ତାନ ବୋଲି କୁଣ୍ଢାଇ ପକାଇ କେହି କେହି ମନର ସରଗଡ଼ା ମେଣ୍ଟାଇ ଥିଲେ ଏଇ ବର୍ଷକ ଭିତରେ ।

ବର୍ଷଟିଏ ପୁରିଗଲା । ଖଲାସ ହବା ଆଗଦିନ ମତେ ଜେଲର ଖବର ଦେଇଗଲେ କାଲି ଏଇ ଲୁହା ଶିକୁଳିଦିଆ ଉଚ୍ଚ ପାଚେରି ଭିତରୁ ବିଦାୟ ନେଇ ଖୋଲା ଦୁନିଆର ଫାଙ୍କା ଆକାଶ ତଳକୁ ଫେରି ଯିବାକୁ ପଡ଼ିବ । ଫୁଲ ବଗିଚା ତେଲ ଘଣା ମୋର କେତେ ସାଥି ହୋଇ ପଡ଼ିଥିଲେ ଏଇ ବର୍ଷଟିଏ ଭିତରେ—ପୁଣି ସେ ସବୁର ମୋର ଆଉ ବନ୍ଧନକୁ ଛୁଟାଇ ଦେଇ ଚାଲି ଯିବାକୁ ପଡ଼ିବ ?

ଖତରେ କାଦ ଲାଗୁନଥାଏ । କେତେ ରଙ୍ଗିନ ଛବି ମୋର ମନ ଭିତରେ ଚେଇଁ ଉଠୁଥାଏ । ବର୍ଷକ ପରେ ଏଇ ବନ୍ଧ ଶାଳାରୁ ମୁକ୍ତି ପାଇ କାଲି ଏଇ ଖୋଲା ଆକାଶ ତଳେ ଛିଡା ହେବାକୁ ପଡିବ । ମନରେ କେତେ ଆନନ୍ଦ ମୋର ।

ପୁଣି ଭାବୁଥାଏଁ—ଏଇ ବନ୍ଦରୁ ମୁକ୍ତ ହୋଇ କେଉଁଆଡେ ଯିବି—ଦୁନିଆଁରେ ମୋ ପାଇଁ ସ୍ଥାନ କେଉଁଠି ? ମୁଁ ଦାଗୀ ମୁଁ ଜେଲ ଫେରନ୍ତା । ଲୋକେ ମତେ ଦେଖି ନାକ ଟେକିବେ । ଘୃଣା କରିବେ । କେଇ ପାଖରେ ସ୍ଥାନ ଦେବେ ନାହିଁ । ପୁଣି ସମାଜରେ ମୋ ପାଇଁ ଯାଗା ନାହିଁ ।

ବୋଉ କୋଳକୁ ଫେରିଯିବି । ତାର ଛିଡା କାନିତଳେ ମୁହଁ ଲୁଚାଇ କଇଁ କଇଁ ହୋଇ କାନ୍ଦିବି । କ୍ଷମା ମାଗିବି ।

ସେ ମତେ ଆଦର କରିବ—ସ୍ନେହ କରିବ—ବୋଉ ଦେବା । କୋଳରେ ଯାକି ଧରିବ । ତାର ନରମ ହାତରେ ମତେ ଆଉଁସି ଦେବ । ମତେ ସେ ଘୃଣା କରିବ ନାହିଁ କି ଠେଲି ଦେବ ନାହିଁ । ମୋ ସହିତ ପ୍ରତାରଣା କରିବ ନାହିଁ କି ମତେ ଠକିବ ନାହିଁ ।

ମତେ ସେ ଭଲ ପାଇବ । ମୁଁ ତାର ରାସ୍ତାରେ ଯିବି । ତାକୁଇ ସନ୍ତୁଷ୍ଟ କରିବି । ତା' ମନରେ ଦୁଃଖ ଦେବି ନାହିଁ କି କଷ୍ଟ ଦେବି ନାହିଁ ।

ଫେର୍ ସେଇ କୁଲି ମଜଦୁରଅଙ୍କ ଅବର୍ଜନା ବସ୍ତିର ଭାଗବତ ଟୁଙ୍ଗିଟା ଦେଲେ ବେଳେ ନାଚି ଉଠୁଥିଲା ମୋର ମୁଣ୍ଡ ଭିତରେ । ତାକୁ ନୂଆକରି ନୂଆ ରୂପ ଦେଇ ନୂଆ ଆଦର୍ଶରେ କିପରି ଗଢିବି ଏଇକଥା ମଧ୍ୟ ଚିନ୍ତା କରୁଥାଏ । ଝିଅଙ୍କ ଜୀବନ ଧାରଣର ମାନଦଣ୍ଡ କିପରି ବଢିବ । ମାଗିଖିଅଙ୍କ

ସମାଜ ଉପରେ ଲୋପ ପାଇବ ଆଉ ଶେଷ ଦୈନ୍ୟକୁ ଉପରେ ଲୋକଙ୍କ ଆଗରୁ ଘୁଞ୍ଚାଇବାକୁ ପଡିବ ଏଇ ସମସ୍ୟା ଗୁଡିକ ଖାଲି ଗୋଟିକ ପରେ ଗୋଟିଏ ଆସି ମୋର ମୁଣ୍ଡ ଭିତରେ ଉଙ୍କି ମାରୁଥାନ୍ତି ।

ଖାଲି ସେଇକାନ୍ତା ସେଇ ଭାବନା ମଝିରେ ମଝିରେ ତାରି ଛାଇଛି, ଆସି ରାତି ଅଧରେ ଛାଇ ନିଦ ବେଳେ ସ୍ୱପ୍ନରେ କେତେ କଥା କହିଯାଏ ।

ଆଉ ବେଳେ ବେଳେ ମନେ ପଡି ଯାଉଥାଏ । ବୋଉ କଥା । ସିପାହୀ ମାନେ ଯେଉଁଦିନ ମତେ ଧରି ନେଇ ଯାଉଥିଲେ ଜେଲ ଭିତରକୁ । ସେ ମୂର୍ଚ୍ଛା ହୋଇ ପଡ଼ି ରହିଥିଲା କଚେରୀ ରାସ୍ତାରେ । ସେଇଦିନଠାରୁ ତାର ଆଉ ଖବର ମୁଁ ପାଇ ନଥିଲି । ମନରେ କେତେ ଆଶଙ୍କା ହେଉଥାଏ । ଭୟ ହେଉଥାଏ ମୋର ।

ସକାଳ ହେଲା । ପୂରବ ଦିଗରେ ସୁନ୍ଦର ଫାଟିଲା । କେତେ ଲୋକ କେତେ ନୂଆ ଭାବ ଧରି ଚେଇଁ ଉଠିଲେ ।, ମନ ମୋର ଉଦ୍‌ବେଗ ହୋଇ ଉଠିଲା ବୋଉ ପାଇଁ । ଚୋର ଡକାୟତ ଆଉ ଖୁଣୀ ଆସାମୀ କେତେ ନୂଆ ରୂପ ଧରି ଭରି ଦେଲେ ଜେଲ ଫାଟକ । କେତେ ମଧ୍ୟ ବାହାରି ଗଲେ ଜେଲ ଖାଲି କରି ନୂଆ ମନୋଭାବ ଧରି ।

ରାଜବନ୍ଦୀ ଆଉ ଅଠକା ବନ୍ଦୀଙ୍କ ପାଇଁ ଫୁଲ ମାଳ ଧରି ଆସିଥିଲେ ତାଙ୍କର ସହକର୍ମୀ, ଆଉ ଶୁଭାକାଂକ୍ଷୀ ଦଳ । ଚୋର ଡକାୟତଙ୍କୁ ପାଛୋଟି ନେବା ପାଇଁ ଆସିଥିଲେ ତାଙ୍କର ବନ୍ଧୁ ଏବଂ ସମ୍ପର୍କୀୟ ମାନେ । ମୁଁ ଥିଲି ସେତେବେଳେ ସବା ପଛରେ ।

ଲୁହା ଫାଟକ ଡେଇଁ ବାହାରି ଆସି ଛିଡା ହେଲି ପଦାରେ ।

ଦୀର୍ଘ ନିଶ୍ୱାସ ପକାଇ ଚାହିଁଗଲି ଏବେ ପରିବର୍ତ୍ତନଶୀଳ ଦୁନିଆ ଅଛି । କେତେ ବଦଳି ଯାଇଛି ଏଇ ଦୁନିଆର ଢଙ୍ଗରଙ୍ଗ ଚାଲିଚଳନ ବଦଳିଗଲା ଗୋଟିଏ ବର୍ଷ ଭିତରେ । ସେଇ ଆକାଶ ଅଛି—ସେଇ ସୂର୍ଯ୍ୟ ଅଛି ସେଇ ଚନ୍ଦ୍ର ଅଛି ଏବଂ ସେଇ ତାରା ଗୁଡ଼ାକ ଜୁଳୁ ଜୁଳୁ ହୋଇ ସେମିତି ଚାହିଁଛନ୍ତି । ଆଉ ଏଇ ମାଟିବି ସେମିତି ପଡ଼ି ରହିଛି । ଖାଲି ବଦଳି ଯାଇଛି ଏଇ ଲୋକଙ୍କ ଚାଲିଚଳନ କଥାବାର୍ତ୍ତା ଏବଂ ଚାକଚକ୍ୟତା । ବର୍ଷକ ତଳେ ଏଇ ରାସ୍ତାରେ ବୁଢ଼ା ରିକ୍ସା ବାଲା ଦୁଇଅଣା ପଇସା ପାଇଁ ଗୋଡ଼ରେ ଫଣ୍ଡିଆ ଜୋତା ଆଉ ମୁଣ୍ଡରେ ଛିଣ୍ଡା ପଗଡ଼ି ବାନ୍ଧି ଝାଳନାଳ ଅଣ୍ଡିଏ ହୋଇ ଘୋସାରି ଘୋସାରି ଟାଣି ନେଉଥିଲା । ଦୁଇ ମାଇଲ୍ ରାସ୍ତା ଦୁଇମହଣ ଓଜନର ଜିନିଷ ସାଙ୍ଗକୁ ଦୁଇଜଣ ସବାରି । ଆଜି ସେଇ ରାସ୍ତା ଉପରେ ସାଇକେଲ୍ ରିକ୍ସା ଚାଲିଛି ଅତି ସହଜରେ, ଅତି ଶସ୍ତାରେ ପେଁ ପାଁ କରି ଛୁଟାଇଛି ଗାଡ଼ି । ବୁଢ଼ା ରିକ୍ସା ବାଲା ଚିତ୍କାରେ ବାବୁ ! ବାବୁ ! କହି ପଛେ ପଛେ ଗୋଡ଼ାଇ ଶେଷକରେ ହାଲିଆ ହୋଇ ଝାଉଁଳା ପଡ଼ିଛି ଅଶ୍ୱତ୍ଥ ଗଛ ମୂଳେ ।

ଯେଉଁଠି ଧସେଇ କିରାସିନି ଦୀପ ମିଞ୍ଜି ମିଞ୍ଜି ହୋଇ ଜଳି ଅଧା ଅନ୍ଧାର ଅଧା ଆଲୁଅରେ ଦେଖାଉଥିଲା ରାସ୍ତା ସେଇଠି ଆଜି ତୋଫା ବିଜୁଳି ଆଲୁଅର ଝୁଣ୍ଟି । ଆଉ ଯେଉଁ ପଡ଼ିଆରେ ଖାରି ବୁଲା ଛତର ଖିଆଙ୍କର ବାସସ୍ଥଳୀ ଥିଲା ସେଇଠି ଆଜି ଗଢ଼ିଉଠିଛି ସୁନ୍ଦର, ସୁସଜ୍ଜିତ ମନୋହର ଦ୍ୱିତଳ ପ୍ରାସାଦ । ଆଖି ପିଛୁଳା ଖାଲି ପଡ଼ିଯାଉଥାଏ ଏଇ ଅଦଲ ବଦଲ ଦୁନିଆଁର ମନୋହରା ଛବି ଗୁଡ଼ିକ ଉପରେ ।

ମୁଁ ଜେଲର ଫାଟକ ଆଉ ଲୋକ ଗହଳିକୁ ଠେଲି ବାହାରି

ଆସିଲି ରାସ୍ତା ଉପରକୁ । ମୋର ବନ୍ଦୀ ଶାଳାର ଦାଢ଼ି ଅଭି-ହାମ୍ପୁଷ୍ଟ ବାଲ ସାଙ୍ଗକୁ ଛିଡ଼ା ଲେଙ୍ଗଡ଼ା ଜାମାଟାକୁ ଦେଖି କେଇଟା ବାଟବୁଲା ଖଣ୍ଡିଆ କୁକୁର ଭୋ ଭୋ କରି ଭୁକି ଆସିଥିଲେ ମୋର ଆଡ଼େ । ସେଇମାନେ ସମ୍ଭାଷଣ ଜଣାଇଥିଲେ ମତେ । ସେଇ ମାନେ ଅଭିନନ୍ଦନ କରିଥିଲେ ମତେ ।

ମୋ ପାଇଁ ଦୁଃଖ ପ୍ରକାଶ କରିବାକୁ ସେଠି କେହି ନଥିଲେ । କି ଦରଦ ହୃଦୟରେ ଲୁହ ଗଡ଼ାଇବାକୁ କେହି ନଥିଲେ । ମୁଁ ଥିଲି ମୋ ପାଇଁ ଏକୁଟିଆ ।

ଚାଲୁଥାଏଁ ଆଗକୁ । ଜୋରରେ ପାଦ ପକାଉଥାଏଁ । ପଛରେ କୁକୁର ଗୁଡ଼ା ଧାଉଁଥାନ୍ତି । ଆଗରେ ଗୋଟିଏ ସାଇକେଲ୍ ଘଣ୍ଟିର ଶବ୍ଦରେ ଚମକି ପଡ଼ିଲି । ଖଣ୍ଡିଏ ନେଳିଆ ଲଫାପା ବଢ଼ାଇ ଦେଇଗଲା ଗୋଟିଏ ଦରଶିଆ ହାତ । ଏଣେ କାମୁଡ଼ା କୁକୁର ଗୁଡ଼ାକ ଲାଗି ଆସୁଥିଲେ ମୋରଆଡ଼େ । ମନରେ ପୁଣି ଉଠୁଥାଏ କେତେ କ'ଣ । ଭୟରେ ଗୋଡ ପକାଉଥିଲି ଜୋର ଜୋର କରି । ସେଇ ଦରଶିଆ ଲୋକଟା ଦୂରେଇ ଗଲା ସାଇକେଲରେ । ଭାବନାର ଖିଅ ମୋର ଲାଗିଗଲା କେତେ । ଏପଟ ସେପଟ କରି ଲଫାପାଟାକୁ ଯେତେ ଦେଖିଲେ ବି କିଛି ସ୍ଥିର କରି ପାରୁ ନ ଥାଏଁ । ଅଗଣିତ କେତେ କଥା ସେତେବେଳେ ଗୋଟି ଗୋଟି ହୋଇ ନାଚି ଯାଉଥିଲା ମୋର ମନ ଭିତରେ । ତଥାପି ଲଫାପାଟାକୁ ଚିରି ଲମ୍ବା ଚିଠିଟାକୁ ସେତେବେଳେ ଗୃହଁ ଯାଉଥିଲି ଥରି ଥରି କରି ।

ପ୍ରାଣର ସାଥିରେ ମୋର—

ତୁ ମୋରପାଇଁ ଆଜି ଦୁନିଆ ଆଗରେ କଳଙ୍କିତ ହୋଇ ଘୃଣ୍ୟ ହୋଇ ଏବଂ ହେୟ ହୋଇ ବାହାରି ଆସିଛୁ ଜେଲ୍ ଫାଟକ

ଭିତରୁ । ଦିନେ ମୋର କଥା ଉପରେ ଭରସିଯାଇ ମୋର ଆଦର୍ଶକୁ ମାନି ନେବୁ ବୋଲି ଶପଥ କରିଥିଲୁ ମୋର ଆଗରେ । ମୁଁ ମଧ୍ୟ ତୋତେ ନିଜର କରି ନେଇ ତୋ ସହିତ ଗୋଡ଼ ଯୋଡ଼ି ଏହି ରୋଗ ଦୈନ୍ୟ ଭରା ଦୁନିଆ ଭିତରକୁ ବାହାରି ପଡ଼ିବି ବୋଲି ଶପଥ କରିଥିଲି । ସେଦିନ ମୁଁ ଏବଂ ଆଜିର ମୁଁ ଏହା ଭିତରେ ତୁ ବେଶ୍ ପ୍ରଭେଦ ଅନୁଭବ କରି ପାରୁଥିବୁ । ଆକାଶ ପାତାଳ ପରି ତଫାତ୍ ମଧ୍ୟ ବାରି ପାରୁଥିବୁ ।

କିନ୍ତୁ ମୁଁ ଯଦି ମୋର ଅନ୍ତର ଆତ୍ମାକୁ ଖୋଲି ଦେଖାଇ ପାରୁଥାନ୍ତି ତାହାହେଲେ ଆଜି ବେଶ୍ ଦେଖାଇ ଦିଅନ୍ତି ତତେ ଏବଂ ଏହି ପୂଜ ରକ୍ତ ଗଢ଼ା ମଣିଷ ସମାଜକୁ ଯେ ମୋର ଅନ୍ତର ଭିତରେ କାହାର ଛବି ନାଚୁଛି । ମନେ ପଡ଼ୁଥିବ ତୋର ରାମାୟଣ ଯୁଗର କଥା—ହନୁମାନ ଯେମିତି ତାର ପ୍ରଭୁ ରାମଚନ୍ଦ୍ରଙ୍କୁ ଦେଖାଇଥିଲା ତାର ହୃଦୟ ଚିରି । କିନ୍ତୁ ମୁଁ ମଣିଷ । ପୂଜ ରକ୍ତରେ ଗଢ଼ା ମୋର ଶରୀର ।

ତୁ ମୋର ପାଇଁ ଜେଲ ଭିତରେ ସହିଥିଲୁ ତେଲ ଘଣା ପେଲି କୋଡ଼ି ହାଣି ଆଉ ବଗିଚା ସଫା କରି । ମୁଁ ବେଶ୍ ଅନୁଭବ କରି ପାରୁଛି ସେ କଥା । କିନ୍ତୁ ମୁଁ କର୍ତ୍ତବ୍ୟ ଦୃଷ୍ଟିରୁ ତାହା କରିବାକୁ ବାଧ୍ୟ ହୋଇଥିଲି ।

ସେଦିନ ମୁଁ ଯଦି ନିଜ ହାତରେ ତୋର ଶଠ କୁ ବାପାଙ୍କୁ ବଢ଼ାଇ ଦେଇ ନ ଥାନ୍ତି ତାହାହେଲେ ତୁ ଆଜି ଲୋକ ଚକ୍ଷୁରେ ଘୃଣ୍ୟ ହୋଇ ନ ଥାନ୍ତୁ କିମ୍ବା ଗୃହଆଡ଼େ ବଦନାମ ହୋଇ ନଥାନ୍ତୁ । ମୁଁ ତୋର ଜୀବନର ଗତି ପଥରେ କଣ୍ଟକ ହୋଇ ଛିଡ଼ା ହୋଇଛି ବୋଲି ତୁ ନିଶ୍ଚୟ ଭାବୁଛୁ ।

ବାଧ ହୋଇଥିଲି ସେଇଦିନ ତାହା କରିବା ପାଇଁ । ଦୁଇଟି

ସମସ୍ୟା ସେଦିନ ମୋର ଆଗରେ ଥିଲା । ଗୋଟିଏ ପାଖରେ ତୁ—ଯାହାକୁ ଭଲପାଏ ଜୀବନ ଭରି ପ୍ରାଣ ଦେଇ ଏବଂ ସମସ୍ତ ଶକ୍ତି ଦେଇ । ଯାହା ପାଇଁ ମୋର ସବୁ କିଛି ହସି ହସି ଦାନ କରି ଦେଇ ପାରେ । ଯାହାର ମଙ୍ଗଳ କେବଳ ମୋର କାମ୍ୟ ମୋର ଲକ୍ଷ୍ୟ ଆଉ ମୋର ଉଦ୍ଦେଶ୍ୟ । ଆର ପାଖରେ ଥିଲା ମୋର ବାପ ମା ତାଙ୍କର ଆଭିଜାତ୍ୟ ତାଙ୍କର ଗର୍ବ ତାଙ୍କର ଅହଙ୍କାର ତାଙ୍କର ମାନ ସମ୍ମାନ ଓ ପରମ୍ପରାଗତ ବଂଶ ମର୍ଯ୍ୟାଦା ପୁଣି ତା ସଙ୍ଗକୁ ଧନର ଗର୍ବ ଆଉ ଗାରିମା ।

ସେ ମତେ ଜନ୍ମ ଦେଇଛନ୍ତି—ଲାଳନ ପାଳନ କରିଛନ୍ତି । ବଢେଇଛନ୍ତି । ଦୁନିଆରେ ମଣିଷ କରିଛନ୍ତି । ମୋର ମଙ୍ଗଳ ସେ ଚାହାନ୍ତି—ତା ବଦଳରେ ସେ ଦାବୀ କରନ୍ତି ତାଙ୍କର ପ୍ରଭୁତ୍ୱ ଏବଂ ତାଙ୍କର ଅଧିକାର ।

ତୁ ମତେ ଭଲ ପାଉ—ସ୍ନେହ କରୁ—ପ୍ରେମ କରୁ—ମୋ ପାଇଁ ତୁ ଧନ୍ଦ ହେଉ—ମୋ ପାଇଁ ତୁ ପାଗଳ ହେଉ—ମୁଁ ତାହା ଭଲେ ଭଲେ ଅନୁଭବ କରୁଛି ।

ଏଇ ଦୁଇଟି ସମସ୍ୟା ସେଦିନ ମୋର ଆଗରେ ବଡ଼ କାଳ ରୁପ ଧରି ଛିଡ଼ା ହୋଇଥିଲା । କେଉଁଟିକୁ ମୋର ପରିତ୍ୟାଗ କରିବାର କଥା ଏବଂ କେଉଁଟି ଗ୍ରହଣର ଯୋଗ୍ୟ ତାହାହିଁ ଥିଲା ମୋ ଜୀବନରେ ଗୋଟିଏ ଜଟିଳ ସମସ୍ୟା । ଏଇଥିପାଇଁ ବହୁ-ବାର ମୁଁ ଭଗବାନଙ୍କୁ ପ୍ରାର୍ଥନା କରିଛି କେବଳ ଏଇ ସମସ୍ୟାର ସମାଧାନ ପାଇଁ । ଆଲୋକର ରେଖାପାତ ପାଇଁ । ଧର୍ମଶାସ୍ତ୍ରରୁ ଜାଣିଥିଲି ବିପଦ ସମୟରେ ଭଗବାନଙ୍କ ଉପରେ ପୁରା ଆସ୍ଥା ରଖି ଖୋଲା ମନରେ ଡାକିଲେ ସେ ନିଶ୍ଚୟ ରାସ୍ତା ଦେଖାନ୍ତି । ସେତିକି ବେଳେ ମନରେ ମୋର ତେଇଁ ଉଠିଥିଲା ଅତୀତର ଭାରତୀୟ

ନାରୀଙ୍କର କଥା । ଡ୍ରୌପଦୀ ଆଉ ସାବିତ୍ରୀ ମଧ୍ୟ ବିପଦବେଳେ ଭଗବାନଙ୍କୁ ଡାକି ପାଇଥିଲେ ତାଙ୍କର ରାସ୍ତା । ମୁଁ ଭଗବାନଙ୍କ ଉପରେ ନିର୍ଭର କରି ସେଇ ରାସ୍ତା ଧରିଥିଲି ।

ଶେଷରେ ବାଧ୍ୟ ହୋଇଥିଲି ମୁଁ ତୋ ପ୍ରତି ଅନ୍ୟାୟ କରିବାକୁ । ତତେ ପର ବୋଲି ଭାବି ଏହା କରି ନାହିଁ । ଅତି ନିଜର ଓ ଆପଣାର ଭାବି ଏହା କରିଛି । ନିଜର ଆତ୍ମୀୟ କିମ୍ବା ସହୋଦରଙ୍କ ଠାରେ ହିଁ ଜୋର କରାଯାଏ—କ'ଣ ପର ଉପରେ କେହି କେବେ ଅଧିକାର ବିସ୍ତାର କରି ପାରେ ? ତୁ ଯଦିଓ ମୋର କୌଣସି ସମାଜଗତ କିମ୍ବା ସମ୍ପର୍କୀୟ ସମ୍ବନ୍ଧୀୟ ନୁହଁ ତଥାପି ମୋର ଅନ୍ତରରେ ତତେ ଏକାବେଳକେ ଚିରଦିନ ପାଇଁ ନିଜର କରି ନେଇଛି ଏକଥା କେବଳ ଭଗବାନଙ୍କୁ ଜଣା । ସେଇଥିପାଇଁ ମୁଁ ତୋ ଉପରେ ଅନଧିକାର ନୁହେଁ ପୂରା ଅଧିକାର ବଳରେ କରି ବସିଛି ଏଇଘଟଣା । ତୁ ସବୁବେଳେ ଏହାର ବିପରୀତଟା ଭୁଲ ଚିନ୍ତା କରୁଛୁ । ମୁଁ ତତେ ଠକିଦେଇଛି ବୋଲି ଭାବୁଛୁ—ମନରେ ଦୁଃଖ କରୁଛୁ । କିନ୍ତୁ ତୁ ଯଦି ଟିକିଏ ଗଭୀର ଚିନ୍ତା କରିବୁ ତାହାହେଲେ ବେଶ୍ ବୁଝି ପାରିବୁ ଯେ ମୋର ହୃଦୟ ପ୍ରକୃତରେ କ'ଣ ଚାହେଁ ।

ଯେ ଯାହାକୁ ନିର୍ମଳ ହୃଦୟରେ ଖୋଲା ମନରେ ଭଲପାଏ ପ୍ରେମ କରେ ସେ ତାହା ଉପରେ ଅପରର ମଙ୍ଗଳ ପାଇଁ ଯେତେ ଅତ୍ୟାଚାର ଆଉ ଅନ୍ୟାୟ କଲେ ମଧ୍ୟ ତାହା ପାପ ଆଉ ଦୋଷ ବୋଲି ଧରା ଯାଏ ନାହିଁ । ମୁଁ ତତେ କେତେ ହୃଦୟ ଦେଇ ଭଲ ପାଇଛି ତାହା କେବଳ ଭଗବାନଙ୍କୁ ଜଣା । ମୋର ସେଇ ଅଧିକାର ବଳରେ ବାପ ମାଆଙ୍କର ଧନର ଅଭିଳାଷ୍ୟ ଆଉ ବଂଶର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ତତେ

ଜେଲ ଫାଟକ ଭିତରକୁ ପଠାଇ ଦେବା ପାଇଁ ଟିକିଏ ହେଲେ କୁଣ୍ଠାବୋଧ କରନାହିଁ, ମୁଁ ଜାଣିଥିଲି ତୁ ବିନା ଦ୍ୱିଧାରେ ହସି ହସି ପଶିଯିବୁ ତା'ର ଭିତରକୁ କେବଳ ମୋର ପାଇଁ । ଏଇ କେବଳ ମହାମାୟା ଆକର୍ଷଣର ନିଦର୍ଶନ ନୁହେଁ କି ?

ତୁ ନିଜେ ଏ କଥା ଚିନ୍ତାକର । ନିଜେ ଭାବେ ଏବଂ ବିଚାରକର ମାଆର ନିଜ ପିଲାଉପରେ ଯେମିତି ଅଧିକାର ଅଛି ଆଉ କାହାର ସେ ଅଧିକାର ଥାଏ କି ? ସେ ଯେତେ ପିଲା ପ୍ରତି ଅନ୍ୟାୟ କଲେ ମଧ୍ୟ ଛୁଆ ଅଉ କଉଠି କ'ଣ କରେ ?

ତୁ ମୋର ଅନ୍ତରକୁ ଚିରି ଦେଖ । ମୋର ହୃଦୟକୁ ଖିନ୍ନଭିନ୍ନ କରି ଚାହଁ । ମୁଁ କଣ ଗୃହେ—କଣ ଲୋଡେ । ତୋ ପ୍ରତି ଅନ୍ୟାୟ କରିଛି କି ତତେ ମୋଠାରୁ ଦୂରେଇ ଦେଇଛି । ବରଂ ତତେ ଆହୁରି ନିବିଡ ଭାବରେ ବାନ୍ଧି ରଖି ତୋ ହୃଦୟକୁ ମୁଁ ଦଖଲ କରି ନେଇଛି ଏକଚାଟିଆ କରି । ମୁଁ ତୋଠାରୁ କେବେ ଅଲଗା ହୋଇ ଯାଉନାହିଁ ।

ତୁ ସେଦିନ ଚିଠିରେ ଲେଖିଥିଲୁ ମୁଁ ତତେ ଅଲଗା କରି ଦେଉଛି—ତୁ ଗରିବ ବୋଲି ତତେ ଘୃଣା କରୁଛି । ଏ ନିଆଁ-ଲଗା ସମାଜ ଭିତରେ ରହି କେବଳ କାଯ୍ୟିକ ଭାବରେ ତୋଠାରୁ ଟିକିଏ ଦୂରେଇ ଯାଇଛି ସତ କିନ୍ତୁ ମନ ଭିତରୁ ତତେ କେବେହେଁ ଉପାଡ଼ି ଦେଇ ନାହିଁ କିମ୍ବା ଦୂରେଇ ଦେଇ ନାହିଁ । ତୁ ଏମିତି ସବୁବେଳେ ଭୁଲ ବୁଝୁଛୁ କାହିଁକି ?

ଗୋଟିଏ ଶରୀର ଭିତରୁ ଆତ୍ମାକୁ କାଢ଼ିନେଲେ ସେ ଯାହା ହୁଏ—ତତେ ମୋ ଅନ୍ତର ଭିତରୁ ଅଲଗା କରିଦେଲେ ମୁଁ ସେଅବସ୍ଥା ଅନୁଭବ କରେ—ତୁ ଯେମିତି ମୋରି ଶରୀରର ଜୀବନୀ

ଶକ୍ତ । ଏହା ଭିତରେ ଯଦି ମୁଁ ଘୃଣା କରୁଛି ବୋଲି ତୁ ଭାବୁ ତାହାହେଲେ ମୁଁ ଦୁନିଆରେ ଭାଙ୍ଗି ପଡ଼ିବ ।

ତୋର ଟଙ୍କା ନାହିଁ—ତୁ ଗରିବ । ମୋ ସହିତ ସରସା ହୋଇ ପାରିବୁ ନାହିଁ । ଏଇ କଥା ସବୁବେଳେ ଭାବୁଛୁ । ଅପାର ଧନ ତୋର ହୁଅନ୍ତାକି । ଅଜସ୍ର ଟଙ୍କା ତୋର ହୁଅନ୍ତାକି । ଏଇ ସ୍ୱପ୍ନ ସବୁବେଳେ ଦେଖୁଛୁ । ତାକୁଇ ବଡ ମଣୁଛୁ । ମୁଖ୍ୟ ବୋଲି ଭାବୁଛୁ । ଭଲ ବି ପାଉଛୁ ।

ହୃଦୟକୁ ଚିହ୍ନୁ ନାହୁଁ । ଚିହ୍ନିଛୁ ଧନକୁ—ଟଙ୍କାକୁ । ଅସତ୍ୟ ପଦାର୍ଥକୁ—ସବୁ ଜଞ୍ଜାଳର ଆଧାରକୁ ଆଉ ସବୁ ଦୁଃଖ କଷ୍ଟର ମୂଳ କାରଣକୁ ।

ଧନ ଆଉ ମୁଁ—ଏହା ଭିତରେ କେଉଁଟା ତୋ ପକ୍ଷରେ ବଡ ? ମତେ ଭୁଲିଯାଇ ଟଙ୍କା ଉପରେ ମନ ବଳାଉଛୁ । ମୁଁ ଘୃଣ୍ୟ ଆଉ ଟଙ୍କା ତୋର ପୂଜ୍ୟ ? ମୁଁ ତତେ ଅନେକ ଥର କହୁଛି ଯେ ଧନ ପାଖରୁ ତୁ ଯେତେ ଦୂରେଇ ରହିବୁ ସେତେ ସୁଖ ଆଉ ଶାନ୍ତି ପାଇବୁ ।

ତୁ ଗରିବ ବୋଲି ଭାବୁଛୁ—କିନ୍ତୁ ତୁ ସୁଖୀ—ମୁଁ ବଡ ଲୋକ—ମୁଁ ଦୁଃଖୀ—ଯଦି ଆଜି ଏଇ ଅଭିଶପ୍ତ ଜୀବନ ନେଇ ମୁଁ ଦୁନିଆରେ ଜନମି ନ ଥାନ୍ତି ତାହାହେଲେ ମତେ ତୋ ପାଖରୁ କେହି ଅନ୍ତର କରି ଦେଇ ପାରନ୍ତେ ନାହିଁ । ମୁଁ ଯେ କି ଦୁଃଖ କି ସନ୍ତାପରେ ତୋଠାରୁ ଅଲଗା ହୋଇ ଯାଉଛି କେବଳ ତାହା ମତେଇ ଜଣା ।

ତେଣୁ ତୁ ମତେ ସବୁବେଳେ ଟଙ୍କା ଧନ ଦଉଲତର ମାପ କାଠିରେ କାହିଁକି ମାପୁଛୁ ?

ଏ ଚିଠି ତୋ ପାଖକୁ ଲେଖିଲା ବେଳେ ମୋ ହୃଦୟର

ଦୁଃଖ ଯେ କିପରି ସୀମା ଟପି ଯାଉଛି ତାହା ମୁଁ ଭାଷାରେ ଫୁଟେଇ ପାରୁନାହିଁ । ଏହା କେବଳ ମୋର ମନର ବେଦନା ।

ତୁ ଜେଲରୁ ଫେରିଲା ପରେ ତୋର ଏଇ ମଳିଛିଆ ଧାରଣା ଆହୁରି ସ୍ପଷ୍ଟ ହୋଇ ଯାଇଥିବ ଯେ ମୁଁ ତତେ ଠକୁଛି । ପ୍ରତାରଣା କରୁଛି । ତତେ ମୁଁ ଦୂରେଇ ଦେବାକୁ ଚାହେଁ—ତତେ ଘୃଣା କରେ ସେଇଥି ପାଇଁ ତତେ ଜେଲ ଦେଇଛି ।

କିନ୍ତୁ ତୁ ମତେ ଭୁଲ ବୁଝନା—ମୁଁ ତତେ ଠକି ନାହିଁ—ତତେ ପ୍ରତାରଣା କରି ନାହିଁ ଆଜି ବି ପୁଣି ତତେ ଅନ୍ତର ଖୋଲି କହୁଛି—ମୁଁ ତତେ ଭଲ ପାଏ ତତେ ପ୍ରେମ କରେ ଏବଂ ତୋର ଶରୀର ସହିତ ମିଶିଯାଇ ଏକ ହୋଇ ଯିବାକୁ ଚାହେଁ—

ସେଦିନର ଘଟଣା—ମୁଁ ତୋର ଚିଠି ପାଇ ତାକୁ ଦୁଇ ତିନିଥର ପଢ଼ିଲି । ଯେତିକି ପଢ଼ୁଥାଏ ସେତିକି ଦୁଃଖରେ ଭାଙ୍ଗି ପଡ଼ୁଥାଏ । ତୁ ଫେରେ ଏମିତି ମତେ ଭୁଲ ବୁଝିବୁ ବୋଲି କେବେ କଳ୍ପନା ସୁଦ୍ଧା କରି ନ ଥିଲି । ଚିଠିରେ ବହୁତ କଥା ଲେଖିଛୁ ସେ ସବୁ ମୋର ହୃଦୟରେ ଅଲିଭା ଦାଗ ପରି ଚିର ହୋଇ ରହିଛି ।

ତୁତ ଜାଣିଛୁ ଯେ ମତେ ଏ ପରିସ୍ଥିତିରେ କେତେଗୁଡ଼ିଏ ଆଇନ୍ କାନୁନ୍ ଭିତରେ ଚଳିବାକୁ ପଡ଼ୁଥିଲା । ତା' ଭିତରେ ପୁଣି କେତେ ଲୋକ ବାପାଙ୍କ ମୁଣ୍ଡରେ ଅସି କେତେ କଥା ପୁରାଇ ଦେଇ ଯାଉଥିଲେ । ତାଙ୍କର ଜଣେ ବନ୍ଧୁ ସେଦିନ ଆସି ଆମରି ସମ୍ବନ୍ଧ ନେଇ କେତେ କଥା କହିଗଲେ ତାଙ୍କରି ପାଖରେ—ମୁଁ ପରଦା ପଛରେ ରହି ବେଶ୍ ସବୁ ଶୁଣିବାକୁ ପାଉଥିଲି । କିନ୍ତୁ ମୋର ସେତେବେଳେ ଶକ୍ତି ନ ଥିଲା ଯେ ତାଙ୍କରି ଆଗରେ ଛିଡ଼ା

ହୋଇ ସେ ସବୁ କଥାର ପ୍ରତିବାଦ କରିବା ପାଇଁ। ତାଙ୍କୁ ପଥର କରି ବଧୀର କରି ସବୁ ଶୁଣିଯାଉ ଥାଏ। ମଝିରେ ମଝିରେ ସେ ଯେତେବେଳେ ଉତ୍ୟକ୍ତ ହୋଇ କହି ପକାଉ ଥାନ୍ତି—ସେଇ ଛତରଖିଆ ସେଇ ବାଙ୍ଗାଳଟୋକାଟାକୁ ପ୍ରଶ୍ରୟ ଦେଇଛୁ ତାର ପରିଣାମ ବଡ ଜଟିଳ ହେବ। ସେ ଦୁହିଙ୍କର ଏମିତିକା ଅବାଧ ମିଳାମିଶା ଭଲନୁହେଁ। ସେତିକିବେଳେ ମୋର ଦେହ ଶୀତେଇ ଉଠୁଥାଏ। ଗୋଡ ମୋର ଥରି ଉଠୁଥାଏ। ପୁଣି ସେ ଭଦ୍ରଲୋକ ଜଣିକ କହି ପକାଇଲେ ଆମର ସେଦିନର ଘଟଣା—ଯେଉଁ ଦିନ ଉତ୍କଳର ଚିର ଗୌରବ ଭଙ୍ଗାରୁଜା ବାରବାଟୀ ଦୁର୍ଗର ଭଗ୍ନାବଶେଷ ଉପରେ ବସି ତୁମେ ଲାଗି ଆସିଥିଲ ମୋରି ପାଖକୁ ତୁମରି ଭଙ୍ଗା ଆଶାଗୁଡିକୁ ଯୋଡ଼ି ଧରିବା ପାଇଁ ମୋରି ସହିତ, ସେତିକିବେଳେ ଚଇତିଆ ଚୈତ୍ର ବସନ୍ତର ଶିତ୍ରହସି ମଳୟ ଗୁପି ଗୁପି ଆସି ଆମରି ତମକା ହୃଦୟରେ କେତେ କଥା କହି ଯାଉଥିଲା। ସେଇଦିନ ଠିକ୍ ସେତିକି ବେଳେ ସେଇ ଭଦ୍ର ଲୋକଟି ଗୁହିଁ ରହିଥିଲେ ଆମରି ଅଦେଖା କେଉଁ ଗଛ ଉହାଡରେ ରହି। ସେଇ ଘଟଣାକୁ କେତେ ରୂପରେଖ ଦେଇ କେତେ ମିଛ ସତ ଯୋଡ଼ି କହି ଯାଉଥାନ୍ତି ବାପାଙ୍କ ପାଖରେ—

ସେତିକି ନୁହେଁ, ଏହାର ବହୁତ ପ୍ରମାଣ ପୋଲିସ ପାଖରେ ମିଳିବ ବୋଲି କହିଗଲେ।

ବାପାଙ୍କର ମୁହଁ ମଳିନ ପଡିଗଲା। କପାଳ ଉପରର ଚମଡା ମୋଡି ହୋଇ କେତେ ଭଙ୍ଗ ହୋଇଗଲା। ବର୍ତ୍ତୁଳ ମୁହଁ ତାଙ୍କର ଲୋଚ୍ଚି କୋଚ୍ଚି ହୋଇ ଗଲା।

ଗୁରୁଙ୍କର ହାତରେ ଉଠାଇ ପଠାଇଲେ ମତେ। ତାଙ୍କର ଏ ରୂପ ତାଙ୍କର ଏ ଭାବ ଏବଂ ତାଙ୍କର ଏ ଭଙ୍ଗି ମତେ ବଦଳାଇ

କରି ପକାଉ ଥିଲା । ସେ ମତେ ଜନ୍ମ ଦେଇଥିଲେ ଭଲ ପାଉଥିଲେ ଏବଂ ମୋର ଶୁଭ ତ ସେ ସବୁ ବେଳେ କାମନା କରୁଥିଲେ । ମୋର ମଧ୍ୟ ତାଙ୍କ ପ୍ରତି କିଛି କର୍ତ୍ତବ୍ୟ ଅଛି କରିବାକୁ । ଏଇକଥା ବିଚାର କରି ସବୁ ସ୍ନେହ ମମତା ଆଉ ନିଜସ୍ୱକୁ ଦୂରେଇ ଦେଲି କର୍ତ୍ତବ୍ୟ ଆଗରୁ । ମୁଣ୍ଡ ନଇଁ ଗଲା ହେଲି ତାଙ୍କର ଆଗରେ— ସେ ଦାବୀ କରିଥିଲେ ତୋର ଚିଠି ।

ମୁଁ ମନରେ କୌଣସି ଦ୍ୱିଧା ନକରି ବଢାଇ ଦେଇଥିଲି ତୋର ସେଇ ଚିଠି ଖଣ୍ଡିକୁ—ତା'ର ଫଳରେ ତୁ ଯାଇଥିଲୁ ଜେଲ—

ତୁ ମୋରପାଇଁ ଅପମାନିତ ଏବଂ ଘୃଣିତ । ବାଧ୍ୟ ହୋଇ-ଥିଲି କର୍ତ୍ତବ୍ୟର ଗୁପରେ ସେ ସବୁ କରିବାକୁ । ତା ବୋଲି ଯେ ମୋର ହୃଦୟ ତୋଠାରୁ ଅଲଗା ହୋଇଛି—ମୁଁ ତତେ ଭଲ ପାଏ ନାହିଁ । ଏହା କଦାପି ନୁହେଁ । ମୁଁ ତୋର ମଙ୍ଗଳ କାମନା କରେ । ଶୁଭ ମନାସେ । ତୋର ଉନ୍ନତି ଚାହେଁ । ତୋ ମୁହଁରେ ହସ ଦେଖିବାକୁ ଚାହେଁ । ସେଇଥି ପାଇଁ ଆଗରୁ କେତେଥର କହିଛି ଯେ ତୁ ଏମିତି କାମ କର ଯେପରିକି ଦୁନିଆରେ ସମସ୍ତଙ୍କ ହୃଦୟରେ ସବୁଦିନ ପାଇଁ ପୂଜା ପାଇବୁ । ଖାଲି ମୋ ହୃଦୟ କାହିଁକି ଅନ୍ୟ ମାନଙ୍କର ପୂଜ୍ୟ ହେବୁ । ଏତିକି ମୋର କାମନା ।

ତୁ କେବେ ଦୁଃଖ କରିବୁ ନାହିଁ । ଭାଙ୍ଗି ପଡ଼ିବୁ ନାହିଁ । ତୋର ଚଲା ବାଟରୁ ଗୋଡ଼ ଖସେଇବୁ ନାହିଁ ମୋ ପାଇଁ—ମୁଁ ଚାଲି ଯାଉଛି ଦୂରେଇ ଯାଉଛି ତୋର ଠାରୁ ଅଜୟ । କର୍ତ୍ତବ୍ୟର ଗୁପରେ ପଡ଼ି—ତତେ ଏକୁଟିଆ ଏ ଜୀବନ ଦୈନନ୍ଦିନ ଦୁନିଆ ଭିତରକୁ ଠେଲି ଦେଇ ଚାଲି ଯାଉଛି ସ୍ୱାମୀ କୋଳକୁ । ମୋର

ଅଛି ବିଭାଘର । ମୁଣ୍ଡରେ ସିନ୍ଦୁର ଆଉ ଓଢଣୀ—ହାତରେ କାଚ । ଗୋଟିଏ ହିନ୍ଦୁନାରୀର ଗହ୍ୱରଅ ହୃଦୟରେ ଯାହା ମୁଣ୍ଡ ଟେକିବାରେ ଏବଂ ତା'ର ଯାହା କର୍ତ୍ତବ୍ୟ ।

ମୋର ଏ ନୂଆ ରୂପ ଆଉ ନୂଆ ବେଶରେ ମଧ୍ୟ ତୋ ପ୍ରତି କେବେ ନୂଆ ମନୋଭାବ ଅଣିନାହିଁ । ଆଗରୁ ଯାହା ଥିଲାଅଛି ଠିକ୍ ସେଇଆ । ଟିକିଏ ହେଲେ ବଦଳି ନାହିଁ । ତୋତାରୁ ମଧ୍ୟ ମୁଁ ସେଇ ଆଶା ପୋଷଣ କରୁଛି ।

ମୁଁ ଆଜି ଗୋଟିଏ ବିବାହିତ ନାରୀ । ମୋର ସ୍ୱାମୀ ପ୍ରତି ଯାହା କର୍ତ୍ତବ୍ୟ ଏବଂ ଯେଉଁ ଭକ୍ତି ଦେଖାଇବାର କଥା ତାଙ୍କୁମଧ୍ୟ ଅକ୍ଷୁଣ୍ଣ ରଖିବି । ସେ ଆଜ ଗୋଟିଏ କର୍ତ୍ତବ୍ୟ ହୋଇ ମୋ ଆଗରେ ଛିଡା ହୋଇଛି ।

ତାଙ୍କୁ ମଧ୍ୟ ମୁଁ କେବେହେଲେ ଅବହେଳା କରିବି ନାହିଁ । ଆଜ ମୁଁ ତତେ ଯେଉଁ ପବିତ୍ର ହୃଦୟ ଦେଇ ଭଲ ପାଉଛି ସେ ମଧ୍ୟ ଚିରଦିନ ପାଇଁ ସେମିତି ରହିବ । ମଉଳିବ ନାହିଁ ସେ ସ୍ନେହ ସେ ଶ୍ରଦ୍ଧା ଅତୁଟ ରହିଥିବ ସବୁଦିନ ପାଇଁ ।

ତୁ ଯେଉଁ ଚିଠି ଲେଖିଥିଲୁ ସେଥିରେ ପାଗଳଙ୍କ ପରି ବହୁତ କଥା ଲେଖିଥିଲୁ । ଭଲପାଇବାର ପରିଣତି କେଉଁଠି ବୋଲି ଗୋଟିଏ ବିରାଟ ତଥ୍ୟ ମୂଳକ ପ୍ରଶ୍ନ ପଚାରିଥିଲୁ । ତୁ ନିଜେ କହ ଏହାର ଶେଷ କ'ଣ ବିଭା ହେବାରେ । ପ୍ରେମର ଅର୍ଥ କ'ଣ ଖାଲି ସଂଯୋଗ ।

ନା—ତା ନୁହେଁ । ସଂଯୋଗ ଆଉ ପ୍ରେମ । ଏଇ ଦୁଇଙ୍କ ଭିତରେ—ସଂଯୋଗ ହେଉଛି ସ୍ୱାର୍ଥ ପରତା ଏବଂ ପ୍ରେମ ହେଉଛି ପବିତ୍ର ଆଉ ନିସ୍ୱାର୍ଥ ପର ବସ୍ତୁର ଅଧାର । ସଂଯୋଗରେ ଉପ-ଭୋଗର ବାସନା ଥାଏ କିନ୍ତୁ ପ୍ରେମରେ କେବଳ ପ୍ରେମର

ସଂଯୋଗ ଥାଏ । ଅଉ ସଂଯୋଗର ଅର୍ଥ ନୁହେଁ ଶାରୀରିକ ସଂଯୋଗ । ହୃଦୟ ସହିତ ପବିତ୍ର ମନ ଅଉ ଆତ୍ମାର ମିଳନକୁ ପ୍ରେମର ସଂଯୋଗ କହନ୍ତି । ସେ ଶାରୀରିକ ଅଉ ଯୌନ ମିଳନଠୁ ବହୁତ ଦୂରରେ । ଆମର ହିନ୍ଦୁ ଶାସ୍ତ୍ରକୁ ଗଭୀର ଆଲୋଚନା କଲେ ଏହାର ଜ୍ୱଳନ୍ତ ପ୍ରମାଣ ମିଳେ । ରାଧା ଅଉ କୃଷ୍ଣଙ୍କର ମିଳନ ଶାରୀରିକ ସଂଯୋଗରେ ନୁହେଁ । ଏହା ପବିତ୍ର ହୃଦୟ ଏବଂ ନିର୍ମଳ ମନର ଆକର୍ଷଣରେ । ଏଇ ପବିତ୍ର ପ୍ରେମର ପରାକାଷ୍ଠା ହିନ୍ଦୁ ଜାତିର ଧର୍ମ ଗ୍ରନ୍ଥରେ ଦେଖିବାକୁ ମଧ୍ୟ ମିଳେ । ସେଇଥିପାଇଁ ସେମାନେ ଆଜି ଘରେ ଘରେ ଆଉ ହୃଦୟ ହୃଦୟରେ ପୂଜ୍ୟ ଏବଂ ନମସ୍ୟ ହୋଇଛନ୍ତି । ବାସ୍ତବିକ୍ ସେଇଠାରେ ମିଳେ ପବିତ୍ର ଶକ୍ତିର ଆଲୋକ ।

ଶାରୀରିକ ସଂଯୋଗରେ ମିଳେନାହିଁ ଶାନ୍ତି ଅଉ ମୁକ୍ତି । ଭୋଗ ବିଳାସର ସତ୍ତା ସେଇଠାରେ ମିଳେ । କାମନା ଅଉ ବାସନାର ପ୍ରଭୁତ୍ୱ ସେଇଠାରେ ଦେଖାଯାଏ । ଦୁଃଖ କଷ୍ଟର ସୀମା ସେଇଠାରୁ ଆରମ୍ଭ ହୁଏ । ଅଶାନ୍ତି ଏବଂ ଜଞ୍ଜାଳ ମଧ୍ୟ ଭିତରେ ପଶି ଛଟପଟ ହୁଏ ମଣିଷ । ରୋଗ ଦୈନତା ଦେଖା ଯାଏ । ଫଳରେ ପବିତ୍ର ଅଉ ଶାନ୍ତିମୟ ଜୀବନ ଧାର ନଷ୍ଟହୁଏ ।

ଅଉ ବିଶେଷ କିଛି ଲେଖି ପାରୁ ନାହୁଁ—ଦୁଃଖରେ ମୋର ହାତ ଭାଙ୍ଗି ପଡୁଛି । ତୁ ନିଜେ ଚିନ୍ତାକର—ନିଜେ ଭାବ ।

କଳ୍ପନାର ଦେବତା ମୋର—ମୁଁ ବେଶ ଅନୁମାନ କରୁଛି ତୁ କିପରି ଭାବରେ ଦିନ କାଟୁଥିବୁ । ମତେ ଛାଡ଼ି ତୁ ପାଗଳା କୁକୁରଙ୍କ ପରି ଏପଟ ସେପଟ ହେଉଥିବୁ । ହଉ ! ଭଗବାନଙ୍କ ଆମର ମିଳନ ଚାହାନ୍ତି ନାହିଁ । ସେ ପରସ୍ପର ଠାରୁ ଅଲଗା କରି ରଖି ଦୁଇଜଣଙ୍କ ହୃଦୟକୁ ପରୀକ୍ଷା କରିବାକୁ ଚାହାନ୍ତି । ଆମେ

ଗୋଟିଏ ବୃନ୍ତର ଦୁଇଟି ଫୁଲ ଏବଂ ଗୋଟିଏ ଅଗ୍ନିର ଦୁଇଟି ଶିଖା ପରି ।

ଗୋଟିକର ପତନରେ ଅନ୍ୟଟି ଯେପରି ଝାଉଁଳି ପଡେ ଠିକ୍ ସେମିତ ଆମର ଜୀବନରେ ଘଟିଲା ।

ମୋର ବିଚ୍ଛେଦରେ ତୁ ନଇଁ ପଡୁଛୁ । ମଉଳି ଯାଉଛୁ । ଭାଙ୍ଗି ପଡୁଛୁ । ହତ ଉତ୍ସାହ ହୋଇ ପଡୁଛୁ । ମୁଁ ତାହା ବେଶ୍ ଅନୁଭବ କରି ପାରୁଛି । ତୁ ତୋର କର୍ତ୍ତବ୍ୟ ପଥରୁ ପଛେଇ ଯାଉଛୁ ମୁଁ ବେଶ୍ ଅନୁମାନ କରି ପାରୁଛି । ତାହାଁକ ଏମିତ ହେଉଛୁ ? ପୂଜରକ୍ତ ଗଢା ଶରୀର ପାଇଁ ଏତେ ବ୍ୟସ୍ତ । ଏତେ ଚିନ୍ତା ତୋର ? ଛି—ସେ ସବୁକୁ ଦୂରେଇ ଦିଏ ମନ ଭିତରୁ । କାଢିଦିଏ ହୃଦୟ ଭିତରୁ—ଦେଖିବୁ କେତେ ସୁଖୀ ହେବୁ ତୁ ଅଉଶାନ୍ତି ପାଇବୁ ତୁ ।

ସେ ମିଳନ ଅସ୍ଥାୟୀ ଆଉ ସାମୟିକ । ଆତ୍ମା ସହିତ ଆତ୍ମାକୁ ମିଶାଇ ଦେଇ ଯଦି ଗୋଟିଏ ପବିତ୍ର ମନରେ ଆଉ ପବିତ୍ର ଆଦର୍ଶରେ ଗଢ଼ିବ । ଆମେ ଦୁହେଁ ତାହାହେଲେ ପ୍ରକୃତ ପ୍ରେମର ସନ୍ଧି ଅଟେ ସେଇଠି ପାଇବା ।

ମୁଁ ତତେ ଆଗରୁ କହିଥିଲି ଯେ ପ୍ରକୃତ ପ୍ରେମର ନିଦର୍ଶନ ତ୍ୟାଗ ପାଖରେ ଦେଖି ବାକୁ ମିଳେ । ଯେ ଯାହା ପ୍ରତି ଯେତିକି ତ୍ୟାଗ କରି ପାରିଛି ସେ ତାକୁ ସେତିକି ଭଲ ପାଇଛି । ବେଶ୍ ତୁ ଯଦି ମତେ ଭଲ ପାଉ ତୁ କ'ଣ ମୋର କଳ୍ପନାକୁ ଚୂରମାର କରିଦେବୁ ? ତାକୁ ତୁ ପୂରଣ କରିବୁ ନାହିଁ ? ମୋ ପାଇଁ କ'ଣ ଏତିକି ତୁ ତ୍ୟାଗ କରି ପାରିବୁ ନାହିଁ ? ସେଦିନ ସନ୍ଧ୍ୟାରେ ପରା ଭଗବାନଙ୍କର ସେଇ ରମଣୀୟ ସତ୍ତାକୁ ସାକ୍ଷୀ ଦେଇ କହିଥିଲୁ ଯେ ମୁଁ ତୋ ପାଇଁ ସବୁ କିଛି କରି ପାରିବ । ଅଜ କାହିଁକି

ନଂ...........
ତା...........

ତୁ ପଡ଼େଇ ଯାଉଚୁ ? ଭାଙ୍ଗି ପଡ଼ୁଚୁ ? ତୁ କ'ଣ ମତେ ହୃଦୟ ଦେଇ ଭଲ ପାଉ ନଥିଲୁ ? ମୁଁ ତ ଅନୁଭବ କରୁଥିଲି ତୋର ସବୁଶକ୍ତି ଦେଇ ତୁ ମତେ ଭଲ ପାଉଥିଲୁ ଆଦର କରୁଥିଲୁ ସ୍ନେହ କରୁଥିଲୁ । ପୁଣି ଆଜ କାହିଁକି ସେତିକି ତୁ ଦେବା ପାଇଁ ପ୍ରସ୍ତୁତ ନୁହଁ ।

ପୁଣି ଥରେ ମୁଁ ଆଜ ଏଠି ଲେଖୁଚି ମୁଁ ଚାହେଁ ତୋର ମଙ୍ଗଳ—ତୋର ଶୁଭ ଆଉ ତୋର ଭଲ । ତୁ ଭୁଲି ଯାଅ ଦୁନିଆର ଅବଳତାକୁ । ମନରୁ ପୋଛି ଦିଅ ସବୁ କୁଚିନ୍ତା ଗୁଡ଼ାକୁ ।

ଏ ବୁଭୁକ୍ଷିତ ଆଉ ଦୁଃଖ କଷ୍ଟ ଜର୍ଜରିତ ସମାଜର ଉନ୍ନତି ପାଇଁ ଚେଷ୍ଟାକର । ତୁ ସେଇ ଗଳାକଢ଼ ଭରା ମାଗି ଖିଆ ଆଉ ଖଟି ଖିଆଙ୍କ ଦୁଆରେ ଦୁଆରେ ବୁଲି ତାଙ୍କର ସେବାରେ ଯଦି ତୁ ଜୀବନକୁ ଉତ୍ସର୍ଗ କରିଦେବୁ ତାହାହେଲେ ମୋର କଳ୍ପନା ପୂରଣ ହେବ । ଜୀବନର ତୃଷ୍ଣା ମଧ୍ୟ ମେଣ୍ଟିବ ।

ମୁଁ ଏତିକି ତ୍ୟାଗ ତୋ ଠାରୁ ଚାହେଁ । ମୁଁ ମଧ୍ୟ ମୋର ହୃଦୟ ଖୋଲି ମନଭରି ଆଉ ଆତ୍ମା ଦେଇ ଭଗବାନଙ୍କ ନିକଟରେ ଖୋଲା ମନରେ ପ୍ରାର୍ଥନା କରୁଥିବି ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ତୋର ଶୁଭ ପାଇଁ—ତତେ ସେ ଠିକ୍ ରାସ୍ତାରେ କଢ଼େଇ ନେବେ—ଭବିଷ୍ୟତ ଆଲୋକର ରେଖା ନିଶ୍ଚୟ ଦେଖାଇବେ ।

ମୋର ଇଚ୍ଛା ଥିଲା ଆଶା ଥିଲା ତୋ ସହିତ ଅଣ୍ଟାଭିଡ଼ି ବାହାରି ପଡ଼ିବି ସେଇ କର୍ମମୟ କ୍ଷେତ୍ର ଉପରକୁ । ତୋର ସହିତ ନେସି ହୋଇ ତୋର ପାଖେ ପାଖେ ରହି ତୋର ମନରେ ନୂତନ ଜାଗରଣ ଦେଇ ତତେ ସେଇ କାର୍ଯ୍ୟରେ ସାହାଯ୍ୟ କରିଥାନ୍ତି । ତୋର ମନକୁ ଦେଇଥାନ୍ତି ଅସୀମ ପ୍ରେରଣା ।

ତୁ ମାଡ଼ି ଯାଇଥାନ୍ତୁ ଦେଶଭକ୍ତଗଣ୍ୟ ଆଉ ମଣା ମାନ୍ଥଠାରୁ ହୀନ ରୋଗଣା କାଙ୍ଗାଳ ପତିତଙ୍କ ସେବାରେ ଆଜ ମୁଁ ପ୍ରେମର ଅର୍ଘ୍ୟ ଧରି ସତ୍ୟର ଡ଼ାଲି ନେଇ ତୁମ୍ଭେ ବସିଥାନ୍ତ ତୋର ଅବଶ ଚରଣର ସେବାପାଇଁ। କିନ୍ତୁ ଭଗବାନ ମୋର ସେ ଆଶାକୁ ଅଙ୍କୁ ଭାଙ୍ଗି ଚୁଳ ଚୂରମାର କରି ଦେଇଛନ୍ତି—ସେ ଚାହାନ୍ତି ନାହିଁ ଆମ ଦୁଇ ଜଣଙ୍କର ମିଳନ। ସେ ଆମକୁ ଅଲଗା କରିଦେଇଛନ୍ତି ଆମର ହୃଦୟକୁ ପରୀକ୍ଷା କରିବା ପାଇଁ। ମୋର ଅନୁରୋଧ ତୁ ହତୋ-ତ୍ସାହ ନହୋଇ ସେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହ’ଅ।

ମୁଁ ରିକ୍ତହୋଇ ଯାଉଛି ବୋଲି ଭାଙ୍ଗି ପଡ଼ନାହିଁ ନଇଁ ଯାଅ ନାହିଁ। ତ’ଣ କରିବ ନାରୀର ଧର୍ମକୁ ପାଳନ କର ଏ ଧୂଳିଘର ଭାଙ୍ଗି ଦେଇ ଗୋଟିଏ ନୂଆ ସଂସାର ଗଢ଼ିବାକୁ ଯାଉଛି। ତୁ ମୋ ମନରେ ପ୍ରେରଣା ଦିଏ, ହୃଦୟରେ ଜାଗରଣ ଦିଏ। ମତେ ଆଶୀର୍ବାଦ କର ମୁଁ ଯେମିତି ମୋ କାର୍ଯ୍ୟରେ ସଫଳତା ଲାଭ କରେ।

ଅପୂରଣ ଆଶା ଧରି ଯାଉଛି। ତୁମ୍ଭେ ରହିଥିବ ସ୍ୱାମୀର କୋଳ ଭିତରେ ପଶି ତୋର ଅତେଜ। ଶୁଖିଲା ମନକୁ ଚେଇଁ ଉଠାଇବୁ ତୁ। ଦରମଳା କଳ୍ପନା ଗୁଡ଼ିକୁ ଜୀଅ ଦାନ କରିବୁ ଏବଂ ଭଙ୍ଗାରୁଜା ଆଶା ଗୁଡ଼ିକୁ ମୋର ଯୋଡ଼ି ଧରିବୁ। ଏଣିକି ଆଜି ବିଭା ବେଦିରେ ମୁଁ ତୋରଠାରୁ ଯୌତୁକ ଚାହେଁ—ଦେଇ ପାରିବୁ ନାହିଁ? ମୋର ମୁଣ୍ଡର ସିନ୍ଦୁର ଆଉ ହାତର ଶଙ୍ଖା ଦେଖି ଖୁସି ହେବୁନି?

କଳ୍ପନାର ସାଥିମୋର—ବିଶେଷ କିଛି ଲେଖିପାରୁ ନାହିଁ ଆଜି। ଜନ୍ମଦିନଠାରୁ ହୃଦୟ ଭିତରେ ଯେତିକି ଗୁପ୍ତି ରଖିଥିଲି ସବୁ ଆଜି ତୋର ଚରଣ ତଳେ ଥୁଆଡ଼ି ଦେଲି। ତୁ କିନ୍ତୁ ର

କର । ତୁ ତୋର ଲକ୍ଷ୍ୟ ସ୍ଥଳରେ ଆଗେଇ ଯାଅ । ମତେ ଆଶିର୍ବାଦ କର ।

ଏହା ଭିତରେ ମୁଁ ତୋ ବୋଉଙ୍କର ଖବର ପାଇନାହିଁ । କେବଳ ଲୋକଙ୍କ ଠାରୁ ଶୁଣିଥିଲି ସେ ଶଯ୍ୟାଶାୟୀ ହୋଇ ଗୃହେଁ ରହିଛନ୍ତି ତୋର ଫେରିବା ବାଟକୁ । ତୁ ଶୀଘ୍ର ଘରକୁ ଫେରି ଯାଅ । ସେ ସେ ଖୁସି ହେବେ କେତେ ଆନନ୍ଦ ହେବେ । ମନରେ ଦମ୍ଭ ବାନ୍ଧିବେ ଯେ ତାଙ୍କର ଜୀବନରେ ଗଡା ଚଗଲା ପୁଅଟା ଫେରି ଆସିଛି ତାଙ୍କର କୋଳକୁ ।

ହଜି ମୁଁ ରହିଲି—ତୋର ପୂଜାରେ—

ଇତି

ତୋର

ଶୁଭକାଂକ୍ଷୀ

—ସାଥୀ—

ଧାଇଁ ଯାଉଥାଏ ଜଣଙ୍କ ଆଡ଼େ । ମେଲିଙ୍ଗା କୁକୁର ଗୁଡା ମଧ୍ୟ ମତେ ପଛେ ପଛେ ଗୋଡାଉ ଥାନ୍ତି । ସହରର ବଜାର ଟୋକା ମଧ୍ୟ ପାଗଳ ବୋଲି ଭାବି କୁକୁର ଗୁଡ଼ାକୁ ମୋର ପଛରେ ଅଧୁର ଲଗାଇ ଦେଇ ଥାନ୍ତି । ସେମାନେ ଖୁଷ୍ଟା କରୁ ଥାନ୍ତି । ରହସ୍ୟ ଦେଖୁ ଥାନ୍ତି ।

ମୋର ମୁହଁ ସାମନାରେ ଥିଲା ସେଇ ନେଳିଆ ରଙ୍ଗିନ କାଗଜ ଖଣ୍ଡିକ । ତାକୁଇ ଧରି ହାତରେ [illegible] ବୋହିଭସ

[illegible]

ହୃଦୟରେ ଯାଉଥିଲା ସହରର ସେଇ କୋଳାହଳମୟ ରାସ୍ତା ଦେଇ । ଦୁଃଖ ଭାରରେ ଗୋଡ଼ ମୋର ଏଣେ ତେଣେ ହୋଇ ଟଳେଇ ପଡୁଥିଲା । ଅତୀତର ଦାଗଦିଆ ସ୍ମୃତି ଗୁଡ଼ିକ ଉପରେ ମନ ମୋର ଯାଞ୍ଚି ଯାଉଥିଲା । ଏଣେ ସୁନ୍ଦରୀ ଝୋଉର କାଙ୍ଗାଳିନୀ ରୂପଟା ଛାୟା ହୋଇ ଦେଖାଯାଉଥିଲା ମୋର ଆଖି ଆଗରେ । ମୁଁ ସେତେବେଳେ ନିସ୍ୱ ହୋଇ ଅତି ଦୁଃଖରେ ଧାଉଁଥାଏ ଗୋଟିଏ ପାଗଳଙ୍କ ପରି ।

ଠିକ୍ ବଜାର ଦେଇ ନଇବନ୍ଧ ଉପରକୁ ଉଠିଗଲା ବେଳେ, ସାମନାରେ ଗୋଟିଏ ମଟର ଖୁବ୍ ଜୋରରେ ଧାଉଁଥିଲା । ମୁଁ ପଡିଗଲି ତାର ସାମନାରେ—ଜୀବନକୁ ବଞ୍ଚାଇବାକୁ ଯାଇଁ ଏଣେ ତେଣେ ହୋଇ ଧାଇଁଲା ବେଳକୁ ଗାଡ଼ି ଆସି ଧକ୍କା ଦେଇଥିଲା ମୋ'ର ଉପରେ । ଯଦି ସେ ଚାଳକଟା ଖୁବ୍ ଧୁରନ୍ଧର ହୋଇ ନ ଥାଆନ୍ତା ତାହା ହେଲେ ମୋର ଶେଷ ନିଶ୍ୱାସ ସେଇଦିନ ସେଇ ମଟର ତଳେ ଗୁଣ୍ଡି ହୋଇ ଯାଇ ଥାଆନ୍ତା । ତଥାପି ସାମାନ୍ୟ ଧକ୍କାରେ ଗଡ଼ିପଡିଥିଲି ଖାଲିରାସ୍ତା ପଥରବନ୍ଧ ତଳକୁ । ମୁଣ୍ଡ ମୋର ଭଞ୍ଜି ପଥରରେ ବାଡ଼େଇ ହୋଇ ଫାଟି ଯାଇଥିଲା । ରକ୍ତ ଝର ଝର ହୋଇ ଗଡ଼ିପଡୁଥିଲା ମୋର ମୁଣ୍ଡରୁ । ସେଇ ନେଳିଆ କାଗଜ ଖଣ୍ଡି ହାତରେ ଗୁଡ଼ିଧରି ମୁଁ ଧାଇଁ ଯାଉଥାଏ ବୋଉ ପାଖକୁ । ଚଲି ପାରୁ ନ ଥାଏ—ତଥାପି ଉଠି ଜୋରରେ ଯାଉଥାଏ ତାର ପାଖକୁ ।

ସେଇ ବସ୍ତ୍ରର ଶେଷ ମୁଣ୍ଡ ଖଣ୍ଡିଏ ଘର ଭିତରେ—ଫାଙ୍କା ଗୁଳ ଅଉ ଓମଇ ଦରଜା ଭାଟେ ପିଟୁଥାଏ ଝୁଲୁଝୁଲିଆ ଅଣ୍ଡା

[illegible] ଅଞ୍ଚ ଲଚ୍ଛୁ

ପବନ । କାନ୍ଥ ପାଖକୁ ଲାଗି ଖଣ୍ଡେ ଛିଡା ଚଟେଇ ଉପରେ କେଇଖଣ୍ଡ କନାକୁ ଢାଙ୍କି ହୋଇ ତାର ଉପରେ ଶୋଇଥିଲି ସେଗଣା ମାଈଟା । ମୋର ଭାବନାରେ ମୋର ଚିନ୍ତାରେ ତାକୁ ହୋଇଥିଲି ଜର ।

ଲୁଗା କାନିକୁ ବେକରେ ଗୁଡାଇ ଦୁଇହାତ ଦୁଇଗୋଡକୁ ଯୋଡ଼ି କେତେ ସେ ଭଗବାନଙ୍କୁ ଡାକିଛି । ଦିଅଁଙ୍କ ଉପରେ ଫୁଲ ଚଢ଼େଇଛି । ନିଜେ ନ ଖାଇ ନ ପିଇ ସେ ଠାକୁରଙ୍କୁ ମାନଣା ଦେଇଛି ତାଙ୍କର ପାଖରେ ଭୋଗ କରିଛି । ଏ ସବୁ କରୁଥିଲି କେବଳ ମୋର ପାଇଁ । ମତେ ଖଲାସ କରିଦେଲେ ସେ ଆଖି ପୂରାଇ ଦେଖିବ ଏବଂ ତାର ଫାଙ୍କା କୋଳରେ ଯାକି ଧରି ଗାଲକୁ ଚୁମ୍ବନ କରିବ—ସ୍ନେହ କରିବ—ମୁଣ୍ଡରେ ବୋଲି ଦେବ ।

ତଥାପି ତାର ଡାକ ଭଗବାନ ଶୁଣିଲେ ନାହିଁ । ସେ ଅନ୍ଧର ପଥର ହେଲେ—ବଧିର ହେଲେ ।

ସାମନା ଘର ସେଇ ଅଭିଆଡି ଝିଅଟା—ଲୋକ ଯାହାକୁ ଆଦର କରେ—କୋଳ କରେ ଏବଂ ତାର ଭୋକିଲା ପେଟକୁ ପୂରଣ କରିବା ପାଇଁ ପଖାଳ କଂସାଏ ବାଢ଼ିଦିଏ—ସେଇ କେବେ କେବେ ଅସେ—ଜର ବାଧିକା ହେଲେ ଦେଖେ । ଦେହ ମୁଣ୍ଡରେ ହାତ ମାରିଦିଏ । ସାଗୁ ଚାଲି ଟିକେ କରି ଦିଆଇ ଦିଏ ।

ତାର ବିଛଣା ପାଖକୁ ଲାଗି ଗୋଟିଏ ଠେକିରେ ବାଲି ମୁନ୍ଦାଏ ରଙ୍ଗାହୋଇ ଥୁଆ ହୋଇଥିଲା । ଆଉ ପାଖରେ ଗୋଟିଏ ସିଲଭର

କୋଠାରେ ଉଷୁମ ପାଣି ଏବଂ ଗୋଟିଏ ଖଣ୍ଡିଆ ଗାମୁଛା ଥିଲା । ମୁଁ ବ୍ୟସ୍ତହୋଇ ପଶିଗଲି ଘରକୁ । ଆଶଙ୍କାରେ ଦବିଗଲା ମୋର ହୃଦୟ । ମୁଣ୍ଡର ଲହୁ ସାଙ୍ଗକୁ ଆଖିର ଲୁହ ଧାର ସମାନ ଭବ ବୋହି ଚାଲିଲା । ପାଖକୁ ଲାଗିଯାଇ ଆଉଜି ପଡ଼ିଥିଲି ତାର ଉପରକୁ । ବୋଉ ! "ମୋର ଦୋଷ କ୍ଷମାକର । ମୁଁ ତୋର ପାଖକୁ ଫେରି ଆସିଛି ।"

ଏମିତି କେତେ କଥା କହି ଯାଉଥିଲି—ସେ ଶୁଣୁ ନଥିଲା ମୋର କଥା ।

ପୁଣି କହୁଥିଲି—"ମୋ କଥା ଶୁଣିବୁ ନାହିଁ ? ମୁଁ ତୋର ହତଭାଗା ପୁଅ । ତୋର ଜୀବନର ସଙ୍ଗୀଟି—ଫେରି ଆସିଛି ତୋର କୋଳକୁ—ଥରେ ମୋର ଆଡ଼େ ଅନା । ଦେଖ ! ମୁଁ କ'ଣ ହୋଇଛି । ଜେଲରେ ନଡ଼ିଆ କତା ଛେଚି ଛେଚି ଆସିଛି—ତୁ ମତେ ଘୃଣା କରନାହିଁ—ସେ ମତେ ଠେଲି ଦେଇଛି ଦୂରକୁ—ତୁ ମତେ କୋଳକୁ ନେବୁନାହିଁ ? ତୁ ମୋର ପାଇଁ ଏତେ ପୂଜା କରୁଥିଲୁ ଏତେ ଦିଅଁ ଦେବତାଙ୍କୁ ଡାକୁଥିଲୁ କ'ଣ ମୋତେ ତୋର କୋଳରୁ ଅଲଗା କରି ଦେବାପାଇଁ ? ହେ ବୋଉ ! ମୁଁ ଆଉ କୁଆଡ଼େ ଯିବି ?

ତଥାପି ମୋର ଡାକ ତାର କାନରେ ପଡ଼ୁନଥିଲା । ସେତେ-ବେଳେ ମୁଁ ଭାବୁଥିଲି ସେ ରାଗ କରିଛି ମୋର ଉପରେ ।

ତା' ଉପରକୁ ଆଉରି ଢଳି ପଡ଼ି ଜୋରରେ ହଲାଇ ଦେଇ ପଚାରି କହୁଥିଲି—ବୋଉ ! "ତୁ ରାଗିଛୁ ? କାହିଁ ଏମିତିକା ତୁଁ

ଭ ଅଗରୁ ଧରେନ କେବେଁ ଲାଗିନଥିଲୁ ? ଯେତେ ଦୋଷ କଲେ କ୍ଷମା ଦେଇ ତୋରି ଜାଣିଉଲେ ଝାଙ୍କି ରଖି ଦେଲେ କଥା ବୁଝାଇ । ଅଜି କାହିଁକି ତୁ ଏମିତି ଅଭିମାନ କରୁଛୁ ? ଉଠ ! ତୁ ମତେ ତୋର ଛିଡ଼ା ପଣତଟରେ ଘୋଡ଼େଇକରି ତୋର ଦୁଃଖଭରା କୋଳ ଭିତରେ ଜାକିଧର ! ଆଜି ଯେତେ କଥା ଜାଣୁ ସବୁ ବୁଝାଇ ଦିଅ । ମୁଁ ଆଉ ତତେ ଛାଡ଼ି କେଉଁଆଡ଼େ ଯିବି ନାହିଁ । ତୁ ଥରେ ମତେ ଅନା—ଦୟା ହେଉନାହିଁ ତୋର ମନରେ—ବିକଳ ଲାଗୁନାହିଁ ତତେ ।' ଏତିକି କହିସାରି ତାର ନୁଖୁରା ବାଳ ଭିତରେ ହାତ ଦୁଇଟାକୁ ପୂରାଇ ଦେଇ ତାର ମୁହଁଟାକୁ ଲେଉଟାଇ ଦେଲି ଦେଲକୁ———

ସେ ସେତେବେଳକୁ ପଠଭ ଛାଡ଼ି ମୋର ଶୁଭମନାସୀ ମୋର ମଙ୍ଗଳ କାମନା କରି ଚାଲି ଯାଇଥିଲା ମୋଠାରୁ ବହୁ ଦୂରକୁ । ମୁଣ୍ଡରୁ ମୋର ଦୁଇବୁନ୍ଦା ଲହୁ ଆଉ ଆଖିରୁ ଦୁଇଟୋପା ଲୁହ ଗଡ଼ି ପଡ଼ିଥିଲା ତାର ମୁଣ୍ଡ ଉପରକୁ ।

ମୁଁ ସେତେବେଳେ ଭାବୁଥିଲି—ଦୁନିଆରେ ମୋର ଆଉ କିଏ ଅଛି । ବଞ୍ଚି ରହିବି କାହାପାଇଁ । ଧରେନ ଯାହାପାଇଁ ଗଢିଥିଲି କଳ୍ପନାର ତାଜମହଲ ଏବଂ ଭାବନା ରାଜ୍ୟରେ ଘୂରି ବୁଲି ଦେଖୁଥିଲି କେତେ ରଙ୍ଗିନ ସ୍ୱପ୍ନ ସେ ମତେ ଆଜି ଦୂରକୁ ଠେଲି ଦେଇଛି । ଯେଉଁ ମାଆ ମୋ ପାଇଁ ଏତେ ଦୁଃଖ କଷ୍ଟ ସହି ସ୍ନେହ ଶ୍ରଦ୍ଧା ଦେଇ ବଞ୍ଚାଇ ଆସିଥିଲା ମୋ'ର ଜୀବନକୁ ସେହି ଆଜି ମତେ ଏକୁଟିଆ କରି ଚାଲିଯାଇଛି ବହୁଦୂରକୁ । ଆଉ ଯେଉଁ ସାନ ଭଉଣୀଟାର ସ୍ନେହ ମମତା ମତେ ଦୁନିଆର

ଦୁଃଖ କଷ୍ଟରୁ ଅଲଗା ରଖି ମନରେ ମୋର କେତେ ଆନନ୍ଦର ଢେଉ ଖେଳାଉ ଥିଲା ସେ'ତ ବହୁତ ଆଗରୁ ଚାଲି ଯାଇଛି— ସମସ୍ତେ ମତେ ଛାଡ଼ି ଅଲଗା କରି ଦୁନିଆ ପଙ୍କିଳ ଭିତରକୁ ଠେଲି ଦେଇ ଛନ୍ତି ।

ମୁଁ ଏକୁଟିଆ—ମୁଁ ନିରାଶ୍ରୟ—ମୋର ବଞ୍ଚିବାର ଆଶା ନାହିଁ କି କାମନା ନାହିଁ—ମୋର ଚିନ୍ତା ବି ନାହିଁ—ମୁଁ ଏ ଦୁଃଖ ଜଞ୍ଜାଳ ମୟ ଦୁନିଆରୁ ଦୂରେଇ ଯିବାକୁ ଚାହେଁ । ମରଣକୁ ମୋର ଭୟ ନାହିଁ । ଏହା ଭିତରେ ଯେତେଦିନ ରହିଥିବି ପାପ କାମନା ଭିତରେ ଘାଣ୍ଟି ହେଉଥିବି ।

ସମସ୍ତେ ମତେ ଠକିଛନ୍ତି ଘୃଣା କରିଛନ୍ତି—ଛାଡ଼ି ମୋଠାରୁ ଅଲଗା ହୋଇ ଯାଇଛନ୍ତି । ମୁଁ ମଧ୍ୟ ଚାଲି ଯିବି ଏ ଦୁନିଆ ଭିତରୁ- -

ଏମିତି କେତେକଥା ମନରେ ଘୁରୁ ଘୁରୁ ହେଉଥିବା ମୋର ଜୀବନ୍ତ ହୋଇ ଉଠି ଥିଲା । ଡ଼ାଆଣି ହାତର ସେଇ ନେଳିଆ ରଙ୍ଗିନ କାଗଜ ଟାକୁ ମୋଡି ପକାଇ ଦେଲି ଟେବୁଲକୁ ଅଜାଣତରେ ନିଆଁ ଲଗା ସ୍ମୃତି ଗୁଡାକ ଛାପଣା ହୋଇ ଦେଖା ଯାଉଥିଲା ସେଇ କାଗଜ ଉପରେ———

ନଂ........
12 OCT 1958

ମୁଦ୍ରଣ—

କଳିଙ୍ଗ ମୁଦ୍ରଣୀ

୫ଏ, ନୂରମହମ୍ମଦ ଲେନ୍,

କଲିକତା-୯